# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

•VOLUME- 42 •ISSUE-325 •BHUBANESWAR •SATURDAY •24 MAY 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୨ •ସଂଖ୍ୟା-୩୨୫ •ଭୁବନେଶ୍ୱର •ଶନିବାର •୨୪ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




ଅର୍ଦ୍ଧଶତକରେ ଫୋର୍ଡଙ୍କ ବିଶ୍ୱ ରେକର୍ଡ

▶ପୃଷ୍ଠା ୧୨ ଦେଖନ୍ତୁ...


NEWTON COLLEGE OF +2 SCIENCE, SAMBALPUR — KNOWLEDGE IS POWER

# NEWTON COLLEGE OF +2 SCIENCE

NEWTON HIGHER SECONDARY SCHOOL OF SCIENCE

Permanently Recognised by the Govt. of Odisha & Affiliated to C.H.S.E., Odisha

## CHSE Results-2025 SCIENCE

| Rank | Name | Marks | % | 10th |
|---|---|---|---|---|
| 1 | MANAS | 570 | 95% | 93.6% |
| 2 | FIROZ | 567 | 94.5% | 91.8% |
| 3 | PARITOSH | 566 | 94.3% | 93.6% |
| 4 | PADMASHREE | 564 | 94 % | 87.17% |
| 4 | SUMANTA | 564 | 94 % | 87.3% |

| Name | Marks | % | 10th |
|---|---|---|---|
| RUCHISMITA | 559 | 93.17% | 92.8% |
| ASMIT | 559 | 93.17% | 91% |
| SOMANATH | 558 | 93% | 91.5% |
| SUGNYASHREE | 556 | 92.67% | 92.5% |
| PIYUSH | 555 | 92.5% | |
| ISHANT | 555 | 92.5% | 90.5% |
| SIDDHARTH | 554 | 92.33% | 91% |
| SAHIL | 554 | 92.33% | |
| SWADHIN | 551 | 91.83% | 91.8% |
| RITESH | 551 | 91.83% | 90 % |
| SANTOSHI | 549 | 91.5% | |
| KAUSHAL | 548 | 91.33% | 90 % |
| ANWESHA | 548 | 91.33% | |
| VENKAT RAMAN | 547 | 91.17% | 88 % |
| MUSKAN | 547 | 91.17% | 91 % |
| JIJNASA | 547 | 91.17% | 88.5% |
| ANKIT | 545 | 90.83% | 90 % |
| ADITYA | 545 | 90.83% | |
| ADHYAYAN | 545 | 90.83% | 76.6 % |
| JYOTISANKAR | 544 | 90.67% | 88.3 % |
| ADYASHA | 544 | 90.67% | 88.8 % |
| ABHIJIT | 544 | 90.67% | |
| ADARSH | 542 | 90.33% | 78.8 % |
| NABIN | 541 | 90.17% | 90 % |
| JANAKI | 541 | 90.17% | 85.8 % |
| DHABALESWAR | 540 | 90 % | |

IN CAMPUS SPECIAL PREPARATION FOR NEET & JEE (MAIN & ADVANCED)

A SCIENCE COLLEGE WITH ONLY CLASS - XI & XII FOCUSING ON INTEGRATED TEACHING FOR COUNCIL & DIFFERENT COMPETITIVE EXAMS

MATHEMATICS MARKS - 80 / 80 10 STUDENTS

CHSE RESULTS 2025

| | |
|---|---|
| Total Appeared | - 342 |
| 90% Marks & Above | - 31 |
| 500 Marks & Above | - 108 |
| 80% & Above | - 136 |
| 1st Division | - 319 (92%) |
| 2nd Division | - 21 |

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| 538 NEHA | 537 OMPRAKASH | 535 PRERANA | 535 ANKIT | 534 BANDITA | 534 SWARNALAXMI | 533 JASMIN | 532 DOLESWAR | 531 OJASHREE | 531 DIBYANJALI | 531 ARYAN | 530 RAJKUMAR | 530 PRATYUSH |
| 529 SUPRIYA | 529 NEHARANI | 529 ANSUMAN | 526 SRITTAM | 526 SOURAV | 526 SOHAN | 526 PREETIRANJAN | 525 SWAGAT | 525 DHARITRI | 525 ARNAP | 525 ANANYA | 524 SOURAV | 524 PRIYANSHI |
| 524 SOM | 524 BIJAYA | 522 TWINKLE | 522 DEBASMITA | 522 BIVASHREE | 521 ARCHITA | 520 SUJAL | 519 TINKU | 519 RAJAT | 519 PRIYANSHU | 518 SOHAM | 518 SAJAN | 518 ANKIT |
| 517 RISHITA | 517 KARISMA | 517 BIBEK | 517 BHAGYASHREE | 516 PRIYANKA | 516 DIPTEE | 516 DHANJAYA | 515 ABHIGYAN | 514 SANSKRUTI SANSHITA | 513 CHINMAYA | 512 ALOKA | 511 SUBHAM | 511 KABYANJALEE |
| 511 ANKIT | 510 SMUTEE MAYEE | 509 TOSHABANTA | 509 SMRUTI SNEHA | 509 CHARUSMITA | 509 CHANDRA SHEKHAR | 508 BIKASH | 507 SHREYAS | 507 SAGAR | 507 PRACHI | 507 MOUSUMI | 507 AYUSH | 506 ZINI |
| 505 SOUMYARANJAN | 505 PRATYUSH | 504 SMIT SMARAK | 504 KRISHNA | 504 DEBASHISH | 502 PRIYANKA | 502 PRAGNYARANI | 502 MAMISHA | 501 SNIGDHARANI | 500 PRATHAM | 500 SANCHITA | 500 RUPALI | |

Newton... Where The Heritage Of Fostering Intellectual Excellence Continues......

Debaipali, Majhipali Chowk, Sambalpur

99385 86082, 93373 01382, 95833 25666



## କୋଟାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା

# ରାଜସ୍ଥାନ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

■ କାହିଁକି ଜୀବନ ହାରୁଛନ୍ତି ଛାତ୍ରଛାତ୍ରୀ

■ ଆତ୍ମହତ୍ୟା ରୋକିବା ପାଇଁ କ'ଣ କରିଛ

ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): କୋଟାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲାକୁ ସୁପ୍ରିମକୋର୍ଟ ଅତ୍ୟନ୍ତ ଗୁରୁତର କହିଛନ୍ତି। ଏହାକୁ ନେଇ ଶୁକ୍ରବାର ରାଜସ୍ଥାନ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଜଷ୍ଟିସ ଜେବି ପାରଦୀୱାଲା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ପ୍ରଶ୍ନବାଣ ମାରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ କୋଟାରେ ୧୪ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କଲେଣି। ଏହାକୁ ନେଇ ରାଜ୍ୟ ସରକାର କ'ଣ କରୁଛନ୍ତି? ଖାଲି କୋଟାରେ ଛାତ୍ରଛାତ୍ରୀ କାହିଁକି ଆତ୍ମହତ୍ୟା କରୁଛନ୍ତି? ରାଜ୍ୟ ଭାବେ ଏହା ଉପରେ ବିଚାର କରିନାହାନ୍ତି କି? ଏଭଳି ମାମଲାକୁ ହାଲକାରେ କାହିଁକି ନେଉଛନ୍ତି? ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ରାୟକୁ ଅବମାନନା କରୁଛନ୍ତି। ପୁଲିସ ନିର୍ଦ୍ଦେଶ ପାଳନ କରୁନାହିଁ। ଆତ୍ମହତ୍ୟା ପରେ ଏତଲା ରୁଜୁ କାହିଁକି କରାଯାଉ ନାହିଁ? ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଗୁରୁତ୍ୱର ସହ ନେବା ଉଚିତ। ତୁରନ୍ତ ଏତଲା ରୁଜୁ କରି ଏଭଳି ମାମଲାର ତଦନ୍ତ କରିବା ଆବଶ୍ୟକ। ଏହାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ରାଜସ୍ଥାନ ସରକାରଙ୍କୁ ଜବାବ ମାଗିଛନ୍ତି। ଜୁଲାଇ ୧୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି। ଆଇଆଇଟି ଖଡଗପୁରରେ ୨୨ ବର୍ଷୀୟ ଛାତ୍ର ଏବଂ କୋଟାରେ ଜଣେ ମେଡିକାଲ ଆଶାୟୀଙ୍କ ଆତ୍ମହତ୍ୟା ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ଟିପ୍ପଣୀ ଦେଇଛନ୍ତି।

କୋର୍ଟ ଜାଣିବାକୁ ପାଇଥିଲେ ଯେ ଆଇଆଇଟି ଛାତ୍ର ଗତ ୪ ତାରିଖରେ ଆତ୍ମହତ୍ୟା କରିଥିବାବେଳେ ୪ ଦିନ ବିଳମ୍ବରେ ଏତଲା ରୁଜୁ କରାଯାଇଥିଲା। ଏହାକୁ ଖଣ୍ଡପୀଠ ଅତ୍ୟନ୍ତ ଗୁରୁତର କହିଥିଲେ। ଏତଲାରେ ବିଳମ୍ବକୁ ନେଇ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କୋର୍ଟ ଚେତାବନୀ ଦେଇଥିଲେ। ପୁଲିସ ଅଧିକାରୀଙ୍କ ବିରୋଧରେ ଅବମାନନା ମାମଲା ରୁଜୁ କରିବାକୁ କହିଥିଲେ। ଏହାର ଉତ୍ତରରେ ଏତଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଉଲ୍ଲେଖ କରିଥିଲେ। ପରେ ଆଇନ ଅନୁଯାୟୀ କାର୍ଯ୍ୟ କରିବାକୁ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଇଆଇଟି ଖଡଗପୁର କର୍ତ୍ତୃପକ୍ଷ ଏବଂ ପୁଲିସ ଅଧିକାରୀଙ୍କ ଉତ୍ତରରେ ସୁପ୍ରିମକୋର୍ଟ ସନ୍ତୁଷ୍ଟ ହୋଇ ନ ଥିଲେ। ସେହିପରି କୋଟା ମାମଲାରେ ଛାତ୍ର କୋଚିଂ କେନ୍ଦ୍ର ପକ୍ଷରୁ ପ୍ରଦତ୍ତ ରୁମ୍ ଛାଡ଼ି କାହିଁକି ଘରେ ରହୁଥିଲେ ବୋଲି ସୁପ୍ରିମକୋର୍ଟ ପଚାରି ଥିଲେ। ଖଣ୍ଡପୀଠ କହିଥିଲେ ଯେ ଏତଲା ରୁଜୁ କରି ତଦନ୍ତ କରିବା ପୁଲିସର କାମ। ଏହି କ୍ଷେତ୍ରର ଥାନା ଅଧିକାରୀ ନିଜ କର୍ତ୍ତବ୍ୟ ସମ୍ପାଦନରେ ବିଫଳ ହୋଇଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ସେ ପାଳନ କରିନାହାନ୍ତି। ଏହାକୁ ନେଇ କୋଟା ଥାନାର ଅଧିକାରୀଙ୍କୁ ସୁପ୍ରିମକୋର୍ଟ ସମନ ଜାରି କରିଛନ୍ତି। ଜୁଲାଇ ୧୪ରେ ତଥ୍ୟ ସହିତ ଉପସ୍ଥିତ ହେବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



### ମାତୃତ୍ୱ ଛୁଟି ମହିଳାଙ୍କ ପ୍ରଜନନ ଅଧିକାରର ଅବିଚ୍ଛେଦ୍ୟ ଅଙ୍ଗ

ନୂଆଦିଲ୍ଲୀ: ସୁପ୍ରିମକୋର୍ଟ ଶୁକ୍ରବାର ଐତିହାସିକ ରାୟ ଦେଇଛନ୍ତି। ମାତୃତ୍ୱ ଛୁଟି ମହିଳାଙ୍କ ପ୍ରଜନନ ଅଧିକାରର ଅବିଚ୍ଛେଦ୍ୟ ଅଙ୍ଗ। ଏହା ପ୍ରଜନନ ଅଧିକାରର ଗୁରୁତ୍ୱପୂର୍ଣ୍ଣ ଅଂଶ ମଧ୍ୟ। ମହିଳାଙ୍କୁ ମାତୃତ୍ୱ ଛୁଟି ଦେବାରେ କୌଣସି ପ୍ରତିଷ୍ଠାନ ମନା କରିପାରିବେ ନାହିଁ ବୋଲି ଜଷ୍ଟିସ ଅଭୟ ଏସ ଓକା ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୂଇଁଆଙ୍କ ଖଣ୍ଡପୀଠ କହିଛନ୍ତି। ତାମିଲନାଡୁର ଜଣେ ମହିଳା ଶିକ୍ଷକ (ସରକାରୀ) ଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ପ୍ରଥମ ବିବାହରୁ ୨ଟି ସନ୍ତାନ ଥିବାରୁ ଦ୍ୱିତୀୟ ବିବାହରେ ସନ୍ତାନ ଜନ୍ମ ସମୟରେ ଏହି ମହିଳାଙ୍କୁ ଛୁଟି ଦେବାକୁ ମନା କରିଦିଆଯାଇଥିଲା। ତେବେ ତାମିଲନାଡୁରେ କେବଳ ଦୁଇଟି ସନ୍ତାନ ପାଇଁ ମାତୃତ୍ୱ ଛୁଟି ଦେବାର ନିୟମ ରହିଛି। କିନ୍ତୁ ଏହି ମହିଳା ପ୍ରଥମ ଦୁଇ ସନ୍ତାନ ପାଇଁ କୌଣସି ଛୁଟି ନେଇ ନ ଥିଲେ। ଏହା ଜାଣିବା ପରେ ସୁପ୍ରିମକୋର୍ଟ ମାତୃତ୍ୱ ଛୁଟିର ପରିସର ବୃଦ୍ଧି କରିଥିଲେ। ଏବେଠାରୁ ମାତୃତ୍ୱ ଛୁଟି ପ୍ରଜନନ ଅଧିକାରର ଅଂଶ ହେବ ବୋଲି କହିଥିଲେ।

■ ଅପରେସନ ବାଲାକୋଟରେ ସାମିଲ ଥିଲେ ମହିଳା ଅଧିକାରୀ

## ଅବସର ନ ଦେବାକୁ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ଅପରେସନ ବାଲାକୋଟ ଏବଂ ସିନ୍ଦୂରରେ ସାମିଲ ଜଣେ ମହିଳା ଅଧିକାରୀଙ୍କୁ ଚାକିରିରୁ ବାହାର ନ କରିବା ପାଇଁ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାର ଏବଂ ଭାରତୀୟ ବାୟୁସେନାକୁ କହିଛନ୍ତି। ସୁଚିନ୍ତିତ ନୀତି ପ୍ରଣୟନ ନ କରିବା ଯାଏ ଏପରି କରିବା ଉଚିତ ନୁହେଁ ବୋଲି କହି ଅଗଷ୍ଟ ୬ ପର୍ଯ୍ୟନ୍ତ ଏହା ଉପରେ କଟକଣା ଲଗାଇ ଦେଇଛନ୍ତି। ଏହି ଦିନ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ତେବେ ସର୍ଟ ସର୍ଭିସ କମିଶନ (ଏସଏସସି)ର ଏହି ମହିଳା ଅଧିକାରୀଙ୍କୁ ସ୍ଥାୟୀ କମିଶନ ଦେବାକୁ ମନା କରିଦିଆଯାଇଥିଲା। ସ୍ଥାୟୀ କମିଶନ ଦେବାରେ ଭେଦଭାବ କରାଯାଇଛି ବୋଲି ୱିଙ୍ଗ କମାଣ୍ଡର ନିକିତା ପାଣ୍ଡେ ଦାବି କରିଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଏନ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଏହା ଉପରେ କେନ୍ଦ୍ର ଏବଂ ଆଇଏଏଫଙ୍କୁ ଜବାବ ମାଗିଛନ୍ତି। ଆଇଏଏଫ ଏକ ବୃତ୍ତିଗତ ବାହିନୀ। ସେବାରେ ଅସ୍ଥିରତା ରହିବା ଏଭଳି ଅଧିକାରୀଙ୍କ ପାଇଁ ଶୋଭନୀୟ ନୁହେଁ। ଆମ ବାୟୁସେନା ବିଶ୍ୱର ପ୍ରମୁଖ ସଙ୍ଗଠନ ମଧ୍ୟରୁ ଅନ୍ୟତମ। ଅଧିକାରୀଙ୍କ ଯୋଗଦାନ ପ୍ରଶଂସନୀୟ। ସେମାନେ ଯେଉଁ ଭଳି ସମନ୍ୱୟ ଦେଖାଇଛନ୍ତି ତାହା ଅତୁଳନୀୟ। ଆମେ ସବୁବେଳେ ତାଙ୍କୁ ସାଲ୍ୟୁଟ କରୁଛୁ। ସେମାନେ ଦେଶର ସବୁଠୁ ବଡ଼ ସମ୍ପତ୍ତି। ଗୋଟିଏ ଦୃଷ୍ଟିରୁ ସେମାନେ ରାଷ୍ଟ୍ର ଭଳି। ତାଙ୍କ ପାଇଁ ଆମେ ଶାନ୍ତିରେ ଶୋଇପାରୁଛୁ। ନିଯୁକ୍ତି ପରେ ଏସଏସସି ଅଧିକାରୀଙ୍କ କଠିନ ଜୀବନ ଆରମ୍ଭ ହୋଇଥାଏ। ୧୦ରୁ ୧୫ ବର୍ଷ ପରେ ତାଙ୍କୁ ସ୍ଥାୟୀ କମିଶନ ମିଳିଥାଏ। ଏହି ଦୃଷ୍ଟିରୁ ଅସ୍ଥିରତା ସଶସ୍ତ୍ର ବାହିନୀ ପାଇଁ ଶୋଭନୀୟ ନୁହେଁ। ଏହା ଜଣେ ସାଧାରଣ ନାଗରିକଙ୍କ ପ୍ରସ୍ତାବ, କାରଣ ଆମେ ବିଶେଷଜ୍ଞ ନୋହୁଁ। ଏଥି ପାଇଁ ଧାର୍ଯ୍ୟ ସର୍ବନିମ୍ନ ମାନଦଣ୍ଡରେ କୌଣସି ସାଲିସ କରାଯାଇପାରିବ ନାହିଁ।

ଅଧିକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ମେନକା ଗୁରୁସ୍ୱାମୀ କହିଥିଲେ ଯେ ତାଙ୍କ ମହକିଲ ଲଢୁଆ ବିମାନ ନିୟନ୍ତ୍ରକ ବିଶେଷଜ୍ଞ। ସେ ବିଶେଷଜ୍ଞ ଭାବେ ଇଣ୍ଟିଗ୍ରେଟେଡ ଏୟାର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ (ଆଇଏସିସିଏସ)ରେ ସାମିଲ ହୋଇଥିଲେ। ଅପରେସନ ସିନ୍ଦୂର ଏବଂ ବାଲାକୋଟରେ ଏହାକୁ ମୁତୟନ କରାଯାଇଥିଲା। ୧୩.୫ ବର୍ଷ କାର୍ଯ୍ୟ କରିବା ସତ୍ତ୍ୱେ ତାଙ୍କୁ ୨୦୧୯ରେ ସ୍ଥାୟୀ କମିଶନ ଦେବାକୁ ମନା କରିଦିଆଯାଇଥିଲା। ଏହାର ମାସେ ପରେ ଚାକିରି ଛାଡିବାକୁ ଚାପ ପକା ଯାଇଥିଲା। ଏହି ଅଧିକାରୀ ଲଢୁଆ ବିମାନ ନିୟନ୍ତ୍ରକ ତାଲିକରେ ଦେଶରେ ଦ୍ୱିତୀୟ ସ୍ଥାନରେ ଥିଲେ। ତେବେ କେନ୍ଦ୍ର ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ କହିଥିଲେ ଯେ ସ୍ଥାୟୀ କମିଶନ ଦେବା ପାଇଁ ଚୟନ ବୋର୍ଡ ତାଙ୍କୁ ଅଯୋଗ୍ୟ ପାଇଥିଲା।

## ତୃତୀୟ ଥର କ୍ଷମା ମାଗିଲେ ମନ୍ତ୍ରୀ ବିଜୟ ଶାହା

ଭୋପାଳ, ୨୩।୫ (ଏଜେନ୍ସି): ଭାରତୀୟ ସେନାର କର୍ଣ୍ଣେଲ ସୋଫିଆ କୁରେସୀଙ୍କୁ ପ୍ରତି ଅପମାନଜନକ ଟିପ୍ପଣୀ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହା ପୁଣି କ୍ଷମା ମାଗିଛନ୍ତି। ଏହା ଭାଷାଗତ ଭୁଲ ଥିଲା ବୋଲି କହିଛନ୍ତି। ଏଥିପାଇଁ ସେ ଭଉଣୀ ସୋଫିଆ ଏବଂ ଦେଶବାସୀଙ୍କୁ କ୍ଷମା ମାଗୁଥିବା ଉଲ୍ଲେଖ କରିଛନ୍ତି। ସେ ଶୁକ୍ରବାର ଏକ ଭିଡିଓ ଜାରି କରି ଏହି କ୍ଷମା ପ୍ରାର୍ଥନା କରିଛନ୍ତି। କାହାକୁ ଆଘାତ ଦେବା ଉଦ୍ଦେଶ୍ୟ ନ ଥିଲା ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଏବେ ତାଙ୍କ ମାମଲା ସୁପ୍ରିମକୋର୍ଟରେ ଚାଲିଛି। ତାଙ୍କ କ୍ଷମା ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଅଗ୍ରାହ୍ୟ କରିଦେଇଛନ୍ତି।

## ଇସ୍ରାଏଲ ଆକ୍ରମଣ କଲେ ଆମେରିକାକୁ ଦାୟୀ କରିବ ଇରାନ

ତେହରାନ୍, ୨୩।୫ (ଏଜେନ୍ସି): ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ଏବଂ ଇରାନ ମଧ୍ୟରେ ବିଗତ କିଛି ମାସ ହେଲା ଉତ୍ତେଜନା ଲାଗି ରହିଛି। ବିଶେଷକରି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଏହି ପ୍ରସଙ୍ଗକୁ ନେଇ ଉଭୟ ଦେଶ ମଧ୍ୟରେ ବିବାଦ ବଢିବାରେ ଲାଗିଛି। ତେବେ ଓମାନ ମଧ୍ୟସ୍ଥତାରେ ଇରାନ ଏବଂ ଆମେରିକା ମଧ୍ୟରେ ରୋମ୍‌ରେ ବୈଠକ ହେବାକୁ ରହିଥିଲା ବେଳେ ଇରାନ ପକ୍ଷରୁ ଆମେରିକା ପ୍ରତି ଚେତାବନୀ ଜାରି କରାଯାଇଛି। ଯଦି ଇସ୍ରାଏଲ ଇରାନର ପରମାଣୁ ଠିକଣା ଉପରେ ଆକ୍ରମଣ କରେ ଏଥିପାଇଁ ଆମେରିକା ଦାୟୀ ରହିବ ବୋଲି ଇରାନ ବୈଦେଶିକ ମନ୍ତ୍ରୀ ଆବାସ୍ ଅରାଗଚ୍ଛି ଗୁରୁବାର ସ୍ପଷ୍ଟ କରିଛନ୍ତି। ଇରାନ ଉପରେ ଆକ୍ରମଣ କରିବାକୁ ଇସ୍ରାଏଲ ପ୍ରସ୍ତୁତ ହୋଇସାରିଛି ବୋଲି ଆମେରିକୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ଇରାନ ଆମେରିକା ପ୍ରତି ଏଭଳି ଟିପ୍ପଣୀ ଜାରି କରିଛି। ଏହାଛଡ଼ା ଇସ୍ରାଏଲ ଆକ୍ରମଣ କଲେ ଇରାନ ପକ୍ଷରୁ ମଧ୍ୟ ଦୃଢ ଜବାବ ଦିଆଯିବ ବୋଲି ଅରାଗଚ୍ଛି କହିଛନ୍ତି।

## ମୁନିରଙ୍କୁ ରାଜା ଉପାଧି ମିଳିଥିଲେ ଭଲ ହୋଇଥାଆନ୍ତା: ଇମ୍ରାନ୍

ଇସ୍‌ଲାମାବାଦ୍, ୨୩।୫ (ଏଜେନ୍ସି): ଭାରତର ଅପରେସନ ସିନ୍ଦୂର ପରେ ପାକିସ୍ତାନ ସରକାର ସେନାଧକ୍ଷ ଆସିମ ମୁନିରଙ୍କୁ ପଦୋନ୍ନତି ଦେବା ସହିତ ଫିଲ୍ଡ ମାର୍ଶାଲ ଭଳି ସର୍ବୋଚ୍ଚ ସେନା ଉପାଧିରେ ଭୂଷିତ କରିଥିଲେ। ଭାରତର ଆକ୍ରମଣକୁ ପ୍ରତିହତ କରିବା ଦିଗରେ ମୁନିର ବହୁ ସଫଳତା ହାସଲ କରିଥିବାରୁ ତାଙ୍କୁ ଶେହବାଜ ସରକାର ଏହି ପୁରସ୍କାର ଦେଇଥିଲେ। ପାକିସ୍ତାନ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚା ହୋଇଥିଲା ବେଳେ ଏବେ ପିଟିଆଇ ନେତା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ମୁନିରଙ୍କୁ ଭର୍ତ୍ସନା କରିବା ସହିତ କଟାକ୍ଷ କରିଛନ୍ତି। ମୁନିରଙ୍କୁ ତାଙ୍କ ସଫଳତା ପାଇଁ ଫିଲ୍ଡ ମାର୍ଶାଲ ବଦଳରେ ରାଜା ଉପାଧି ଦିଆଯାଇଥିଲେ ଆହୁରି ଭଲ ହୋଇଥାଆନ୍ତା ବୋଲି ଇମ୍ରାନ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଶେହବାଜ ସରକାର ଗଣତନ୍ତ୍ରର ଦୁଇ ମୁଖ୍ୟ ସ୍ତମ୍ଭ ଆଇନ କାନୁନ ବ୍ୟବସ୍ଥା ଏବଂ ନୈତିକତାକୁ ଜଳାଞ୍ଜଳି ଦେଇ ସାରିଛନ୍ତି ବୋଲି ଇମ୍ରାନ କହିଛନ୍ତି।

■ ଉତ୍ତରପ୍ରଦେଶରେ ଝଡ଼ତୋଫାନ

## ୨ ଦିନରେ ୬୦ ମୃତ

ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ଉତ୍ତର ପ୍ରଦେଶର ବିଭିନ୍ନ ଭାଗରେ ଦୁଇ ଦିନ ହେଲା ପ୍ରବଳ ଝଡ଼ତୋଫାନ ଜାରି ରହିଛି। ଏଥିରେ ୧୭ ମହିଳାଙ୍କ ସମେତ ୬୦ ଜଣଙ୍କ ମୃତ୍ୟୁ ହୋଇଛି। ୧୨ରୁ ଅଧିକ ମଧ୍ୟ ଆହତ ହୋଇଛନ୍ତି। ୬୪ ଜିଲ୍ଲାରେ ଝଡ଼ ତୋଫାନ ନାହିଁ ନ ଥିବା ସ୍ଥିତି ସୃଷ୍ଟି କରିଛି। ୨୧ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡିଛି। ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିବାବେଳେ ଧନଜୀବନ କ୍ଷୟକ୍ଷତି ହୋଇଛି। ଗୋରଖପୁରରେ ସର୍ବାଧିକ ୭୪ ମିମି ବର୍ଷା ହୋଇଛି। ନୋଏଡ଼ାରେ ୮୦ କିମି ବେଗରେ ପବନ ହୋଇଛି। ଅନ୍ୟପକ୍ଷରେ ଝଡ଼ତୋଫାନ ଜନିତ ଘଟଣାରେ ରାଜସ୍ଥାନରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଆଜି ପାଣିପାଗ ବିଭାଗ ସବୁ କେନ୍ଦ୍ରଶାସିତ ଅଞ୍ଚଳକୁ ଝଡ଼ ତୋଫାନ ଏବଂ ଗ୍ରୀଷ୍ମ ପ୍ରବାହକୁ ନେଇ ଚେତାବନୀ ଜାରି କରିଛି। ମହାରାଷ୍ଟ୍ର ଏବଂ ଗୋଆର ଉପକୂଳ ଅଞ୍ଚଳକୁ ରେଡ୍ ଆଲର୍ଟ ଦିଆଯାଇଛି। ଏହା ବ୍ୟତୀତ ଆରବ ସାଗରରେ ଲଘୁଚାପ ସ୍ଥିତି ସୃଷ୍ଟି ହୋଇଛି। ଆଗାମୀ ୨୪ ଘଣ୍ଟାରେ ଏହା ଅବପାତ ରୂପ ନେଇ ଗୋଆ-ମହାରାଷ୍ଟ୍ର ଉପକୂଳ ଅଭିମୁଖେ ବଢିବ ବୋଲି ଆଶଙ୍କା କରାଯାଉଛି।

### ବାଂଲାଦେଶ ପାଇଁ ବଢୁଛି ରାଜନୈତିକ ସଙ୍କଟ

# ଇସ୍ତଫା ଦେବାକୁ ୟୁନୁସ୍‌ଙ୍କ ଧମକ

■ ମିଳୁନି ରାଜନୈତିକ ସହଯୋଗ

■ ପ୍ୟାରିସ୍ ପଳାୟନ ପାଇଁ ମସୁଧା



ଢାକା, ୨୩।୫ (ଏଜେନ୍ସି): ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍ ଅଚାନକ ଭାବେ ନିଜ ପଦରୁ ଇସ୍ତଫା ଦେବାକୁ ଧମକ ଦେବା ଏବେ ବିଭିନ୍ନ ମହଲରେ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି। ଏପରିକି ସେ ଶୁକ୍ରବାର ଇସ୍ତଫା ଦେବାକୁ କହିଥିବା ଏବଂ ଗୁରୁବାର ବିଳମ୍ବିତ ରାତିରେ କିଛି ରାଜନୈତିକ ଦଳର ମୁଖିଆ ତାଙ୍କୁ ଭେଟିଥିବାର ଖବର ମଧ୍ୟ ସାମ୍ନାକୁ ଆସିଛି। ୟୁନୁସ୍ ବାଂଲାଦେଶର ସର୍ବାଙ୍ଗୀନ ଉନ୍ନତି ଏବଂ ବିକାଶ ପାଇଁ କାର୍ଯ୍ୟ କରିବାକୁ ଚାହୁଁଥିଲେ ହେଁ ତାଙ୍କୁ ରାଜନୈତିକ ସହଯୋଗ ମିଳୁ ନାହିଁ ବୋଲି ଅଭିଯୋଗ କରି ସେ ଇସ୍ତଫା ଦେବାକୁ ଧମକ ଦେଇଛନ୍ତି ବୋଲି ବାଂଲାଦେଶର ବହୁ ପ୍ରମୁଖ ଗଣମାଧ୍ୟମ ଖବର ପ୍ରକାଶ କରିଛନ୍ତି। କିନ୍ତୁ ତାଙ୍କର ଇସ୍ତଫା ଦେବା ପଛରେ ଆଉ କିଛି କାରଣ ରହିଛି ବୋଲି ମଧ୍ୟ ଅନ୍ୟ କିଛି ଖବରଦାତା ସଂସ୍ଥା କହିଛନ୍ତି। ପ୍ରକୃତରେ ବାଂଲାଦେଶର ସେନାଧକ୍ଷ ୱାକର ଜମାନଙ୍କୁ ହଟାଇ ତାଙ୍କ ସ୍ଥାନରେ କଠୋରବାଦୀ ଜେନେରାଲ ଫୈଜୁର ରହମନଙ୍କୁ ନିଯୁକ୍ତ କରିବାକୁ ୟୁନୁସ୍ ବହୁ ଦିନ ଧରି ପ୍ରୟାସ ଚଳାଇ ଆସିଛନ୍ତି। ଏଥିପାଇଁ ସେ ୱାକର ଜମାନଙ୍କୁ ହତ୍ୟା କରିବାକୁ ମଧ୍ୟ ପଛାଇ ନାହାନ୍ତି। କିନ୍ତୁ ଏହି ବିଷୟ ଏବେ ସାମ୍ନାକୁ ଆସିବା ପରେ ୱାକରଙ୍କ କୋପରୁ ବର୍ତ୍ତିବା ଲାଗି ୟୁନୁସ୍ ଇସ୍ତଫା ନାଟକ କରିଥିବା କୁହାଯାଉଛି। ଅନ୍ୟପଟେ ୟୁନୁସ୍ ଦେଶରେ ନିର୍ବାଚନ କରିବାକୁ କୌଣସି ଉଦ୍ୟମ କରୁ ନଥିବା ଏବଂ ଏହାକୁ ଟାଳି ଚାଲିଥିବାରୁ ବହୁ ରାଜନୈତିକ ଦଳ ମଧ୍ୟ ୟୁନୁସ୍ ବିରୋଧୀ ହୋଇପଡ଼ିଛନ୍ତି। ଯାହାକୁ ନେଇ ୟୁନୁସ୍ ବାଂଲାଦେଶ ଛାଡି ପୁଣି ପ୍ୟାରିସ୍ ଫେରାର୍ ହୋଇଯିବାକୁ ଯୋଜନା କରିଛନ୍ତି ବୋଲି କେତେକ ଗଣମାଧ୍ୟମ ପ୍ରକାଶ କରିଛନ୍ତି।

୨୦୨୪ ଅଗଷ୍ଟରେ ଶେଖ ହସିନା ସରକାରର ପତନ ପରେ ୟୁନୁସ୍ ବାଂଲାଦେଶରେ ପହଞ୍ଚିବା ସହିତ ଦେଶର ରୂପ ବଦଳାଇ ଦେବାକୁ ବାଂଲାଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାମଧ୍ୟରେ ୯ ମାସ ବିତିଯାଇଥିଲେ ହେଁ ୟୁନୁସ୍‌ଙ୍କ ଯୋଜନାର ରୂପରେଖ କ'ଣ ରହିଛି ତାହାକୁ କେହି ଜାଣିପାରିଲେ ନାହିଁ। ବରଂ ଦେଶରେ ନିର୍ବାଚନ କରାଯାଇ ନଥିବାରୁ ଏକ ସ୍ଥିର ଓ ସ୍ଥାୟୀ ସରକାର ପ୍ରତିଷ୍ଠା ଅଭାବରେ ବାଂଲାଦେଶର ଅର୍ଥନୀତି ଏବଂ ସାମାଜିକ ସ୍ଥିତି ବେଳକୁ ବେଳ ସଙ୍ଗୀନ ହେବାରେ ଲାଗିଛି। ଅନ୍ୟପଟେ ଆମେରିକା ୟୁନୁସ୍‌ଙ୍କ ହାତ ଛାଡି ଦେଇଥିଲା ବେଳେ ଚୀନ୍ କୋଳରେ ବସିଥିବା ୟୁନୁସଙ୍କୁ ଚୀନ୍ ମଧ୍ୟ ପ୍ରତିଶ୍ରୁତି ଦେଇ ସେଭଳି କିଛି ସହାୟତା ଦେଇ ନାହିଁ। ଚୀନ୍ ବଳରେ ବଳିୟାନ ହୋଇ ଭାରତର ଉତ୍ତରପୂର୍ବ ରାଜ୍ୟସମୂହକୁ ଘେରିବାକୁ ଯୋଜନା କରିଥିବା ୟୁନୁସ୍ ଏବେ ଅଚାନକ ଇସ୍ତଫା ଦେବାକୁ ଘୋଷଣା କରିବା ମଧ୍ୟ ଅନ୍ୟତମ କାରଣ ବୋଲି କୁହାଯାଉଛି। ସେପଟେ ବାଂଲାଦେଶ ସେନାଧକ୍ଷଙ୍କୁ ନେଇ ୟୁନୁସ୍ କରିଥିବା ଷଡ଼ଯନ୍ତ୍ର ସାମ୍ନାକୁ ଆସିବା ପରେ ସେନା ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ବାଂଲାଦେଶ ଏକ ବଡ଼ ରାଜନୈତିକ ସଙ୍କଟ ଆଡକୁ ମହାଁଉଛି ବୋଲି ବିଶେଷଜ୍ଞମାନେ ଆକଳନ କରିବା ଆରମ୍ଭ କରିଛନ୍ତି।

## ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି: ହାଭାର୍ଡରେ ପଢ଼ିପାରିବେନି ବିଦେଶୀ



ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ଆମେରିକାର ପ୍ରତିଷ୍ଠିତ 'ଆଇଭିୱାଇ ଲିଗ୍ (ସର୍ବଶ୍ରେଷ୍ଠ ୮ ବିଶ୍ୱବିଦ୍ୟାଳୟ ଓ କଲେଜ) ଶିକ୍ଷାନୁଷ୍ଠାନରେ ପାଠ ପଢିବାକୁ କେବଳ ଆମେରିକୀୟ ଛାତ୍ରଛାତ୍ରୀ ନୁହନ୍ତି, ବରଂ ସାରା ବିଶ୍ୱରୁ ଏଥିପାଇଁ ବିଦ୍ୟାର୍ଥୀମାନଙ୍କ ଆଗ୍ରହ ରହିଥାଏ। ଏହି 'ଆଇଭିୱାଇ ଲିଗ୍' ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରୁ ପ୍ରତିଷ୍ଠିତ ହାଭାର୍ଡ ବିଶ୍ୱବିଦ୍ୟାଳୟ ଅନ୍ୟତମ। ଏହି ବିଶ୍ୱବିଦ୍ୟାଳୟରେ ଆମେରିକା ବିଦ୍ୟାର୍ଥୀଙ୍କ ବ୍ୟତୀତ ସର୍ବାଧିକ ବିଦେଶୀ ଛାତ୍ରଛାତ୍ରୀ ଅଧ୍ୟୟନ କରିଥାଆନ୍ତି। କିନ୍ତୁ ବିଦେଶୀ ବିଦ୍ୟାର୍ଥୀଙ୍କ ପାଇଁ ଏବେ ଏହି ବିଶ୍ୱବିଦ୍ୟାଳୟର ଦ୍ୱାର ବନ୍ଦ ହେବାକୁ ଯାଉଛି। ଟ୍ରମ୍ପ ପ୍ରଶାସନର ଏକ ନିଷ୍ପତ୍ତି ଅନୁଯାୟୀ ହାଭାର୍ଡରେ ବିଦେଶୀ ଛାତ୍ରଙ୍କୁ ଆଉ ନାମଲେଖାଇବାକୁ ସୁଯୋଗ ମିଳିବ ନାହିଁ। ଏହି ବିଶ୍ୱବିଦ୍ୟାଳୟର 'ଷ୍ଟୁଡେଣ୍ଟ ଆଣ୍ଡ ଏକ୍ସଚେଞ୍ଜ ଭିଜିଟର ପ୍ରୋଗ୍ରାମ ସାର୍ଟିଫିକେସନ୍' (ଏସଇଭିପି) ରଦ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଆମେରିକାର ଗୃହସୁରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗୃହସୁରକ୍ଷା ବିଭାଗ ସଚିବ କ୍ରିଷ୍ଟି ନୋଏମ ସୋସିଆଲ୍ ମିଡିଆରେ ପୋଷ୍ଟ କରି ହାଭାର୍ଡ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ହିଂସା ସହିତ ଇହୁଦୀ-ବିରୋଧୀ ମନୋଭାବକୁ ପ୍ରୋତ୍ସାହନ ଦିଆଯିବା ଏବଂ ଚୀନର କମ୍ୟୁନିଷ୍ଟ ପାର୍ଟି ସପକ୍ଷରେ ମାହୋଲ ବଢୁଥିବା ସେ ଉଲ୍ଲେଖ କରିଛନ୍ତି। ହାଭାର୍ଡକୁ ସମୁଚିତ ପଦକ୍ଷେପ ନେବାକୁ ପୂର୍ବରୁ ଅନେକ ସୁଯୋଗ ଦିଆଯାଇଛି। କିନ୍ତୁ ଏହାକୁ ଗ୍ରହଣ କରାଯାଇ ନାହିଁ। ନିୟମ କାନୁନ ନ ମାନିବା କାରଣରୁ ବିଶ୍ୱବିଦ୍ୟାଳୟର ଏସଇଭିପି ରଦ୍ଦ କରାଯାଇଛି ବୋଲି ସେ କହିଛନ୍ତି। କେବଳ ହାଭାର୍ଡ ନୁହେଁ , ଏହି ନିଷ୍ପତ୍ତି ଆମେରିକାର ଅନ୍ୟ ସବୁ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନ ପାଇଁ ଚେତାବନୀ ଭାବେ କାର୍ଯ୍ୟ କରିବ ବୋଲି ନୋଏମ କହିଛନ୍ତି। କିନ୍ତୁ ଟ୍ରମ୍ପ ପ୍ରଶାସନର ଏଭଳି ନିଷ୍ପତ୍ତି ପାଇଁ ଭାରତୀୟ ଛାତ୍ରଛାତ୍ରୀମାନେ ଅନେକ ଭାବେ ପ୍ରଭାବିତ ହେବେ ବୋଲି ଆଶଙ୍କା ବଢିଛି। ହାଭାର୍ଡରେ ୨୦୨୪-୨୫ ବର୍ଷରେ ୬ ହଜାର ୮ ଶହ ବିଦେଶୀ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ପ୍ରତିବର୍ଷ ୫ ଶହରୁ ୮ ଶହ ଭାରତୀୟ ଛାତ୍ରଛାତ୍ରୀ ଓ ଗବେଷକ ଏଠାରେ ନାମ ଲେଖାଇଥିଲା ବେଳେ ଏବେ ୭୮୮ ଭାରତୀୟ ଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ବର୍ତ୍ତମାନ ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି ପରେ ଏହି ଛାତ୍ରଛାତ୍ରୀଙ୍କୁ ଏସଇଭିପି ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନକୁ ସ୍ଥାନାନ୍ତର ହେବାକୁ ପଡିବ। ଏହା ନ କଲେ ସେମାନଙ୍କ ଭିସା ବାତିଲ ହୋଇପାରେ ବୋଲି କୁହାଯାଉଛି।

## 'ୟଙ୍ଗ୍ ଇଣ୍ଡିଆ'କୁ ଦାନ ପାଇଁ କଂଗ୍ରେସ ନେତାଙ୍କୁ କୁହାଯାଇଥିଲା: ଇଡି



ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡି ବଡ଼ ଖୁଲାସା କରିଛି। ୟଙ୍ଗ ଇଣ୍ଡିଆ ଲିମିଟେଡକୁ ଟଙ୍କା ଦାନ କରିବା ପାଇଁ କଂଗ୍ରେସ ନେତାଙ୍କୁ କୁହାଯାଇଥିଲା। ବରିଷ୍ଠ ନେତାଙ୍କ ନିର୍ଦ୍ଦେଶରେ କଂଗ୍ରେସ ନେତା ଏବଂ ବ୍ୟକ୍ତି ଅର୍ଥ ଦାନ କରିଥିଲେ। ଏମାନଙ୍କ ମଧ୍ୟରେ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏବଂ ତାଙ୍କ ଭାଇ ସାମିଲ ରହିଛନ୍ତି। ଏହି ସଂସ୍ଥାକୁ ଉଭୟେ ପ୍ରାୟ ୨.୫ କୋଟି ଟଙ୍କା ଦେଇଥିଲେ। ଟଙ୍କା ନ ଦେଲେ ରାଜନୈତିକ କ୍ୟାରିୟରକୁ ଶେଷ କରିଦିଆଯିବ ବୋଲି କଂଗ୍ରେସ ନେତାଙ୍କୁ ଧମକ ଦିଆଯାଇଥିଲା ବୋଲି ଆରୋପପତ୍ରରେ ଇଡି ଦର୍ଶାଇଛି। ଇଡି ପକ୍ଷରୁ ଦାବି କରାଯାଇଛି ଯେ ୧୪୨ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀ ଅଭିଯୁକ୍ତ। ଉଭୟେ ୯୮୮ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତିରୁ ଲାଭ ପାଉଛନ୍ତି। କମ୍ପାନୀ ଆଇନର ଧାରା ୨୫ ଅନୁଯାୟୀ ୟଙ୍ଗ ଇଣ୍ଡିଆର ପଞ୍ଜିକରଣ ହୋଇଥିଲେ ବି ଏହାକୁ ଗାନ୍ଧୀ ପରିବାର ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହାର କରିଥିଲା ବୋଲି ଏଜେନ୍ସି ପକ୍ଷରୁ ଅଭିଯୋଗ କରାଯାଇଛି।

## ଲେଫ୍ଟନାଣ୍ଟ ଶଶାଙ୍କ ସିକିମରେ ସହିଦ

■ ସହଯୋଗୀଙ୍କୁ ବଞ୍ଚାଇ ହରାଇଲେ ନିଜ ଜୀବନ



ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ପରୋପକାର, ଭାରତୀୟ ସେନାର ନୀତି ଏବଂ ଅଦମ୍ୟ ସାହସ ପ୍ରଦର୍ଶନ କରି ଜଣେ ସହଯୋଗୀ ଯବାନଙ୍କୁ ବଞ୍ଚାଇବା ପାଇଁ ଲେଫ୍ଟନାଣ୍ଟ ଶଶାଙ୍କ ତିୱାରୀ (୨୩) ସିକିମର ଭରା ନଈକୁ ଡେଇଁ ପଡିଛନ୍ତି। ସହଯୋଗୀଙ୍କୁ ମୃତ୍ୟୁ ମୁଖରୁ ଟାଣି ଆଣିଛନ୍ତି। କିନ୍ତୁ ନିଜେ ନଦୀର ଉଗ୍ର ଧାରାରେ ବୁଡିଯାଇ ବୀରଗତି ପ୍ରାପ୍ତ କରିଛନ୍ତି। ୮୦୦ ମିଟର ଦୂରରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏକମାତ୍ର ପୁଅକୁ ହରାଇ ପରିବାର ଦୁଃଖରେ ମ୍ରିୟମାଣ ହୋଇଥିବାବେଳେ ଭାରତୀୟ ସେନା ଶଶାଙ୍କଙ୍କ ବୀରତ୍ୱକୁ ସାଲ୍ୟୁଟ କରିଛି। ଶଶାଙ୍କଙ୍କ ବାପା ମର୍ଚ୍ଚାଣ୍ଟ ନେଭିରେ କାମ କରୁଛନ୍ତି। ପୁଅ ମୃତ୍ୟୁ ଖବର ପାଇଁ ସେ ଭାରତ ଫେରୁଛନ୍ତି। କିନ୍ତୁ ହୃତ୍‌ପିଣ୍ଡ ରୋଗୀ ହୋଇଥିବାରୁ ମାଆଙ୍କୁ ଏହାର ସୂଚନା ଦିଆଯାଇ ନାହିଁ। ଶନିବାର ରାଷ୍ଟ୍ରୀୟ ସମ୍ମାନରେ ଅଯୋଧ୍ୟାର ଶଶାଙ୍କଙ୍କ ଅନ୍ତିମ ସଂସ୍କାର ହେବ। ଗତ ବର୍ଷ ଡିସେମ୍ବରରୁ ଲେଫ୍ଟନାଣ୍ଟ ଶଶାଙ୍କ ସିକିମ ସ୍କାଉଟରେ ମୁତୟନ ଥିଲେ। ଶୁକ୍ରବାର ସକାଳେ ଏକ ପ୍ରମୁଖ ପୋଷ୍ଟକୁ ଯାଉଥିବାବେଳେ ପୋଲରୁ ଜଣେ ସହଯୋଗୀଙ୍କ ଘୋଡ ଘଷି ଯାଇଥିଲା। ତେଣୁ ସେ ନଦୀକୁ ଖସି ପଡ଼ିଥିଲେ। ସେ ବୁଡି ଯାଉଥିବା ଦେଖି ଶଶାଙ୍କ ତାଙ୍କୁ ଉଦ୍ଧାର କରିବାକୁ ନଦୀକୁ ଡେଇଁଥିଲେ।

## ବୋଝ ଉପରେ ନଳିତାବିଡ଼ା

# ୩ ଦିନ ଯୁଦ୍ଧରେ ପାକିସ୍ତାନର ୨.୫ ବିଲିୟନ ଡଲାର କ୍ଷତି

■ ଆଇଏମ୍ଏଫ୍‌ରୁ ପାଇଥିବା ଋଣ ଠାରୁ ବି କ୍ଷତି ଅଧିକ

■ କେବଳ ଋଣ ବାବଦ ବର୍ଷକୁ ଶୁଝିବ ୪ ବିଲିୟନ ଡଲାର



ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ଆମେରିକା ଠାରୁ ଚୀନ୍, ବିଶ୍ୱବ୍ୟାଙ୍କ ଠାରୁ ଆରମ୍ଭ କରି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମଏଫ) ପର୍ଯ୍ୟନ୍ତ ବହୁ ଆନ୍ତର୍ଜାତିକ ସଂସ୍ଥା ଠାରୁ ଋଣ କରି ପାକିସ୍ତାନ ଏବେ ଋଣଯନ୍ତାରେ ଫଶିଛି। ପାକିସ୍ତାନର ଆର୍ଥିକ ସ୍ଥିତି ଏଭଳି ରହିଛି ଯେ, ଏଠାକାର ପ୍ରତ୍ୟେକ ଶିଶୁଙ୍କ ମୁଣ୍ଡ ଉପରେ ୩.୫ ଲକ୍ଷ ଟଙ୍କା (ପାକ୍)ର ଋଣବୋଝ ରହିଛି। କିନ୍ତୁ ସାଂପ୍ରତିକ ସ୍ଥିତିରେ ପାକିସ୍ତାନ ବିନା ଋଣରେ ତିଷ୍ଠିବା ସମ୍ଭବ ନୁହେଁ। ଯେଉଁଥିପାଇଁ ମାତ୍ର ଗୋଟିଏ ବିଲିୟନ ଡଲାର ଋଣ ପାଇଁ ପାକିସ୍ତାନ ନେତାଙ୍କୁ ୧୦ଥର ଆଇଏମଏଫର ଦ୍ୱାରସ୍ଥ ହେବାକୁ ପଡ଼ିଥିବା ଦେଖାଯାଇଛି। ଏଭଳି ସ୍ଥିତିରେ ଭାରତ ସହ ମାତ୍ର ତିନି ଦିନରେ ପାକିସ୍ତାନର କ୍ଷତି ଅନ୍ୟୂନ ୨.୫ ବିଲିୟନ ଡଲାରରେ ପହଞ୍ଚିଥିବା ଆନ୍ତର୍ଜାତିକ ସ୍ତରରେ ଆକଳନ କରାଯାଇଥିଲା ବେଳେ ଏହା ବୋଝ ଉପରେ ନଳିତାବଡ଼ା ପରି ହୋଇଛି। ଭାରତ ସହ ପାକିସ୍ତାନର ଉତ୍ତେଜନା ବଢିବା ଭିତରେ ଆଇଏମଏଫ ପକ୍ଷରୁ ପାକିସ୍ତାନକୁ ୨.୩ ବିଲିୟନ ଡଲାର ଋଣ ମଞ୍ଜୁର କରାଯାଇଥିଲା। କିନ୍ତୁ ଯୁଦ୍ଧ ପ୍ରସ୍ତୁତି ଏବଂ ଭାରତ ସହ ତିନି ଦିନର ଯୁଦ୍ଧ ଖର୍ଚ୍ଚ ସହିତ ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ଯେଉଁ କ୍ଷତି ହୋଇଛି ତାହା ୨.୫ ବିଲିୟନ ଡଲାରରେ ପହଞ୍ଚିଥିବା ଆକଳନ କରାଯାଇଛି। ଫଳରେ ପାକିସ୍ତାନ ଆଇଏମଏଫରୁ ଯେତିକି ଅର୍ଥ ଋଣ ଆକାରରେ ପାଇଥିଲା ତା'ଠୁ ଅଧିକ ପରିମାଣର କ୍ଷତି ଏହି ଯୁଦ୍ଧରେ ସହିବାକୁ ପଡ଼ିଛି। ଆନ୍ତର୍ଜାତିକ ସ୍ତରରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ୪ଟି ଏଫ-୧୬ ଯୁଦ୍ଧ ବିମାନ ନଷ୍ଟ ହୋଇଛି। ଗୋଟିଏ ଏଫ-୧୬ ବିମାନ ମୂଲ୍ୟ ପ୍ରାୟ ୮୭ ନିୟୁତ ଡଲାର ରହିଥିଲା ବେଳେ ଏବାବଦରେ ମୋଟ କ୍ଷତି ୩୫୦ ନିୟୁତ ଡଲାର ରହିଛି। ଗୋଟିଏ ସି-୧୩୦ ହର୍କ୍ୟୁଲେସ୍ ବିମାନ ନଷ୍ଟ ହୋଇଥିଲା ବେଳେ ଏହାର ମୂଲ୍ୟ ୪୦ ନିୟୁତ ଡଲାର ରହିଛି। ସେହିପରି ଏଚକ୍ୟୁ-୯ ଏୟାର ଡିଫେନ୍ସ ସିଷ୍ଟମ ଏବଂ ଦୁଇଟି ମୋବାଇଲ କମାଣ୍ଡ ସେଣ୍ଟର ନଷ୍ଟ ହେବା ଦ୍ୱାରା ଏଥିପାଇଁ ମଧ୍ୟ ଅନ୍ୟୂନ ୨୧୦ ନିୟୁତ ଡଲାର କ୍ଷତି ହୋଇଛି। ପାକିସ୍ତାନର ଆୱାକସ୍ ବିମାନକୁ ନଷ୍ଟ କରି ଦିଆଯାଇଥିଲା ବେଳେ ଏଥିପାଇଁ ମଧ୍ୟ ୧୦୦ ନିୟୁତ ଡଲାରର କ୍ଷତି ହୋଇଛି। ଫଳରେ କେବଳ 'ଗ୍ରାଉଣ୍ଡ ଲସ୍' ବାବଦରେ ପାକିସ୍ତାନକୁ ୭୦୦ ନିୟୁତ ଡଲାରରୁ ଅଧିକ କ୍ଷତି ସହିବାକୁ ପଡ଼ିଛି।

ଅନ୍ୟପକ୍ଷରେ 'ଅପରେସନାଲ ରେଡିନେସ୍'(ପ୍ରସ୍ତୁତି) ଏବଂ ୨୯ ଦିନ ପାଇଁ 'କମ୍ବାଟ୍ ଏୟାର ପାଟ୍ରୋଲିଂ ଓ ଷ୍ଟ୍ରାଇକ୍' ବାବଦ ଖର୍ଚ୍ଚ ୭୨୫ ନିୟୁତ ଡଲାର ରହିଥିଲା ବେଳେ ଡ୍ରୋନ ଏବଂ ମିସାଇଲ ବାବଦ ଖର୍ଚ୍ଚ ୪୫୦ ନିୟୁତ ଡଲାର ରହିଥିବା କୁହାଯାଇଛି। ସୀମାରେ ସେନା ମୁତୟନ ( ବର୍ଡର ମୋବିଲାଇଜେସନ) ବ୍ୟୟ ମଧ୍ୟ ୪୩୫ ନିୟୁତ ଡଲାର ରହିଛି। ଅପରେସନ ସିନ୍ଦୂରରେ ପାକିସ୍ତାନର ୧୦ରୁ ଅଧିକ ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇଛି। ତେବେ ଏହାମଧ୍ୟରୁ ସର୍ଗୋଧା ଏବଂ ନୂର ଖାନ୍ ଭଳି ଦୁଇ ପ୍ରମୁଖ ବାୟୁସେନା ଘାଟିରେ ଯେଭଳି କ୍ଷତି ଘଟିଛି ତାହାକୁ ମରାମତି କରିବାକୁ ହେଲେ ପ୍ରାୟ ୨୫୦ ନିୟୁତ ଡଲାର ବ୍ୟୟ ହେବ ବୋଲି କୁହାଯାଇଛି। ତେଣୁ ଏସବୁକୁ ମିଶାଇଲେ ପ୍ରାୟ ମାସକର ପ୍ରସ୍ତୁତି ଏବଂ ୩ ଦିନର ଯୁଦ୍ଧ ପାଇଁ ପାକିସ୍ତାନକୁ ପାଖାପାଖି ୨.୫ ବିଲିୟନ ଡଲାରର କ୍ଷତି ସହିବାକୁ ପଡ଼ିଛି ବୋଲି କୁହାଯାଇଛି। ପାକିସ୍ତାନର ସାଂପ୍ରତିକ ଋଣ ଭାର ଯେତିକି ରହିଛି ତଦ୍ୱାରା ବର୍ଷକୁ ୪ ବିଲିୟନ ଡଲାର ପରିଶୋଧ କରିବାକୁ ପଡ଼ିବ। ଏଭଳି ସ୍ଥିତିରେ ଏହି ପରିମାଣର କ୍ଷତି ପାକିସ୍ତାନ ଆର୍ଥିକ ସ୍ଥିତିକୁ ଆହୁରି ଜଟିଳ କରିବ। ଏହାବ୍ୟତୀତ ଭାରତ ଯଦି ଏଫଏଟିଏଫ୍ ଏବଂ ଆନ୍ତର୍ଜାତିକ ସହାୟତା ବନ୍ଦ ପାଇଁ ଅଭିଯାନ ଚଳାଏ ତେବେ ପାକିସ୍ତାନକୁ ଆହୁରି ଉତ୍କଟ ସ୍ଥିତି ସାମ୍ନା କରିବାକୁ ପଡ଼ିବ ବୋଲି କୁହାଯାଇଛି।

# ସାରା ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା

■ ଭୁବନେଶ୍ୱର, ୨୩।୫ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଉଭୟ ଆରବ ସାଗର ଓ ବଙ୍ଗୋପସାଗର ପଟୁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ହେତୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଗତ ୨ରୁ୩ ଦିନ ହେବ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମେଘୁଆ ରହିବା ସହ ଝିପି ଝିପି ବର୍ଷା ଲାଗି ରହିଛି। ଗୁରୁବାର ରାତିରେ ରାଜ୍ୟର ପ୍ରାୟ ୧୭ଟି ସ୍ଥାନରେ ଅଧିକ ବର୍ଷା ରେକର୍ଡ ହୋଇଛି। ଏହି ସମୟରେ ଗଜପତି ଜିଲ୍ଲାର ଗୁମ୍ମା ଠାରେ ସର୍ବାଧିକ ୧୩୦ ମିମି. ବର୍ଷା ରେକର୍ଡ କରାଯାଇଥିବା ବେଳେ ଚମ୍ପୁଆରେ ୧୦୬ ମିମି., ସେମିଳିଗୁଡ଼ାରେ ୧୦୫ ମିମି., କୋମନାରେ ୧୦୦ ମିମି. ବର୍ଷା ରେକର୍ଡ କରାଯାଇଛି। ଶୁକ୍ରବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ହୋଇଛି। ଅନ୍ୟପଟେ ଆସନ୍ତା ୨ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବାର ସମ୍ଭାବନା ରହିଛି। ସାଧାରଣ ଭାବେ ମୌସୁମୀ ଜୁନ୍ ୧ରେ କେରଳ ଛୁଇଁବା ପରେ ୧୦ ବେଳକୁ ଓଡ଼ିଶା ଛୁଇଁଥାଏ। ▸ପୃଷ୍ଠା-୭

**୨୭ରେ ଲଘୁଚାପ, ଦୁଇ ଦିନ ପ୍ରବଳ ବର୍ଷା ସମ୍ଭାବନା**

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 42 ♦ISSUE-325 ♦BHUBANESWAR ♦SATURDAY ♦24 MAY 2025 ♦PAGE-12 ♦₹ 6.00
SAMBALPUR
♦ବର୍ଷ-୪୨ ♦ସଂଖ୍ୟା-୩୨୫ ♦ଭୁବନେଶ୍ୱର ♦ଶନିବାର ♦୨୪ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

### ଭାରତକୁ ପାକ୍ ଜେନେରାଲ ଅହମ୍ମଦ ସରିଫଙ୍କ ଧମକ

# ପାଣି ବନ୍ଦକଲେ ନିଶ୍ୱାସ ବନ୍ଦ କରିଦେବୁ

■ ଇସଲାମାବାଦ, ୨୩।୫ (ଏଜେନ୍ସି): ଅପରେସନ ସିନ୍ଦୂରକୁ ମାତ୍ର ୧୦ରୁ ୧୨ ଦିନ ବିତିଥିବା ଏବଂ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଚାଲିଥିବା ବେଳେ ପାକିସ୍ତାନ ସେନା ପ୍ରବକ୍ତା ଲେଫ୍ଟନାଣ୍ଟ ଜେନେରାଲ ଅହମ୍ମଦ ସରିଫ ଚୌଧୁରୀ ଭାରତକୁ ପୁଣି ଧମକ ଦେବା ଆରମ୍ଭ କରିଛନ୍ତି। ଭାରତ ଯଦି ପାକିସ୍ତାନ ପାଣି ନ ଛାଡେ ତେବେ ପାକିସ୍ତାନ ଭାରତବାସୀଙ୍କୁ ନିଶ୍ୱାସ ପ୍ରଶ୍ୱାସ ବନ୍ଦ କରିଦେବ ବୋଲି ସେ ଧମକ ଦେଇଛନ୍ତି।

ପାକିସ୍ତାନର ଏକ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରମାନଙ୍କୁ ସମ୍ବୋଧିତ କରି ସେ ଏହା କହିଛନ୍ତି। କିନ୍ତୁ ତାଙ୍କର ଏଭଳି ଧମକ ନିକଟରେ ଲସ୍କର-ଏ-ତୋଏବା ଆତଙ୍କବାଦୀ ସଂଗଠନ ମୁଖ୍ୟ ହାଫିଜ୍ ସୟିଦ ଦେଇଥିବା ବୟାନ ସହିତ ତାଳ ଖାଉଥିବାରୁ ଜେନେରାଲ ଚୌଧୁରୀଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ୍ କରାଯିବା ଆରମ୍ଭ ହୋଇଛି। ଭାରତ ସିନ୍ଧୁ ଜଳ ପାକିସ୍ତାନକୁ ବନ୍ଦ କରିବା ପରେ ହାଫିଜ୍ ସୟିଦ ଭାରତକୁ ଧମକ ଦେଇ ପାକିସ୍ତାନ ଭାରତୀୟଙ୍କ ନିଶ୍ୱାସ ବନ୍ଦ କରିଦେବ ଏବଂ ସିନ୍ଧୁ ନଦୀରେ ରକ୍ତ ବୋହିବ ବୋଲି କହିଥିଲା। ଏବେ ଜେନେରାଲ ଚୌଧୁରୀ ସେହି କଥା ଅବିକଳ ଦୋହରାଇଛନ୍ତି। ଏହାଦ୍ୱାରା ପାକିସ୍ତାନ ସେନା ଏବଂ ଆତଙ୍କବାଦୀଙ୍କ ମଧ୍ୟରେ କିଭଳି ସମନ୍ୱୟ ରହିଛି ତାହା ପୁଣିଥରେ ପ୍ରମାଣିତ ହୋଇଛି।




ଆଫଗାନିସ୍ତାନର ଜଣେ ପୂର୍ବତନ ସାଂସଦ ମରିୟମ ସୋଲାଇମନଖିଲ ଜେନେରାଲ ଚୌଧୁରୀଙ୍କ ବୟାନକୁ ନିନ୍ଦା କରିବା ସହିତ ସେନା ନେତୃତ୍ୱ ନେଉଥିବା ଜଣେ ବରିଷ୍ଠ ଅଧିକାରୀଙ୍କ ମୁହଁରେ ଏଭଳି କଥା ଶୋଭା ପାଏନି ବୋଲି କହିଛନ୍ତି। ତାଙ୍କର ବୟାନ ଜଣେ ଆତଙ୍କବାଦୀର ବୟାନ ସହିତ ମେଳ ଖାଇବା ଆଦୌ ସମୀଚିନ ନୁହେଁ ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରକୁ ନେଇ ପାକିସ୍ତାନର ବିଫଳତା ସେଠାକାର ସେନାଧିକାରୀଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଥିବାରୁ ଏବେ ଜଣକ ପରେ ଜଣେ ଏଭଳି ବୟାନ ଜାରି କରିବାରେ ଲାଗିଛନ୍ତି ବୋଲି ମଧ୍ୟ ବିଭିନ୍ନ ସ୍ତରରେ ଆଲୋଚିତ ହେଉଛି।

### ରୁଷିଆ ଉପରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ

## ମସ୍କୋ ଆକାଶରେ ୪୫ ମିନିଟ୍ ଚକ୍କର କାଟିଲା ଭାରତୀୟ ସାଂସଦଙ୍କ ବିମାନ

■ ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): 'ଅପରେସନ ସିନ୍ଦୂର ଆଉଟ୍‌ରିଚ୍' କାର୍ଯ୍ୟକ୍ରମରେ ଡିଏମକେ ସାଂସଦ କାନିମୋଝିଙ୍କ ନେତୃତ୍ୱରେ ଏକ ୬ ଜଣିଆ ସାଂସଦ ପ୍ରତିନିଧି ଦଳ ଗୁରୁବାର ରାତିରେ ରୁଷିଆରେ ପହଞ୍ଚିଛନ୍ତି। ସେମାନେ ଡୋମଡିଡୋଭୋ ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ଭାରତୀୟ ରାଷ୍ଟ୍ରଦୂତ ବିନୟ କୁମାର ସେମାନଙ୍କୁ ସ୍ୱାଗତ କରିଥିଲେ। ହେଲେ ଏହି ବିମାନଟି ଡ୍ରୋନ ଆକ୍ରମଣ ଯୋଗୁଁ ବହୁ ସମୟ ଧରି ମଝି ଆକାଶରେ ଫସି ରହିଥିଲା। ମସ୍କୋକୁ ଟାର୍ଗେଟ କରି ୟୁକ୍ରେନ ପକ୍ଷରୁ ଡ୍ରୋନ ଆକ୍ରମଣ କରାଯାଇଥିଲା ବେଳେ ଭାରତୀୟ ବିମାନ ଅବତରଣ ପାଇଁ ସମସ୍ୟା ଉପୁଜିଥିଲା। ଯାହାକୁ ନେଇ ବିମାନଟି ମସ୍କୋ ଆକାଶରେ ୪୫ ମିନିଟ୍‌ରୁ ଅଧିକ ସମୟ ଧରି ଘୁରି ବୁଲିଥିଲା। ପରେ ସବୁଜ ସଙ୍କେତ ମିଳିବା ପରେ ବିମାନଟି ଅବତରଣ କରିଥିଲା। ବିମାନଟି ମସ୍କୋ ଆକାଶରେ ଅବତରଣ ପାଇଁ ପ୍ରସ୍ତୁତ ହେଉଥିଲା ବେଳେ ଏହି ସମୟରେ ୟୁକ୍ରେନର ଡ୍ରୋନ ମାଡ଼ ଏବଂ ଅବତରଣ ପାଇଁ ଉପୁଜିଥିବା ସମସ୍ୟା ସମ୍ପର୍କରେ କାନିମୋଝି ସୂଚନା ଦେଇଛନ୍ତି। ପୂର୍ବରୁ ରୁଷ ରାଷ୍ଟ୍ରପତି ପୁଟିନ ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଆଲୋଚନା ସମୟରେ କହିଥିଲେ ଯେ ଯେତେବେଳେ ଅନ୍ୟ ଦେଶର ସରକାରୀ ପ୍ରତିନିଧିମଣ୍ଡଳୀ ରୁଷିଆ ଆସିଥାଆନ୍ତି ସେତେବେଳେ ୟୁକ୍ରେନ ମସ୍କୋ ▸ପୃଷ୍ଠା-୭

## ଦୁଲଦୁଲି ଗାଡ଼ି ଓଲଟି ୨ ମୃତ

■ ସୋନପୁର, ୨୩।୫ (ସମିସ): ସୋନପୁର-ବଲାଙ୍ଗିର ରାସ୍ତାର ହରଡ଼ଖୋଲ ନିକଟରେ ଦୁଲଦୁଲି ଗାଡ଼ି ଓଲଟି ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ବରଗଡ଼ ଜିଲ୍ଲାର ତୁରା ଗ୍ରାମର ମଣ୍ଟୁ ଛତ୍ରିଆ ଓ ସୁଦାମ ଛିକା। ବରଗଡ଼ ଜିଲ୍ଲା ତୁରା ଗ୍ରାମର ଦୁଲଦୁଲି ଦଳ ବୌଦ୍ଧ ଜିଲ୍ଲା ମନମୁଣ୍ଡାରେ ଅନୁଷ୍ଠିତ ଏକ ବରଯାତ୍ରୀରେ ବାଜା ବଜାଇ ସାରିବା ପରେ ପୁଣି କଳାହାଣ୍ଡି ଜିଲ୍ଲାର ଏକ ବାହାଘରରେ ଯୋଗଦେବା ପାଇଁ ଯାଉଥିଲେ। ଭୋର୍ ପ୍ରାୟ ୪ଟାରେ ହରଡ଼ଖୋଲ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଗାଡ଼ିରେ ଥିବା ୨୭ଜଣଙ୍କ ମଧ୍ୟରୁ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ୨୦ଜଣ ଆହତ ହୋଇଥିଲେ। ସେଥିମଧ୍ୟରୁ ୮ ଗୁରୁତରଙ୍କୁ ସୋନପୁର ମେଡିକାଲରେ ଭର୍ତ୍ତି କରାଯାଇଛି। କଟର୍ ମେସିନ୍ ସାହାଯ୍ୟରେ ସୋନପୁର ଦମକଳବାହିନୀ ଗାଡ଼ି ଭିତରେ ରହିଥିବା ଲୋକଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି। ସୋନପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।



## ଅନୁଜ କୁମାର ଦାସ ପଟ୍ଟନାୟକ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ

■ ଭୁବନେଶ୍ୱର, ୨୩।୫ (ସମିସ): ରାଜ୍ୟ ସରକାର ଶୁକ୍ରବାର ଓଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଓଏଏସ୍ ଅଧିକାରୀ ଅନୁଜ କୁମାର ଦାସ ପଟ୍ଟନାୟକ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ସେ ପିଏମ୍ ପୋଷଣ ଓ ଏମ୍ଏମ୍ ପୋଷଣ ରାଜ୍ୟ ଯୋଜନାର ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ୍ ▸ପୃଷ୍ଠା-୭

### ଦିନକରେ ଦୁଇ ଥର ବସିଲା କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ବୈଠକ

## ଅସନ୍ତୁଷ୍ଟ ନେତାଙ୍କ ମାନଭଞ୍ଜନ

■ ଭୁବନେଶ୍ୱର, ୨୩।୫ (ସମିସ): ଗତକାଲି ଅହୋରାତ୍ର ଧାରଣାରେ ବରିଷ୍ଠ ନେତାଙ୍କ ଅନୁପସ୍ଥିତିକୁ ନେଇ ଘନୀଭୂତ ବିବାଦ କଂଗ୍ରେସରେ ସୃଷ୍ଟି ହୋଇଛି କମ୍ପନ। ଏହାର ନକରାତ୍ମକ ବାର୍ତ୍ତା ଏତେ ତୀବ୍ର ଥିଲା ଯେ ତୁରନ୍ତ ଦଳର ରାଜନୈତିକ କମିଟି ବୈଠକ ଆହ୍ୱାନ ହୋଇଛି। ଗୋଟିଏ ଦିନରେ ଦୁଇ ଦୁଇଥର ବୈଠକ ଡ଼କାଯାଇ ଦଳୀୟ ସମସ୍ୟାର ସମାଧାନ ଓ ବରିଷ୍ଠ ନେତାମାନଙ୍କ ମାନଭଞ୍ଜନ କରାଯାଇଛି। ଦଳର ଦୁଇ ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନଙ୍କୁ ଦୁଇଟି କମିଟିର ଅଧ୍ୟକ୍ଷ କରାଯାଇ ଦଳୀୟ ଫାଟରେ କାଦୁଅ ଲେସିଛନ୍ତି ପିସିସି ସଭାପତି ଭକ୍ତଚରଣ।

**ନିରଞ୍ଜନ, ପ୍ରସାଦ ଦୁଇ କମିଟିର ଅଧ୍ୟକ୍ଷ ନିଯୁକ୍ତ**

ସାମାଜିକ ନ୍ୟାୟ ପ୍ରସଙ୍ଗରେ ପିସିସି ସଭାପତିଙ୍କ ଡାକରା ଆୟୋଜିତ ଅହୋରାତ୍ର ଧାରଣା ସ୍ଥଳକୁ ଅନେକ ହେଭିୱେଟ୍ ନ ଆସିବା ଦଳରେ ଯେଉଁ ବିବାଦ ସୃଷ୍ଟି କରିଥିଲା, ତାହାକୁ ସମାଧାନ କରାଯାଇଛି ବୋଲି କୁହାଯାଉଛି। ଗୁରୁବାର ଧାରଣାସ୍ଥଳକୁ ଆସି ନ ଥିବା ନେତାମାନେ ଶୁକ୍ରବାର ସକାଳେ କଂଗ୍ରେସ ଭବନରେ ଆୟୋଜିତ ▸ପୃଷ୍ଠା-୭



ଆଗକୁ ଲଘୁଚାପ ବର୍ଷା ସମ୍ଭାବନା

# କ୍ଷେତରେ ଧାନ, ଆଶଙ୍କାରେ ଚାଷୀ





**ସମ୍ବଲପୁର, ୨୩।୫ (ସମିସ)**

ଆସନ୍ତା ୨୭, ୨୮ ତାରିଖ ଆଡ଼କୁ ଉପକୂଳ ଓଡ଼ିଶାରେ ଲଘୁଚାପ ବର୍ଷା ଆରମ୍ଭ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତାହାରି ପ୍ରଭାବରେ ସମ୍ବଲପୁର ଜିଲ୍ଲାରେ ମଧ ମେଘୁଆ ପାଗ, ସାମାନ୍ୟ ବର୍ଷା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ମୌସୁମୀ ଆସନ୍ତା ସପ୍ତାହରେ ମୌସୁମୀ କେରଳ ଛୁଇଁବ ଏବଂ ତାହାର ପ୍ରାୟ ୧୦ ଦିନ ମଧ୍ୟରେ ଓଡ଼ିଶାରେ ବର୍ଷା ହେବା ଅନୁମାନ କରାଯାଉଛି। ସମ୍ବଲପୁର ଜିଲ୍ଲାରେ ରବି ଧାନ ସଂଗ୍ରହ ଆରମ୍ଭ ହୋଇଥିବାବେଳେ ସମ୍ଭାବ୍ୟ ବର୍ଷାକୁ ନେଇ ଚାଷୀମାନେ ଆତଙ୍କିତ ରହିଛନ୍ତି। ଧାନ ଖଳାରେ ପଡ଼ି ରହିଥିବାବେଳେ ମଣ୍ଡି ମାନଙ୍କରେ ମଧ ପଡ଼ିରହିଛି। ମଣ୍ଡି ମାନଙ୍କରେ ହଜାର ହଜାର ବସ୍ତା ଧାନ ଜମା କରିବା ସୁବିଧା ନଥିବାରୁ ବର୍ଷାହେଲେ କ୍ଷତିଗ୍ରସ୍ତ ହେବ ଚାଷୀ। ଚାଷୀର କଷ୍ଟୋପାର୍ଜିତ ଧାନ ଓଦା ହୋଇଗଲେ ବିକ୍ରୟରେ ଅସୁବିଧା ସହ କଟ୍‌ନିଛଟ୍‌ନିରେ ଶୋଷଣର ଶିକାର ହେବ। ଏପରିସ୍ଥଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ୱରିତ୍ ପଦକ୍ଷେପ ନେବାପାଇଁ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ଦାବି ଜଣାଇଛି। ଉଲ୍ଲେଖଯୋଗ୍ୟ ଯେ, ଜିଲ୍ଲା ଧାନ ସଂଗ୍ରହ କମିଟି (ଡିଏଲ୍‌ପିସି) ବୈଠକରେ ଅଦିନିଆ ବର୍ଷାରେ ଧାନ ସୁରକ୍ଷା ସକାଶେ ବ୍ୟବସ୍ଥା କରିବାକୁ ଉପଜିଲ୍ଲାପାଳ ତଥା ଆରଏମ୍‌ସି ଚେୟାରମ୍ୟାନ୍ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଗତ୧୪ ତାରିଖରୁ ସମ୍ବଲପୁର ଜିଲ୍ଲାରେ ରବି ଧାନ ସଂଗ୍ରହ ଆରମ୍ଭ ହୋଇଛି। ଚଳିତବର୍ଷ ଜିଲ୍ଲାରେ ୧୬୫୦୪ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଯାଞ୍ଚପରେ ଚାଷୀ ସଂଖ୍ୟା ୧୬୪୯୦ ରହିଛି। ୩୨ଟି ପ୍ରାଥମିକ କୃଷି ସମବାୟସମିତି (ପକ୍ସ) / ବୃହତ୍ଅଞ୍ଚଳବହୁମୁଖୀ ସମିତି (ଲ୍ୟାମ୍ପସ୍) ଏବଂ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରୁଛନ୍ତି। ମୋଟ ୫୮ଟି ଧାନକ୍ରୟ କେନ୍ଦ୍ର ଖୋଲାଯାଇଥିବାବେଳେ ୪୬ ଜଣ ମିଲର୍ ଅଂଶଗ୍ରହଣ କରୁଛନ୍ତି। ସମ୍ପ୍ରତି ରବି ଧାନ ସଂଗ୍ରହ ଚାଲିଛି। ଜିଲ୍ଲାରେ ଚାଷୀମାନେ ଧାନ ଅମଳ କରିବା ସହ ଖଳା, କ୍ଷେତ ଓ ରାସ୍ତାରେ ଧାନ ଶୁଖାଉଥିବା ଦେଖିବାକୁ ମିଳୁଛି। ଧାନ ବସ୍ତାମାନଙ୍କରେ ପ୍ୟାକିଂ କରି ଟୋକନ୍ ଆସିବାକୁ ଅପେକ୍ଷା କରିଛନ୍ତି। ସମ୍ଭାବ୍ୟ ବର୍ଷା ହେଲେ ଧାନକୁ ସୁରକ୍ଷିତ ରଖିବାପାଇଁ ଚାଷୀ ପାଖରେ ପର୍ଯ୍ୟାପ୍ତ ଜାଗା ନାହିଁ। କେତେକ ସ୍ଥାନରେ ଧାନ ଅମଳ ସରିଥିବାବେଳେ ଟୋକନ ଆସିନାହିଁ ଏବଂ ଅମଳ କରିନଥିବା ଚାଷୀର ଟୋକନ ଆସିଥିବା ଅଭିଯୋଗ ମଧ ହେଉଛି। ପୁଣି ଚାଷୀ ମଣ୍ଡିକୁ ଧାନ ବିକ୍ରୟ ପାଇଁ ନେଲେ ସେଠାରେ ମଧ ଲଘୁଚାପ ବର୍ଷା ହେଲେ ଧାନ ରଖିବା ଜାଗା ନାହିଁ। କେବଳ ସ୍ଥାୟୀ ମାର୍କେଟୟାର୍ଡ ମାନଙ୍କରେ ଏଭଳି ସୁବିଧା ଥିବାବେଳେ ଏପର୍ଯ୍ୟନ୍ତ ସରକାର ସମସ୍ତ ମଣ୍ଡିରେ ଏହି ବ୍ୟବସ୍ଥା କରିନାହାନ୍ତି।

ଅନ୍ୟପକ୍ଷରେ ଚାଷୀ ଧାନକୁ ନେଇ ମଣ୍ଡିରେ ବିକ୍ରୟ କରିବା ପର୍ଯ୍ୟନ୍ତ ତା'ର ଦାୟିତ୍ୱ ଥିବାବେଳେ ପ୍ରଶାସନିକ ବ୍ୟବସ୍ଥା ଅଭାବରୁ ତାକୁ ମିଲ୍‌କୁ ନେଇ ଧାନ ଜମା କରିବାକୁ କୁହାଯାଉଛି। ଧାନକ୍ରୟ ସମୟରେ ଆଦ୍ରତା ମିଟର ଜରିଆରେ ତାହା ମାପ କରାଯାଉଛି। ଚାଷୀ ଖରାରେ ଧାନ ଶୁଖାଇ ଶୁଖିଲା ଓ ସଫା ଧାନ ଦେବାକୁ ପ୍ରୟାସ ଜାରି ରଖିଛି। ଏବେ ଅମଳ ସହ ଧାନଖରି କ୍ଷେତ, ଖଳା ଓ ରାସ୍ତା ଉପରେ ରହିବାସହ ଧାନବସ୍ତା ଥାକିମାରି ସରକାରଙ୍କ ଟୋକନ୍‌କୁ ଅପେକ୍ଷା କରି ରହିଛି ଚାଷୀ। ସମ୍ଭାବ୍ୟ ଲଘୁଚାପ ବର୍ଷା କ୍ଷେତ୍ରରେ ଧାନ ଓଦା ହେଇଗଲେ ମିଲର୍‌ମାନଙ୍କୁ ତାହା ସୁବିଧା ହେବ ଏବଂ ଅଧିକ କଟ୍‌ନିଛଟ୍‌ନି କରିବା ଆଶଙ୍କା ରହିଛି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ର କହିଛନ୍ତି, ଧାନ ଅମଳ କରି ଖରି କ୍ଷେତରେ ପଡ଼ିଛି, ତାହାସହ ଧାନ ଗୁଡ଼ିକ ଶୁଖାଇବା ସହ ବସ୍ତାଗୁଡ଼ିକ ଖୋଲା ଆକାଶତଳେ ଥାପିମାରି ରଖିଛନ୍ତି। ଧାନକିଣା ଏବେ ଆରମ୍ଭ ହୋଇ ପ୍ରଥମ ପର୍ଯ୍ୟାୟ ଚାଲିଛି। ଲଘୁଚାପ ଆସୁଛି ତାହା ସହିତ କାଳବୈଶାଖୀ ମଧ ହେଉଛି। ଏପରିସ୍ଥଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଷୀମାନଙ୍କ ସହ ଯୋଗାଯୋଗ କରି ଧାନର ସୁରକ୍ଷା ବ୍ୟବସ୍ଥା ନକଲେ ଚାଷୀମାନେ କ୍ଷତିଗ୍ରସ୍ତ ହେବେ। କୃଷକ ସୁରକ୍ଷା ସଙ୍ଗଠନ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ଧାନ ଖଳା ଓ ମଣ୍ଡିରେ ରହିଥିବାରୁ ପର୍ଯ୍ୟାପ୍ତ ଟାରପଲିନ ଯୋଗାଇବା ସହ ଧାନ କିପରି ଶୀଘ୍ର ବିକ୍ରୟ ହେବ ତାହାର ସୁବିଧା କରିବା ଉଚିତ ବୋଲି ମତ ରଖିଛନ୍ତି। ଆର୍‌ଏମ୍‌ସି ସମ୍ପାଦକ ସରୋଜ ମେହେର କହିଛନ୍ତି, ପର୍ଯ୍ୟାପ୍ତ ପରିମାଣରେ ଟାରପଲିନ୍ ରହିଛି। ଧାନ କିଣିବାପରେ ସେହିଦିନ ମିଲର୍ ପାଖକୁ ପଠାଇ ଦିଆଯାଉଛି। ୧୯ଟି ସ୍ଥାୟୀ ମାର୍କେଟୟାର୍ଡରେ ଗୋଦାମ ଘର ଓ କଭର୍ ସେଡ୍ ରହିଥିବାରୁ କିଛି ଅସୁବିଧା ହେବନାହିଁ।




ବ୍ୟସ୍ତବହୁଳ ଲକ୍ଷ୍ମୀଟକିଜ ଛକ - ଗୋଲବଜାର ଛକ ପାଦଚଲା ରାସ୍ତା ଉପରେ ଚଷମା ଦୋକାନ

## ପତ୍ନୀଙ୍କୁ ଯୌତୁକ ନିର୍ଯାତନାଜନିତ ହତ୍ୟା ଅଭିଯୋଗ

**ସମ୍ବଲପୁର, ୨୩।୫ (ସମିସ)** : ସଦର ଥାନା ତାଲପାଲି ଗାଁରେ ପତ୍ନୀଙ୍କୁ ଯୌତୁକ ନିର୍ଯାତନାଜନିତ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ କିଶୋର ପାଣ୍ଡେଙ୍କ ପତ୍ନୀ ମାନସୀ ପାଣ୍ଡେ (୨୫)। ଏହା ଯୌତୁକ ଜନିତ ହତ୍ୟା ଘଟଣା ବୋଲି ମୃତ ମାନସୀଙ୍କ ବାପା ସୀତାରାମ ସେଠ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାନସୀଙ୍କ ଶରୀରରେ ମାଡ଼ମରା ଦାଗ ଥିବା ଦେଖାଯାଇଛି। ଅଭିଯୋଗ ଭିତ୍ତିରେ ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଶବ ଜବତ ପରେ ପ୍ରାଥମିକ ତଦନ୍ତରୁ ଯୌତୁକ ନିର୍ଯାତନା ଜନିତ ହତ୍ୟା ମାମଲା ରୁଜୁ କରିଛନ୍ତି। ଶବକୁ ସଦର ଡାକ୍ତରଖାନା ଫ୍ରିଜର୍‌ରେ ରଖାଯାଇଛି।

ସୂଚନାନୁସାରେ କୁଦୋପାଲି ଗାଁର ସୀତାରାମ ସେଠଙ୍କ ଝିଅ ମାନସୀ ତାଲପାଲି ଗାଁର କିଶୋର ପାଣ୍ଡେଙ୍କୁ ୩ ବର୍ଷ ତଳେ ବିବାହ କରିଥିଲେ। ଇତି ମଧ୍ୟରେ କୌଣସି ସନ୍ତାନ ସନ୍ତତି ନ ଥିବାବେଳେ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ କଳହ ଲାଗିରହିଥିଲା। ଯୌତୁକ ଦାବିରେ ଏକାଧିକ ଥର କଳହ ଉପୁଜି ମାନସୀ ବାପ ଘରକୁ ଚାଲିଆସିଥିଲେ। ଶୁକ୍ରବାର ପୂର୍ବାହ୍ନରେ କିଶୋର ପତ୍ନୀ ମାନସୀଙ୍କ ବଡ଼ ଭଉଣୀ ସହ ଫୋନରେ ଗୋଟିଏ ଘଣ୍ଟା କଥା ହୋଇ ମାନସୀ ଆତ୍ମହତ୍ୟା ଉଦ୍ୟମ କରୁଥିବା ନେଇ ସୂଚନା ଦେଇଥିଲେ। ପୂର୍ବାହ୍ନ ସାଢ଼େ ୧୦ଟାରେ କିଶୋର ଗୁରୁତର ଅବସ୍ଥାରେ ମାନସୀଙ୍କ ଚିକିତ୍ସା ସକାଶେ ସଦର ଡାକ୍ତରଖାନା ପହଞ୍ଚାଇଥିଲେ। କିନ୍ତୁ ସେଠାରେ ଡାକ୍ତର ମାନସୀଙ୍କୁ ମୃତ ଘୋଷଣା କରିଥିଲେ। ଅପରାହ୍ନ ୪ଟାରେ ପୁଲିସ ଡାକ୍ତରଖାନାରୁ ମାନସୀଙ୍କ ଶବ ଜବତ କରିଥିଲା। ମାନସୀ ଝୁଲି ପଡ଼ି ଆତ୍ମହତ୍ୟା କରିଥିବା ସ୍ୱାମୀ କହୁଥିବା ବେଳେ ତଦନ୍ତ ପୂର୍ବକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୁଲିସ ଅଧିକାରୀ କହିଛନ୍ତି।

## 'ସ୍ୱଇଚ୍ଛା' ସହାୟତାରେ ପରିବାର ଫେରିପାଇଲେ ବୃଦ୍ଧ

**ସମ୍ବଲପୁର, ୨୩।୫ (ସମିସ)**:'ସ୍ୱଇଚ୍ଛା'ର ସଦସ୍ୟମାନେ ପ୍ରାୟ ଛଅ ମାସ ତଳେ ମଧୁସୂଦନ ସାହୁ ନାମକ ଜଣେ ବୃଦ୍ଧଙ୍କୁ ଅଚେତ ଅବସ୍ଥାରେ ସମ୍ବଲପୁର ଫାଟକ ନିକଟରୁ ଉଦ୍ଧାର କରିଥିଲେ। ତାଙ୍କୁ ଚିକିତ୍ସାକରି ଜୀବନ ପଥ ଆଶ୍ରମରେ ଥଇଥାନ କରାଯାଇଥିଲା। ମାନସିକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ହେଲାପରେ ସେ ନିଜ ପରିଚୟ ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଅନ୍ତର୍ଗତ ଭେରୁଆମୁଣ୍ଡା ଗ୍ରାମ ବୋଲି କହିଥିଲେ। ଏହାପରେ 'ସ୍ୱଇଚ୍ଛା' ସଦସ୍ୟମାନେ ତାଙ୍କ ଠିକଣାରେ ଯୋଗାଯୋଗ କରିଥିଲେ। ମଧୁସୂଦନଙ୍କୁ ତାଙ୍କ ପରିବାର ଲୋକେ ଚିହ୍ନିଲାପରେ ପରେ ନାତି ଯଶୋବନ୍ତ ସାହୁ ଜୀବନ ପଥ ଆଶ୍ରମରେ ପହଞ୍ଚିଥିଲେ। ସମ୍ପୃକ୍ତ ବୃଦ୍ଧଜଣକ ନିଜ ନାତିକୁ ଦେଖି ଖୁସି ହେବାସହ ତାଙ୍କସହ ଘରକୁ ଫେରି ଯାଇଛନ୍ତି। ଏହି କାର୍ଯ୍ୟରେ ଆର୍ତ୍ତତ୍ରାଣ ଶତପଥୀ, ସୋନୁ ସିଂ, ସନ୍ଦିପ ପଣ୍ଡା, ଜୟଶ୍ରୀ ତ୍ରିପାଠୀ, ଲଳିତ ପଟ୍ଟନାୟକ, ଟୁମ୍‌କି ପ୍ରମୁଖ ସହଯୋଗ କରିଥିଲେ।

## 'ଶବ୍ଦଗଙ୍ଗା'ର ୬୦ତମ ସଂଖ୍ୟା ଉନ୍ମୋଚିତ

**ସମ୍ବଲପୁର, ୨୩।୫ (ସମିସ)**: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅନଲାଇନ ମାସିକ ମୁଖପତ୍ର 'ଶବ୍ଦଗଙ୍ଗା'ର ୬୦ତମ ସଂଖ୍ୟା ଆଜି ସନ୍ଧ୍ୟାରେ ବିଭାଗୀୟ ମୁଖ୍ୟ ତଥା 'ଶବ୍ଦଗଙ୍ଗା'ର ମୁଖ୍ୟ ସମ୍ପାଦକ ଡଃ ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧକ୍ଷତାରେ ଉନ୍ମୋଚିତ ହୋଇଯାଇଛି। ଏହି ସଂଖ୍ୟାର ଅତିଥି କବି ଭାବରେ ରଞ୍ଜିତା ହୋତା ଯୋଡ଼ି ହୋଇ ଶବ୍ଦଗଙ୍ଗାର ପ୍ରତ୍ୟେକ ବିଭାଗକୁ ପ୍ରଶଂସା କରିବା ସହ କବି ଓ କବିତାର ସାରସ୍ୱତ ସମ୍ପର୍କକୁ ବ୍ୟାଖ୍ୟା କରିଥିଲେ। ଏହାସହ ନିଜସ୍ୱ କବିତା 'କେମିତି କହିବି' ପାଠ କରିଥିଲେ। ଏହି ସଂଖ୍ୟାର ପ୍ରତିଭା ବାଟିକାରେ ସ୍ଥାନ ପାଇଥିବା ସ୍ନାତକ ଛାତ୍ରୀ ସ୍ୱାତିକା ସାହୁ 'ଶବ୍ଦଗଙ୍ଗା'ର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। 'ଶବ୍ଦଗଙ୍ଗା'ର ସହଯୋଗୀ ଛାତ୍ର ସମ୍ପାଦିକା ଅନନ୍ୟା ବେହେରା ସ୍ୱାଗତ ଭାଷଣ ଏବଂ ସହଯୋଗୀ ଛାତ୍ର ସମ୍ପାଦକ ଜଗନ୍ନାଥ ମେହେର ସମ୍ପାଦକୀୟ ଅଭିଭାଷଣ ରଖିବା ସହ ଯାନ୍ତ୍ରିକ ଦାୟିତ୍ୱ ତୁଲାଇଥିଲେ। ଛାତ୍ରୀ ତୃଷ୍ଣା ଦାଶ ଓଡ଼ିଆ ଭାଷା ସାହିତ୍ୟର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଛାତ୍ର ସମ୍ପାଦିକା ଇପ୍ସିତା ପ୍ରିୟଦର୍ଶିନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଭାସୀ କାର୍ଯ୍ୟକ୍ରମରେ ସମ୍ପାଦକ ମଣ୍ଡଳୀଙ୍କ ସମେତ ବହୁସଂଖ୍ୟକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## 'ବିକାଶ'ରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୨୩।୫ (ସମିସ)**: ଛାତ୍ରଛାତ୍ରୀଙ୍କଠାରେ ପ୍ରତିଭାର ଅଭାବ ନାହିଁ ତାକୁ ଯଦି ପ୍ରସ୍ଫୁଟିତ କରିବାକୁ ହେଲେ ଉପଯୁକ୍ତ ଭିତ୍ତିଭୂମି, ଅଭିଜ୍ଞ ଶିକ୍ଷକ ଏବଂ ସମୟପୋଯୋଗୀ ପାଠ୍ୟଖସଡ଼ା ଦରକାର ଯାହାକି ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ ପାଇଁ 'ବିକାଶ' ହିଁ ଏକ ଉପଯୁକ୍ତ ସ୍ଥାନ ବୋଲି ଅଭିଭାବକମାନେ ମତପ୍ରକାଶ କରିଛନ୍ତି। ଚଳିତବର୍ଷ ଯୁକ୍ତ -୨ ପରୀକ୍ଷାର ସଫଳତା ପାଇଁ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା ସମାରୋହରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ତଥା ୫୦୦ କ୍ଲବରେ ସାମିଲ ହୋଇଥିବା ୩୪ ଜଣ କୃତୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡଃ ଦିବ୍ୟସିଂହ ମହନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରକୃତରେ ବ୍ୟକ୍ତିର ସଫଳତା ପଛରେ ସ୍ୱଅଧ୍ୟବସାୟ, ମାତାପିତା, ଅନୁଷ୍ଠାନ ଓ ଗୁରୁଜନଙ୍କ ଆର୍ଶୀବାଦ ନ ହେଲେ ଏହା ସମ୍ଭବପର ନୁହେଁ ବୋଲି ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ଚେୟାରମେନ୍ ତଥା ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ କହିଥିଲେ। ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ନିର୍ଦ୍ଦେଶକ ଜି. ରାମକୃଷ୍ଣ ନିରନ୍ତର



ଅଭ୍ୟାସ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷାକୁ ମନ୍ତ୍ର ଦୀକ୍ଷା ପରି ଗ୍ରହଣ କଲେ ସଫଳତା ଆପେ ଆପେ ଆସିବ ବୋଲି ମତ ରଖିଥିଲେ। ଅନୁଷ୍ଠାନର ମୁଖ୍ୟ ପ୍ରସାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ ଚଳିତବର୍ଷର ଫଳାଫଳ ଉପରେ ଆଲୋକପାତ କରିଥିଲେ। ଏକାଡେମିକ ଉପଦେଷ୍ଟା ଡଃ ନବିନ ଶର୍ମା, ବିକାଶ ଦ' କନସେପ୍ଟ ସ୍କୁଲର ଅଧକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲର ଅଧକ୍ଷା ଡଃ ପୁଷ୍ପିତା ପଣ୍ଡା, ବିକାଶ ଫାଷ୍ଟଷ୍ଟେପ୍‌ର ଅଧକ୍ଷା ଡି.ଶାନ୍ତା ଚୌଧୁରୀ ଓ ବିକାଶ ନର୍ସି ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଇଶ୍ୱର ନାଗ, ବିକାଶ ଦ' କନସେପ୍ଟ ସ୍କୁଲର ଉପାଧକ୍ଷ ଯଶବନ୍ତ ସାହୁ ପ୍ରମୁଖ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉକ୍ତ ସମାରୋହକୁ ମନୋରଞ୍ଜନ ମିଶ୍ର ସଂଯୋଜନା କରିଥିବା ବେଳେ ବିଜନ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ରକ୍ତଦାନ ଶିବିର

**ସମ୍ବଲପୁର, ୨୩।୫ (ସମିସ)**: ସମାଜ ପ୍ରତି ପ୍ରତିବଦ୍ଧତାର ଏକ ଅଂଶ ଭାବରେ ଟିପିଡବ୍ଲ୍ୟୁଓଡିଏଲର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସ୍‌ଆର୍) ପକ୍ଷରୁ ମାରୱାଡ଼ି ଯୁବା ମଞ୍ଚ, ସମ୍ବଲପୁରର ସହଯୋଗିତାରେ ଆଜି କମ୍ପାନୀର ସମ୍ବଲପୁର ଇଷ୍ଟ ଇଲେକ୍ଟ୍ରିକାଲ୍ ଡିଭିଜନ୍ ଅଫିସଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ରକ୍ତଦାନ ଶିବିରରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମାଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ ମାରୱାଡ଼ି ଯୁବା ମଞ୍ଚର ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ଟିପିଡବ୍ଲ୍ୟୁଓଡିଏଲର ଅନେକ କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ।ଶିବିରମରେ ମୋଟ ୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାତାଙ୍କ ମଧ୍ୟରୁ ୮ ଜଣ ମହିଳା ରକ୍ତଦାତା ଏବଂ ୫ ଜଣ ପ୍ରଥମଥର ପାଇଁ ରକ୍ତଦାନ କରିଥିଲେ। ପ୍ରକାଶ ଥାଉ କି, ଟିପିଡବ୍ଲ୍ୟୁଓଡିଏଲର ସିଏସ୍‌ଆର କାର୍ଯ୍ୟ ଅଧିନରେ ତିନୋଟି ମୋବାଇଲ୍ ହେଲଥ୍ ଡିସପେନସାରି ଭ୍ୟାନ୍ ନିୟୋଜିତ କରାଯାଇଛି, ଧନ୍ଦାମୂଳକ ତାଲିମ କେନ୍ଦ୍ର ଚାଲିଛି ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମିଲେଟ୍ ଚାଷୀଙ୍କୁ ମଧ ସହାୟତା କରାଯାଉଛି। ଟିପିଡବ୍ଲ୍ୟୁଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଖୁସି ବ୍ୟକ୍ତ କରି କହିଛନ୍ତି ଯେ, ବର୍ଷକ ମଧ୍ୟରେ ବିଭିନ୍ନ ବିଭାଗ କାର୍ଯ୍ୟାଳୟରେ ଏହି ପ୍ରକାର ରକ୍ତଦାନ ଶିବିର ଆୟୋଜନ କରିପାରିଥିବାରୁ ଆମେ ଗର୍ବିତ। ଆଗାମୀ ଦିନରେ କମ୍ପାନୀ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମକୁ ତୀବ୍ରତର କରାଯିବ ଏବଂ ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀ ସିଏସ୍‌ଆର୍‌ଓ ବଜେଟକୁ ବୃଦ୍ଧି କରିବ।



## ଚିକିତ୍ସା ପାଇଁ ରାସେଶ୍ୱରୀ ପାଣିଗ୍ରାହୀ ଟ୍ରଷ୍ଟର ସହାୟତା

**ସମ୍ବଲପୁର, ୨୩।୫ (ସମିସ)**: ବୁର୍ଲାର ବିଶ୍ୱନାଥ ମହାନନ୍ଦ ଯକୃତ (ଲିଭର) ରୋଗରେ ପିଡ଼ିତ ହୋଇ ଗତ ଦୁଇରୁ ତିନି ବର୍ଷ ହେଲା ଭିମସାରରେ ଚିକିତ୍ସିତ ହେଉଥିଲେ। ପ୍ରାୟ ଛଅ ମାସ ପୂର୍ବରୁ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ଭୁବନେଶ୍ୱର ଏମ୍‌ସ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ଦିଲ୍ଲୀ ନେଇ ଲିଭର୍ ଟ୍ରାନ୍ସପ୍ଲାଣ୍ଟ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ବ୍ୟୟବହୁଳ ହୋଇଥିବାରୁ ତାଙ୍କ ମା' ବିଶାଖା ମହାନନ୍ଦ ପୁଅ ବିଶ୍ୱନାଥର ଚିକିତ୍ସା ପାଇଁ ଦିଲ୍ଲୀ ଯିବାକୁ ଡ. ରାସେଶ୍ୱରୀ ପାଣିଗ୍ରାହୀ ଟ୍ରଷ୍ଟକୁ ଆବେଦନ କରିଥିଲେ। ଟ୍ରଷ୍ଟ ପକ୍ଷରୁ ତାଙ୍କୁ ୨୦ ହଜାର ଟଙ୍କାର ଚେକ୍ ଆଜି ପ୍ରଦାନ କରାଯାଇଛି। ଏହି ସମୟରେ ତାଙ୍କ ପରିବାରବର୍ଗ ଓ ଟ୍ରଷ୍ଟ ତରଫରୁ ଦେବାଶିଷ ନନ୍ଦ, ସ୍ୱରୂପ ପୁରୋହିତ ତଥା ସମାଜସେବୀ ସୀତା ପ୍ରଧାନ ଉପସ୍ଥିତ ଥିଲେ।






# ବଡ଼ବଜାର ଓ ଠାକୁରପଡ଼ା ଶୋଭାଯାତ୍ରାରେ ୩ ହଜାର କଳାକାର

**ସମ୍ବଲପୁର, ୨୩।୫ (ସମିସ)**

ଗତ ଏପ୍ରିଲ ୩୦ ତାରିଖ ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀର ଆଦ୍ୟ ପର୍ବ 'ଥାଳ ଉଠା'ଠାରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଆସନ୍ତା ୩୧ ତାରିଖ ବିଳମ୍ବିତ ରାତ୍ରି ଏବଂ ବ୍ରାହ୍ମମୁହୂର୍ତ୍ତରେ ଦେବବିବାହ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ଯାତ୍ରା କମିଟିର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଲାଣି। ବଡ଼ବଜାର ଓ ଠାକୁରପଡ଼ା ଯାତ୍ରା କମିଟି ପକ୍ଷରୁ ସ୍ଥାନୀୟ କଳାକାର ଓ ଲୁପ୍ତପ୍ରାୟ କଳାକୁ ଲୋକଲୋଚନକୁ ଆଣିବା ସହ ଲୋକକଳାକୁ ପ୍ରାଧାନ୍ୟ ଦିଆଯିବ। ଉଭୟ ଯାତ୍ରା କମିଟି ପକ୍ଷରୁ ଯୁଗଳ ଦର୍ଶନ ଶୋଭାଯାତ୍ରାରେ ତଲନାଚ, ରଥନାଚ, ରେକର୍ଡ ଡ୍ୟାନ୍ସ ଆଦିକୁ ମିଶାଇ ପ୍ରାୟ ଦେଢ଼ ହଜାର ଲେଖାଏ ମୋଟ ୩ ହଜାର କଳାକାର କଳା ପ୍ରଦର୍ଶନ କରିବେ ବୋଲି ସୂଚନା ଦିଆଯାଇଛି। ଆଜି ବଡ଼ବଜାରର ଶ୍ରୀ ଶୀତଳେଶ୍ୱର ବାବା ଯାତ୍ରା କମିଟି ଏବଂ ଠାକୁରପଡ଼ାର ଶ୍ରୀ ଗୁପ୍ତେଶ୍ୱର ବାବା ଯାତ୍ରା କମିଟି ପକ୍ଷରୁ ମିଳିତ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ବଡ଼ବଜାର ଶୀତଳଷଷ୍ଠୀ ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ସରୋଜ କୁମାର ସାହୁ, ସଭାପତି କିଶୋର ପ୍ରଧାନ ଓ ସମ୍ପାଦକ ରାମଦାସ ପଣ୍ଡା ଏବଂ ଠାକୁରପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଶିବ ପ୍ରଧାନ, ଆବାହକ ଲିଙ୍ଗରାଜ ପରିଡ଼ା, ସମ୍ପାଦକ ସଞ୍ଜିବ ନାଏକ ମଞ୍ଚାସୀନ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅଶ୍ଳୀଳ ନୃତ୍ୟକୁ ବାରଣ କରାଯାଇଥିବା ବେଳେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଥିବା ଜଣାପଡ଼ିଛି। ଆସନ୍ତା ୨୯ ତାରିଖ ଦେବବିବାହ ନିମନ୍ତେ ପତରପେଁଡ଼ି କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ୩୦ ତାରିଖ ଦେ'ନିଉତା ବା ହନୁମାନ ନିଉତା, ୩୧ ତାରିଖ ରାତିରେ ବରାନୁଗମନ ଓ ବିଳମ୍ବିତ ରାତ୍ରି ବ୍ରାହ୍ମମୁହୂର୍ତ୍ତରେ ଶୁଭ ଲଗ୍ନରେ ହାତଗଣ୍ଠି, ୧ ତାରିଖ ବିଳମ୍ବିତ ରାତିରେ ନଗର ପରିକ୍ରମା ବା ଯୁଗଳ ଦର୍ଶନ ଶୋଭାଯାତ୍ରା ଏବଂ ୨ ତାରିଖ ସନ୍ଧ୍ୟାରେ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି।

ବଡ଼ବଜାରର ଶ୍ରୀ ଶୀତଳେଶ୍ୱର ବାବାଙ୍କ ୨୨ତମ ଶୀତଳଷଷ୍ଠୀ ଯାତ୍ରା ଚଳିତବର୍ଷ ଆୟୋଜନ କରାଯାଉଛି। ଏଥର ବ୍ୟୟ ଅଟକଳ ରହିଛି ୩୦ ଲକ୍ଷ ଟଙ୍କା। ମୁଖ୍ୟ ପରଭା ସମ୍ମୁଖରେ ଆନ୍ଧ୍ରପ୍ରଦେଶର ନାଦଶ୍ୱରମ ବାଦ୍ୟ ଏବଂ ରାୟପୁରର ଧମାଲ ଗ୍ରୁପ୍‌ର ଢୋଲ ବାଜା ସହିତ ଡିଜେ, ଲେଜର ଶୋ', ଆତସବାଜି ଆଦି ମୁଖ୍ୟ ଆକର୍ଷଣ ହେବ। ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶା ସହିତ ସାରା ଭାରତର ଲୋକକଳା ଓ ଲୋକନୃତ୍ୟକୁ ବଡ଼ବଜାର କମିଟି ପକ୍ଷରୁ ପ୍ରାଧାନ୍ୟ ଦିଆଯାଇଛି। ମୁଖ୍ୟ ଶୋଭାଯାତ୍ରାରେ ପ୍ରାୟ ୧୫୦୦ କଳାକାର ସାମିଲ



ହେବେ। ତନ୍ମଧ୍ୟରେ ନାଦଶ୍ୱରମ ଆନ୍ଧ୍ରପ୍ରଦେଶ, ଛଉନୃତ୍ୟ ପୁରୁଲିଆ, ଝାଲେର ଝାଞ୍ଜ ବିଲାସପୁର, ଶୁଆନୃତ୍ୟ ଛତିଶଗଡ଼, ଅଞ୍ଚଳ ଆଦିବାସୀ ନୃତ୍ୟ ଅମ୍ବିକାପୁର ଓ ଧମାଲ ବାଦ୍ୟ ରାୟପୁରର ରହିବ। ରାଜ୍ୟ ମଧ୍ୟରୁ ଦୁଲଦୁଲି, ଘଣ୍ଟ ସମ୍ବଲପୁର, ଅଘୋରୀ, ଶିବପାର୍ବତୀ ପାରମ୍ପରିକ ନୃତ୍ୟ ରାଉରକେଲା, ଢାଙ୍ଗେର ଭବାନୀପାଟଣା, ସମ୍ପ୍ରଦା ପତଥାଲଗାଁ, ଆଧୁନିକ କର୍ଣ୍ଣେଇ ନୃତ୍ୟ ରାଉରକେଲା ଆଦି ପରିବେଷଣ କରାଯିବ। ଏହାସହ ରେକର୍ଡ ଡ୍ୟାନ୍ସରେ ଆସାମ, ରାଉରକେଲା, ଭୁବନେଶ୍ୱର, କୋଲକାତାର ନୃତ୍ୟ ଦଳ ରହିବେ। ମୁଖ୍ୟପରଭା ତାମଡ଼ା ତାରକସି କାର୍ଯ୍ୟ ହେବାକୁ ଥିବାବେଳେ ହନୁମାନ ପରଭା ଶଙ୍ଖଚକ୍ର ଗଦା ପଦ୍ମ, ରାଧାକୃଷ୍ଣ ପରଭା ମୟୂର ଚୂଳ ଶୈଳୀରେ ହେବ ବୋଲି ବଡ଼ବଜାର ଯାତ୍ରା କମିଟି ସୂତ୍ରରୁ ପ୍ରକାଶ। ଏହା ବଡ଼ବଜାର ଯାତ୍ରା କମିଟିର ୨୨ତମ ଶୀତଳଷଷ୍ଠୀ ଯାତ୍ରା ହୋଇଥିବାରୁ ପୂର୍ବର ୨୧ଥର ଜଗଜ୍ଜନନୀ ମାତା ପାର୍ବତୀଙ୍କ ପିତାମାତା ଦାୟିତ୍ୱ ତୁଲାଇଥିବା ଦମ୍ପତିଙ୍କୁ ଏଥର ନିମନ୍ତ୍ରଣ କରାଯାଇ ସାମିଲ କରାଯିବ। ବରଯାତ୍ରୀ ବାହାରିବା ସମୟରେ, ୧ ତାରିଖ ରାତି ଯୁଗଳ ଦର୍ଶନ ଶୋଭାଯାତ୍ରା ବାହାରିବା ସମୟରେ ଏବଂ ୨ ତାରିଖ ସକାଳେ ଭବ୍ୟ ଆଳତୀ କରାଯିବ। ବଡ଼ବଜାର ଅଞ୍ଚଳରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠ ଥିବାରୁ ଜନସାଧାରଣ ଆସି ଯାତ୍ରା ଦେଖିବା ସହ ସୁରୁଖୁରୁରେ ମା'ଙ୍କ ଦର୍ଶନ କରି ଫେରିଯିବାକୁ ଯାତ୍ରା କମିଟି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି।

ଠାକୁରପଡ଼ାର ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ୨୧ତମ ଶୀତଳଷଷ୍ଠୀ ଯାତ୍ରା ଚଳିତବର୍ଷ ଆୟୋଜନ କରାଯାଉଛି। ଏଥର ବ୍ୟୟ ଅଟକଳ ରହିଛି ୩୫ ଲକ୍ଷ ଟଙ୍କା। ଯୁଗଳ ଦର୍ଶନ ଶୋଭାଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ଅଞ୍ଚଳର ଲୁପ୍ତପ୍ରାୟ କଳାସଂସ୍କୃତିକୁ ଲୋକଲୋଚନକୁ ଆଣିବାସହ କଳାକାରଙ୍କୁ ସମ୍ମାନଦେବା ଠାକୁରପଡ଼ା କମିଟିର ମୁଖ୍ୟ ଲକ୍ଷ୍ୟ ରହିଛି। ଏହାସହ ରାଜ୍ୟ ତଥା ରାଜ୍ୟ ବାହାରର ଲୋକକଳାକୁ ସାମିଲ କରାଯାଇଛି। ଏଥର ମୁଖ୍ୟ ଆକର୍ଷଣ ରହିବ ଲେଜର ଶୋ' ସାଙ୍ଗକୁ ବରପାଲିରୁ ଆସୁଥିବା ମ୍ୟୁଜିକାଲ ଦୁଲ୍‌ଦୁଲି। ମୁଖ୍ୟ ଶୋଭାଯାତ୍ରାରେ ପ୍ରାୟ ୧୫୦୦ କଳାକାର ସାମିଲ ହେବେ। ତନ୍ମଧ୍ୟରେ ରାଜ୍ୟ ବାହାରୁ ଛତିଶଗଡ଼ର ଝାଞ୍ଜ ନୃତ୍ୟ, କୋଲକାତାର କାଳି ମା' ନୃତ୍ୟ, ଆନ୍ଧ୍ରପ୍ରଦେଶର ମତ୍ସ୍ୟ ନୃତ୍ୟ, କେରଳର ବେଙ୍ଗ ନୃତ୍ୟ, ଉଜ୍ଜୟିନୀର ଅଘୋରୀ ନୃତ୍ୟ ଆଦି ରହିଛି। ରାଜ୍ୟ ଭିତରୁ ମୟୂରଭଞ୍ଜର କଳସ ନୃତ୍ୟ, କୋରାପୁଟର ବାଡ଼ି ଖେଳ, ପୁରୀର ମେଢ଼ ନୃତ୍ୟ, ସୁନ୍ଦରଗଡ଼ର ଆଦିବାସୀ ନୃତ୍ୟ, ବଲାଙ୍ଗୀରର ଘଣ୍ଟ ପାର୍ଟି, ଭଦ୍ରକର ଡିଜେ ଓ ଲେଜର ଶୋ', ପୁଟିଆପାଲି, ବରଗଡ଼, ବଲାଙ୍ଗିର ଓ ସୋନପୁରର ଦୁଲଦୁଲି, ଚକଲିର ସମ୍ପ୍ରଦା, ବରପାଲିର ମ୍ୟୁଜିକାଲ ଦୁଲଦୁଲି ଆଦି ରହିଛି। ଏହାସହିତ ଆସାମ, କୋଲକାତା, ରାୟପୁର, କଟକ ଓ ଭୁବନେଶ୍ୱରର ରେକର୍ଡ ନୃତ୍ୟ ପ୍ରଦର୍ଶିତ ହେବ। ଚଳିତବର୍ଷ ପ୍ରଜ୍ଞାପନ ମେଢ଼ରେ ରାକ୍ଷସ, ନନ୍ଦି, କାମଧେନୁ, ଲେଫଟନାଣ୍ଟ ବିନୟ ନରୱାଲ ସହ ବଡ଼ ହନୁମାନ ବିଗ୍ରହ ରହିବ। ମୁଖ୍ୟପରଭା ଅଘୋରୀ ଥିମ୍‌କୁ ନେଇ ପ୍ରସ୍ତୁତ କରାଯାଉଥିବାବେଳେ ହନୁମାନ ଓ ରାମସୀତା ଥିମ୍‌କୁ ନେଇ ପରଭା ପ୍ରସ୍ତୁତ କରାଯାଉଥିବା ଠାକୁରପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଏହାସହ ଠାକୁରପଡ଼ା ପୂଜା କମିଟି ସଭାପତି ଶିବ ପ୍ରଧାନ ବଡ଼ବଜାର ଓ ଠାକୁରପଡ଼ା ଅଞ୍ଚଳରେ ରାସ୍ତାଘାଟ ମୁଖ୍ୟତଃ ଯାତ୍ରାପଥର ଅବରୋଧ ଜବରଦଖଲ ଉଚ୍ଛେଦ ସହ ରାସ୍ତା ମରାମତି କରିବାକୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।


SIDDHI VINAYAK
HIGHER SECONDARY SCHOOL
RESIDENTIAL +2 SCIENCE COLLEGE
PACHHUDIA, JUJHESTIPUR, BALASORE
SVHSS
SIDDHI VINAYAK
Above 90%
Permanent Recognized by Govt. of Odisha & Affiliated to CHSE
A Leading Residential +2 Science College with integrated coaching for Medical & Engineering and Excellent Result Since 2010
TOTAL APPEARED - 215
ABOVE 500 MARK 32
1ST DIVISION 204
2ND DIVISION 11
CONGRATULATIONS
549 S SATYAPRAGYAN PANIGRAHI R. No.-376AA003
548 PRIYANKA PRADHAN R. No.-376AA122
543 KRISHNA PARHI R. No.-376AA113
542 SHUBHAM KU. PANIGRAHI R. No.-376AA012
541 DEBASHRITA NANDA R. No.-376AA115
540 JIBAN PRADEEP SA R. No.-376AA031
100% Result
CHSE RESULT ABOVE 500 MARKS
537 AKANKSHYA BARIK R. No.-376AA120
534 SWATILAGNA PARHI R. No.-376AA146
530 HARABRATA DEY R. No.-376AA018
530 SAI SWARUPA KAR R. No.-376AA123
529 BIDYA DEBARSHI SHIAL R. No.-376AA203
524 TRUPTI RANJAN BEHERA R. No.-376AA032
523 JANMEJAY SATAPATHY R. No.-376AA016
518 SAHIL KUNDU R. No.-376AA051
518 MAYANJIT SAHU R. No.-376AA053
517 CHIRANJEEB BEHERA R. No.-376AA014
515 DEBABRATA BEHERA R. No.-376AA024
515 RAJA BARIK R. No.-376AA214
513 SUBHAM KU. MUNDA R. No.-376AA104
513 SNEHASHREE KAR R. No.-376AA116
510 NIHAR RANJAN DANDAPAT R. No.-376AA009
510 JEEBAN KU. DASH R. No.-376AA034
509 RUDRANARAYAN BHOI R. No.-376AA006
509 SHUBHANKAR SAHOO R. No.-376AA209
508 KAUSHIK KU. MALLICK R. No.-376AA042
508 SHANTANU KU. PANDA R. No.-376AA048
506 TRISHNA PANIGRAHI R. No.-376AA124
506 PRAGYAN P. MALIK R. No.-376AA126
503 DEEPAK KU. MOHANTA R. No.-376AA028
501 BINAY KU. SAHOO R. No.-376AA037
500 KARINAREKHA DHAL R. No.-376AA128
500 STHITI PRAJNA SWAIN R. No.-376AA132
ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପାସହାର ୧୦୦ ଶତକଡ଼ା ହୋଇଛି ।
With Best Complements from : Sumanta Kumar Sahu (Principal), Kabir Kumar Madhual (Chairman), Sudhansu Panda (Secretary), Mousam Kumar Singh (President), all Trustees & Staff.
Admission going on for the session 2025-26
For Admission Contact - 9437976583, 9437061219, 7064489000, 7064489001, 7064489005, 7064489015

# ସମ୍ପାଦକୀୟ



କଷ୍ଟକର କାମ କରିବା ପାଇଁ ମୁଁ ଅଳସୁଆ ବ୍ୟକ୍ତିମାନଙ୍କୁ ପସନ୍ଦ କରେ; କାରଣ ସେମାନେ କଷ୍ଟ କାମଟି କରିବା ପାଇଁ ସହଜ ଉପାୟଟିଏ ବାହାର କରନ୍ତି।
-ବିଲ୍ ଗେଟ୍ସ

ସକାଳ
THE SAKALA

## ମାଓବାଦୀଙ୍କ ମାଡ଼

ଗୋଇନ୍ଦା ସୂତ୍ରରୁ ମିଳିଥିବା ଏକ ନିର୍ଭରଯୋଗ୍ୟ ତଥ୍ୟ ନିର୍ଣ୍ଣାୟକ ଚଢ଼ଉ ସକାଶେ ସୁଯୋଗ ସୃଷ୍ଟି କରିଥିଲା। ସିପିଆଇ (ମାଓବାଦୀ) ଓ ପିପୁଲ୍ସ ଲିବରେସନ ଗରିଲା ବାହିନୀର ପଲିଟବ୍ୟୁରୋ ସଦସ୍ୟ ଓ କେନ୍ଦ୍ରୀୟ କମିଟି ନେତା ନକ୍ସଲ ଉପଦ୍ରୁତ ଦାନ୍ତେୱାଡ଼ା, ନାରାୟଣପୁର ଓ ବିଜାପୁର ଜିଲ୍ଲାର ସୀମନ୍ତ ଅଞ୍ଚଳରେ ଏକତ୍ର ହୋଇଥିଲେ। ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଆଞ୍ଚଳିକ କମିଟିର ନୂତନ ସଂପାଦକ ନିଯୁକ୍ତିକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ କରିବା ଥିଲା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ। ୨୦୧୯ରେ ରମାନ୍ନାଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିବା ପରଠାରୁ ଏହି ସଚିବ ପଦ ଖାଲି ପଡ଼ିଥିଲା। ନେତୃତ୍ୱ ଅଭାବରୁ ପରିଲକ୍ଷିତ ଶିଥିଳତା ଦୂର କରିବା ସଂଗଠନ ସକାଶେ ଜରୁରୀ ହୋଇପଡ଼ିଥିଲା। ତେବେ ନକ୍ସଲଙ୍କୁ ସଂପୂର୍ଣ୍ଣ ରୂପେ ନିପାତ କରିବା ଲକ୍ଷ୍ୟରେ କ୍ରମାଗତ ସୁଚିନ୍ତିତ ଯୋଜନା ପ୍ରସ୍ତୁତି ଚଳାଉଥିବା ବାହିନୀର ମୁଖ୍ୟ ଅବୁଝମାଡ଼ ଜଙ୍ଗଲକୁ ଚତୁର୍ଦ୍ଦିଗରୁ ଘେରଉ କରିବାକୁ ଡିଆରଜି ଓ ଏସଟିଏଫ୍ ଯବାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅପରେସନ ବ୍ଲାକ ଫରେଷ୍ଟ ଦ୍ୱିତୀୟ ଦଫା ମଧ୍ୟ ସଫଳ ହୋଇଛି। ଏହି କାର୍ଯ୍ୟାନୁଷ୍ଠାନରେ ସଂଗଠନର ମହାସଚିବ ନାମ୍ବାଲା କେଶବ ରାଓ ଓରଫ ବାସବରାଜୁଙ୍କ ସମେତ ୩୦ ଜଣ ନକ୍ସଲ୍ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ସଂଗଠନର କିଛି ପ୍ରଭାବଶାଳୀ ନେତା ଓ ସୁଦକ୍ଷ କ୍ୟାଡର ଥିବାର ଅନୁମାନ କରାଯାଉଛି। ଜବତ ହୋଇଥିବା ୨୭ଟି ମୃତଦେହକୁ ଏ ପର୍ଯ୍ୟନ୍ତ ଚିହ୍ନଟ କରାଯାଇପାରିନାହିଁ। ଏହି ସଂଘର୍ଷ ଓ ଗୁଳିବିନିମୟରେ ଜଣେ ଡିଆରଜି ଯବାନ ନିହତ ଓ ଏକାଧିକ ଆହତ ହୋଇଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ସଂଗଠନକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇଲା ଭଳି ନେତୃତ୍ୱ ଅଭାବ ଆଗକୁ ପରିଲକ୍ଷିତ ହେବ। ଏହା ନକ୍ସଲ ଆନ୍ଦୋଳନକୁ ନିଶ୍ଚିହ୍ନ କରିଦେବା ସକାଶେ ସରକାର ଯେଉଁ ଯୋଜନା ପ୍ରସ୍ତୁତ କରିଛନ୍ତି ତାହାକୁ ସାକାର କରିବାରେ ସହାୟକ ହେବ।

ଚାରୁ ମଜୁମଦାର ଓ କାହ୍ନୁ ସାନ୍ୟାଲଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସଶସ୍ତ୍ର ନକ୍ସଲ ଆନ୍ଦୋଳନରେ ବହୁ ଶିକ୍ଷିତ ଓ ବୁଦ୍ଧିଜୀବୀ ସଂଶ୍ଳିଷ୍ଟ ହୋଇଥିଲେ। ସତୁରୀ ଦଶକରେ ଏହି ଆଦର୍ଶଗତ ସଂଗ୍ରାମ ଯେ ନିରାଧାର ଓ ନିରର୍ଥକ ଏକଥା ବୁଝିବାକୁ ବେଶ୍ ସମୟ ଲାଗିଥିଲା। ଆଦର୍ଶଗତ ବିଦ୍ୱେଷ ଓ ବିଭେଦ ମଧ୍ୟରେ ବହୁ ପରିବର୍ତ୍ତନ ଘଟିଛି ଏହି ସଂଗଠନରେ। ୱାରାଙ୍ଗଲ ଆଞ୍ଚଳିକ ଇଂଜିନିୟରିଂ କଲେଜରୁ ବି.ଟେକ୍ ପାସ୍ କରିଥିବା ବାସବରାଜୁ ଜଣେ କମାଣ୍ଡର ଭାବେ ସଂଗଠନରେ ଯୋଗଦେଇ ୨୦୧୮ରୁ ମହାସଚିବ ରୂପେ ନେତୃତ୍ୱ ନେଇଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ସେ ଜଳ, ଜଙ୍ଗଲ ଓ ଜମି ଅଧିକାରକୁ ଆଧାର କରି ବନବାସୀ ଓ ଆଦିବାସୀଙ୍କ ସମର୍ଥନ ହାସଲ କରିଥିଲେ। ଏଠାରେ ମନେ ରଖିବାକୁ ହେବ ଯେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ସନ୍ତ୍ରାସ ଓ ସଂଘର୍ଷର ସ୍ଥାନ ନାହିଁ। ଏହି ସମର୍ଥନ ଆଧାରରେ ପ୍ରତିନିଧିତ୍ୱ କରି ସମସ୍ୟା ସମାଧାନର ଥିବା ସୁଯୋଗ ପ୍ରତି ସେମାନଙ୍କୁ ଆକର୍ଷିତ କରାଯାଇପାରେ। ଏଠାରେ ଉଲ୍ଲେଖ କରାଯାଇପାରେ କି ଅତୀତରେ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସକାଶେ ଆତ୍ମସମର୍ପଣର ସୁଯୋଗ ସୃଷ୍ଟି କରାଯାଇଥିଲା। ଯେତେଦୂର ମନେହୁଏ ବାସବରାଜୁଙ୍କ ପରେ ସଂଗଠନକୁ ନେତୃତ୍ୱ ଦେବାର ଦକ୍ଷତା ଆଉ କାହାର ଥିଲା ଭଳି ମନେ ହେଉନି। ଆଗକୁ ମାଧବୀ ହିଡମାଙ୍କ ନେତୃତ୍ୱ କେତେଦୂର ସକ୍ଷମ ହେବ ସେ ନେଇ ସନ୍ଦେହ ରହିଛି। ତେଣୁ ଅଯଥା ରକ୍ତପାତ ନ କରି ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଏକ ସୁଯୋଗ ସୃଷ୍ଟି କରାଯାଇପାରେ।

ସରକାରଙ୍କ ସଂକଳ୍ପବଦ୍ଧ କାର୍ଯ୍ୟାନୁଷ୍ଠାନରେ ଲାଲଗଡ଼ ଦୁର୍ଗ ପତନ ଅବଶ୍ୟମ୍ଭାବୀ ହୋଇ ପଡ଼ିଥିବା ବେଳେ ନକ୍ସଲଙ୍କ ପକ୍ଷରୁ ମାସକ ତଳେ ଆପୋସ ଆଲୋଚନା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ସରକାରଙ୍କ ଏ ନେଇ ନିରବତାରୁ ସ୍ପଷ୍ଟ ହୋଇଥିଲା ଯେ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଜାରି ରହିବ। ସଂଗଠନର ମୁଖିଆ ବାସବରାଜୁଙ୍କ ନିଧନ ପରେ କ୍ୟାଡରଙ୍କ ପକ୍ଷରେ ଆତ୍ମସମର୍ପଣ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ପ୍ରତିକୂଳ ସମୟ ସହ ଲଢ଼ିବା ଏତେ ସହଜ ନୁହେଁ, ସୁଯୋଗ ବାର ବାର ଆସେ ନାହିଁ। ସରକାରଙ୍କ କୋହଳ ମନୋବୃତ୍ତିର ସୁଯୋଗ ନେଇ ସେମାନେ କେବଳ ଦୌରାତ୍ମ୍ୟ ଜାରି ରଖି ନ ଥିଲେ, ଉନ୍ନୟନ କାର୍ଯ୍ୟର ବାଧକ ସାଜିଥିଲେ। ନିରାପତ୍ତାରକ୍ଷୀ, ସୁରକ୍ଷା ବାହିନୀଙ୍କ ବିରୋଧରେ କ୍ରମାଗତ ଧମାକା ସୃଷ୍ଟି କରି ସେମାନଙ୍କ ନିଧନର କାରଣ ସାଜିଥିଲେ। ଏଠାରେ ସୂଚାଇ ଦିଆଯାଇପାରେ କି ଛତିଶଗଡ଼ କଂଗ୍ରେସ ସଭାପତି ମହେନ୍ଦ୍ର ବର୍ମା ଓ ଟିଡିପି ବିଧାୟକ ଟି. ସର୍ବେଶ୍ୱର ରାଓଙ୍କ ହତ୍ୟା ଘଟଣାରେ ଖୋଦ ବାସବରାଜୁ ସାମିଲ ଥିଲେ। ସେ ଥିଲେ ଦୁର୍ଦ୍ଧର୍ଷ ଓ ଦୁର୍ଦ୍ଦାନ୍ତ ନକ୍ସଲ ନେତା। ଯାହାଙ୍କ ଯୋଜନାବଦ୍ଧ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନରେ ୭୪ ଜଣ ସୁରକ୍ଷା କର୍ମୀ ସହିଦ ହୋଇଥିଲେ। ତଥ୍ୟ କହେ ଯେ, ସୁକୁମା ଆଇଇଡି ବିସ୍ଫୋରଣ, ଗଛେଡିଲି ଲ୍ୟାଣ୍ଡ ମାଇନ ବିସ୍ଫୋରଣ, ସୁକୁମା-ବିଜାପୁର ଅତର୍କିତ ଆକ୍ରମଣ, ଦାନ୍ତେୱାଡା ଓ ବିଜାପୁର ଆଇଇଡି ବିସ୍ଫୋରଣ ଭଳି ସଂଗିନ ଆତଙ୍କୀ ଆକ୍ରମଣ ତାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଛତିଶଗଡ଼ ସରକାର ତାଙ୍କ ମୁଣ୍ଡ ପାଇଁ କୋଟିଏ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଏହାବ୍ୟତୀତ ଓଡ଼ିଶା, ଆନ୍ଧ୍ର ଓ ତେଲଙ୍ଗାନା ସରକାରଙ୍କ ପକ୍ଷରୁ ମଧ୍ୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ସେ ସୁରକ୍ଷାକର୍ମୀଙ୍କ ନିଶାଣରେ ଥିଲେ ମଧ୍ୟ ଗୋଟିକ ପରେ ଗୋଟିଏ ବିପର୍ଯ୍ୟୟ ଘଟାଇ ଏ ରାଜ୍ୟରୁ ସେ ରାଜ୍ୟକୁ ବେଶ ଚତୁରତାର ସହ ପଳାଇଯାଇ ଆଶ୍ରୟ ନେଇଥିବାରୁ ଏ ପର୍ଯ୍ୟନ୍ତ ସୁରକ୍ଷିତ ଥିଲେ। ଅବୁଝମାଡ଼ ନିଷିଦ୍ଧାଞ୍ଚଳରେ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂପର୍କରେ ସଠିକ ଗୋଇନ୍ଦା ତଥ୍ୟ ତାଙ୍କ ସମେତ ସଂଗଠନର ଅନ୍ୟ ପ୍ରମୁଖଙ୍କ ନିଧନ ପାଇଁ ସୁଯୋଗ ସୃଷ୍ଟି କରିଥିଲା।

ଏହି ଘଟଣାକ୍ରମରେ କେତେ ମଲେ, କେତେ ରହିଲେ ତାହାର ହିସାବ ଯେତେ ବଡ଼କଥା ନୁହେଁ, ବଡ଼କଥା ହେଉଛି ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲଙ୍କ ଆତଙ୍କରୁ ମୁକ୍ତ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଯେଉଁ ଘୋଷଣା କରିଥିଲେ ତାହା ଯେ ସାକାର ହେବ ଏକଥା ନିଶ୍ଚିତ ହୋଇଯାଇଛି। ଆଗାମୀ ଦିନରେ ସଂଗଠନ ନେତୃତ୍ୱ ଅଭାବରୁ ବାଟ ହୁଡ଼ିବା ଏକପ୍ରକାର ଥୟ। ତେଣୁ ଲଢ଼େଇ ବଦଳରେ ଆତ୍ମସମର୍ପଣ ହିଁ ବହୁକର୍ମୀଙ୍କ ପାଇଁ ଜୀବନରକ୍ଷାର ମାଧ୍ୟମ ହେବ। ଆଗାମୀ ଦିନରେ ଓଡ଼ିଶା, ଛତିଶଗଡ଼ ଓ ତେଲଙ୍ଗାନାର ଏଭଳି ବହୁ ଅନଗ୍ରସର ଅଞ୍ଚଳ ଅଛି, ଯାହାର ବିକାଶ ନକ୍ସଲଙ୍କ କାର୍ଯ୍ୟକଳାପ ଯୋଗୁଁ ସମ୍ଭବ ହେଉନଥିଲା। ଏହି ସଫଳତା ସେଥିପାଇଁ ନିଶ୍ଚୟ ପଥ ପରିଷ୍କାର କରିବ। ●

# ଜୈବବିବିଧତାର ଗୁରୁତ୍ୱ

**ହିମାଂଶୁ ଶେଖର ଫତେସିଂହ**

ସୌରଜଗତରେ ଏକ ମାତ୍ର ଜୀବନ୍ତ ଗ୍ରହ ହେଉଛି ପୃଥିବୀ। ଏଥିରେ ଅସଂଖ୍ୟ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦ ପରିଦୃଷ୍ଟ ହୋଇଥା'ନ୍ତି। ଏଗୁଡ଼ିକ ମଧ୍ୟରେ କ୍ଷୁଦ୍ରାତିକ୍ଷୁଦ୍ର ଏକକୋଷୀ ପ୍ରାଣୀ ଏମିବାଠାରୁ ଆରମ୍ଭ କରି ବିଶାଳକାୟ ପ୍ରାଣୀ ନୀଳତିମି ପର୍ଯ୍ୟନ୍ତ ଏବଂ ଏକକୋଷୀ ଉଦ୍ଭିଦ ନୀଳହରିତ ଶୈବାଳ ଶ୍ରେଣୀୟ କ୍ଲାମାଇଡୋମାନସ୍‌ଠାରୁ ଆରମ୍ଭ କରି ବୃହତ ଉଦ୍ଭିଦ ସିକ୍ୱୋଇଆ ବା ରେଡ୍‌ଉଡ୍ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ। ପୃଥିବୀରେ ଜୀବଜଗତରେ ରହିଥିବା ଏହିପରି ବିବିଧତାକୁ ଜୈବବିବିଧତା(ବାୟୋଡାଇଭର୍ସିଟି) କୁହାଯାଏ। ବୈଜ୍ଞାନିକମାନଙ୍କ ମତରେ ପୃଥିବୀର ପରିସଂସ୍ଥାଗୁଡ଼ିକରେ ପ୍ରାଣୀ, ଉଦ୍ଭିଦ ଓ ଅଣୁଜୀବଗୁଡ଼ିକ ମଧ୍ୟରେ ଥିବା ବିବିଧତା ଓ ପରିବର୍ତ୍ତନଶୀଳ କ୍ଷମତାକୁ ଜୈବବିବିଧତା କୁହାଯାଇଥାଏ। ଏହା ମଧ୍ୟରେ ଯେକୌଣସି ଏକ ଜୀବ ଜାତି ମଧ୍ୟରେ ଥିବା ଆନୁବଂଶିକ ବା ଜୀନୀୟ ବିବିଧତା, ଜାତି-ଜାତି ମଧ୍ୟରେ ଥିବା ବିବିଧତା ଏବଂ ପରିସଂସ୍ଥା ଜୈବବିବିଧତା ଅନ୍ତର୍ଭୁକ୍ତ।

ବୈଜ୍ଞାନିକମାନଙ୍କ ମତରେ ପୃଥିବୀର ପରିସଂସ୍ଥାଗୁଡ଼ିକରେ ସମୁଦାୟ ୧୩ ନିୟୁତ ପ୍ରଜାତିର ଜୀବ ରହିଛନ୍ତି। ତେବେ ଏଗୁଡ଼ିକମଧ୍ୟରୁ ମାତ୍ର ୧୭ ଲକ୍ଷ ୫୦ ହଜାର ପ୍ରଜାତିର ଚିହ୍ନଟ ଓ ବର୍ଗୀକରଣ କରାଯାଇପାରିଛି। ଏହି ବର୍ଗୀକୃତ ଜୀବ ପ୍ରଜାତିଗୁଡ଼ିକ ମଧ୍ୟରେ ୧୦ ଲକ୍ଷ ପ୍ରଜାତିର କୀଟପତଙ୍ଗ, ୨ ଲକ୍ଷ ୭୦ ହଜାର ପ୍ରଜାତିର ସପୁଷ୍ପକ ଉଦ୍ଭିଦ, ୫୪୯୦ ପ୍ରଜାତିର ସ୍ତନ୍ୟପାୟୀ, ୧୦୦୨୭ ପ୍ରଜାତିର ପକ୍ଷୀ, ୯୦୮୪ ପ୍ରଜାତିର ସରୀସୃପ, ୬୬୩୮ ପ୍ରଜାତିର ଉଭୟଚର, ୩୧,୬୦୦ ପ୍ରଜାତିର ମତ୍ସ୍ୟ, ୧୦୨୨୪୮ ପ୍ରଜାତିର ଆରାକନିଡ୍, ୮୫୦୦୦ ପ୍ରଜାତିର କମ୍ବୋଜ, ୭୨,୦୦୦ ପ୍ରଜାତିର କବକ, ୧୬,୨୩୬ ପ୍ରଜାତିର ମସ୍ ଓ ୧୨୦୦୦ ପ୍ରଜାତି ଫର୍ଣ୍ଣ ଅନ୍ତର୍ଭୁକ୍ତ।

ଭାରତରେ ଜଳବାୟୁ ଓ ଭୌଗୋଳିକ ଅବସ୍ଥିତିରେ ଭିନ୍ନତା ହେତୁ ଏହାର ଜୈବବିବିଧତା ପୃଥିବୀରେ ଅନନ୍ୟ। ଏହା ଦକ୍ଷିଣରେ ନିରକ୍ଷ ବୃତ୍ତଠାରୁ ଆରମ୍ଭ କରି ଉତ୍ତରରେ କର୍କଟ କ୍ରାନ୍ତିର ଉପରିଭାଗ ପର୍ଯ୍ୟନ୍ତ ବିସ୍ତୃତ। ଏହାର ଉତ୍ତରସ୍ଥ ବରଫାବୃତ ହିମାଳୟ ପର୍ବତମାଳା, ଦକ୍ଷିଣସ୍ଥ ଉଷ୍ଣମଣ୍ଡଳୀୟ ଚିରହରିତ ଅରଣ୍ୟ ଅଞ୍ଚଳ, ପଶ୍ଚିମସ୍ଥ ରାଜସ୍ଥାନ ଉଷ୍ଣ ମରୁଭୂମି ଓ ପୂର୍ବ ଭାଗସ୍ଥ ସୁନ୍ଦରବନ ଏବଂ ଭିତରକନିକା ଲୁଣାଜଙ୍ଗଲ ଜୈବବିବିଧତାରେ ପରିପୂର୍ଣ୍ଣ। ପୃଥିବୀର ୧୭ଟି ମହାଜୈବବିବିଧତା ପରିପୂର୍ଣ୍ଣ ଦେଶ ମଧ୍ୟରୁ ଭାରତ ଗୋଟିଏ। ପୃଥିବୀର ଜୈବବିବିଧତାର ୭୦ପ୍ରତିଶତ ଏହି ୧୭ଟି ଦେଶରେ ପରିଦୃଷ୍ଟ ହୋଇଥାଏ। ଭାରତର ଭୂଭାଗ ପୃଥିବୀର ଭୂଭାଗର ପ୍ରାୟ ୨.୪ ପ୍ରତିଶତ ହୋଇଥିଲେ ମଧ୍ୟ ପୃଥିବୀର ୭ ରୁ ୮ ପ୍ରତିଶତ ଜୀବଜାତି ଏଥିରେ ଦେଖାଯାଇଥାଏ। ଭାରତରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଜାତିର ଜୀବ ରହିଥିବା ନେଇ ଆକଳନ କରାଯାଇଛି। ଏଗୁଡ଼ିକ ମଧ୍ୟରୁ ପ୍ରାୟ ୧,୩୬,୫୦୦ ପ୍ରଜାତିର ଜୀବଙ୍କୁ ଚିହ୍ନଟ ଓ ବର୍ଗୀକରଣ କରାଯାଇଛି। ଏଗୁଡ଼ିକ ମଧ୍ୟରେ ୯୦,୦୦୦ ପ୍ରଜାତିର ପ୍ରାଣୀ ଓ ୪୬,୫୦୦ ପ୍ରଜାତିର ଉଦ୍ଭିଦ ଅନ୍ତର୍ଭୁକ୍ତ। ଏଗୁଡ଼ିକ ମଧ୍ୟରେ ୧୨.୬ ଭାଗ ସ୍ତନ୍ୟପାୟୀ, ୪.୫ ଭାଗ ପକ୍ଷୀ, ୪୫.୮ ଭାଗ ସରୀସୃପ, ୮୮.୮ ଭାଗ ଉଭୟଚର ପ୍ରାଣୀ ଓ ୩୩ ଭାଗ ଉଦ୍ଭିଦ ପ୍ରଜାତି ସ୍ଥାନିତ। ଅର୍ଥାତ ଏହି ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀଗୁଡ଼ିକ ପୃଥିବୀର ଅନ୍ୟ କୌଣସି ଅଞ୍ଚଳରେ ଦେଖାଯାଆନ୍ତି ନାହିଁ। ଧାନ, ଆଖୁ, ଆମ୍ବ, ଲେମ୍ବୁ, କଖାରୁ, ଝୋଟ, କଦଳୀ ଆଦି ଅନେକ ପ୍ରଜାତିର ଉଦ୍ଭିଦ ଭାରତରେ ଜାତ ହୋଇ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳକୁ ପରିବ୍ୟାପ୍ତ ହୋଇଛନ୍ତି। ପୃଥିବୀର ସମୁଦାୟ ୩୪ଟି ଜୈବବିବିଧତା ସମୃଦ୍ଧ ଅଞ୍ଚଳ ମଧ୍ୟରୁ ଭାରତରେ ତିନି ଗୋଟି ଅବସ୍ଥିତ। ସେଗୁଡ଼ିକ ହେଲା ପଶ୍ଚିମଘାଟ ପର୍ବତମାଳା, ପୂର୍ବ ହିମାଳୟ ପର୍ବତମାଳା ଓ ଇଣ୍ଡୋ-ବର୍ମା ଅଞ୍ଚଳ।

ପରିବେଶୀୟ ସନ୍ତୁଳନ ଓ ସ୍ଥିରତା ରକ୍ଷାରେ ଜୈବବିବିଧତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମନୁଷ୍ୟ ଓ ଜୀବଜଗତ ପାଇଁ ଏହା ଅପରିହାର୍ଯ୍ୟ। ମନୁଷ୍ୟର ଯାବତୀୟ ଆବଶ୍ୟକତା ପୂରଣ ସହିତ ପୋଷଣୀୟ ବିକାଶରେ ଏହାର ଯଥେଷ୍ଟ ଆବଶ୍ୟକତା ରହିଛି। ପୃଥିବୀରେ ୩୦୦ କୋଟି ଲୋକଙ୍କର ପଶୁଜାତ ପୃଷ୍ଟିସାରର ୨୦ପ୍ରତିଶତ ମତ୍ସ୍ୟରୁ ଉପଲବ୍ଧ ହୋଇଥାଏ। ସେହିପରି ପୃଥିବୀରେ ମାନବ ଜାତିର ସମୁଦାୟ ଖାଦ୍ୟ ଆବଶ୍ୟକତାର ୮୦ ପ୍ରତିଶତ ଉଦ୍ଭିଦରୁ ମିଳିଥାଏ। ତିନି ଗୋଟି ଖାଦ୍ୟଶସ୍ୟ ଯଥା ଧାନ, ଗହମ ଓ ମକା ପୃଥିବୀର ପ୍ରାୟ ୫୦ ଭାଗ ଖାଦ୍ୟ ଆବଶ୍ୟକତା ପୂରଣ କରିଥାଏ। ଏହାବ୍ୟତୀତ ଅନେକ ଉଦ୍ଭିଦ ପ୍ରଜାତିକୁ କୃଷିକ୍ଷେତ୍ରରେ ବ୍ୟବହାର କରି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଖାଦ୍ୟ ଉତ୍ପାଦନ ବୃଦ୍ଧି କରାଯାଇପାରୁଛି। ଅନ୍ୟ କେତେକ ପ୍ରଜାତିର ଉଦ୍ଭିଦ ମନୁଷ୍ୟକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ଉଦ୍ଦିଷ୍ଟ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ପ୍ରକାଶିତ ରିପୋର୍ଟରୁ ଜଣାଯାଏ ଯେ, ପୃଥିବୀର ଗ୍ରାମାଞ୍ଚଳର ପ୍ରାୟ ୮୦ ପ୍ରତିଶତ ଲୋକ ଔଷଧ ପାଇଁ ପ୍ରକୃତିର ବିଭିନ୍ନ ଉଦ୍ଭିଦ ଉପରେ ନିର୍ଭର କରିଥା'ନ୍ତି। ବହୁ ଔଷଧ କମ୍ପାନୀ ଔଷଧ ପ୍ରସ୍ତୁତି ପାଇଁ ଉଦ୍ଭିଦଜାତ କଞ୍ଚାମାଲ ଉପରେ ନିର୍ଭର କରିଥା'ନ୍ତି। ପର୍ଯ୍ୟଟନ, ଚିତ୍ତବିନୋଦନ, ସୌନ୍ଦର୍ଯ୍ୟବର୍ଦ୍ଧନ ଆଦି କ୍ଷେତ୍ରରେ ଜୈବବିବିଧତା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବର୍ତ୍ତମାନ କାଳରେ ଜୈବବିବିଧତା ଉପରେ ନିର୍ଭରଶୀଳ ପ୍ରକୃତି ପର୍ଯ୍ୟଟନ ଅର୍ଥନୈତିକ ସମୃଦ୍ଧି କ୍ଷେତ୍ରରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି। ଏହାବ୍ୟତୀତ ଜୈବବିବିଧତାର ବୈଜ୍ଞାନିକ ମୂଲ୍ୟ ଓ ଅନ୍ତର୍ନିହିତ ମୂଲ୍ୟ ମଧ୍ୟ ରହିଛି। ପରିବେଶ ସୁରକ୍ଷା, ବନ ପରିଚାଳନା, କୃଷି ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଜୈବବିବିଧତାକୁ ଉପଯୋଗ କରାଯାଇପାରୁଛି। ପ୍ରକୃତିରେ ସମସ୍ତ ଜୀବଜାତିର ଜିନୀୟ ଭଣ୍ଡାରକୁ ମାନବ କଲ୍ୟାଣରେ ବ୍ୟବହାର କରାଯାଇପାରୁଛି।

ବିଗତ ବର୍ଷଗୁଡ଼ିକରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ହେତୁ ଶିଳ୍ପ, କୃଷି, ଶକ୍ତି ଉତ୍ପାଦନ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟରେ ଅଗ୍ରଗତି ଘଟିଛି। ବାସସ୍ଥଳୀ ବିଧ୍ୱଂସ ହେବା କାରଣରୁ ଅତୀତରେ ବହୁ ପ୍ରଜାତିର ଜୀବ ସବୁଦିନ ପାଇଁ ଧରାପୃଷ୍ଠରୁ ବିଲୁପ୍ତ ହୋଇଯାଇଛନ୍ତି। ପ୍ରଦୂଷଣ, ବାହ୍ୟ ପ୍ରଜାତିର ପ୍ରସାର, ମାତ୍ରାଧିକ ଶିକାର ଆଦି କାରଣରୁ ମଧ୍ୟ ବହୁ ଜୀବ ପ୍ରଜାତି ବିଲୁପ୍ତ ହେବା ଫଳରେ ଜୈବବିବିଧତାର ଅବକ୍ଷୟ ଘଟୁଛି। ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ପରି ପରିବେଶୀୟ ସମସ୍ୟା ଜୈବବିବିଧତାର ସୁରକ୍ଷା ପ୍ରତି ଆହ୍ୱାନ ସୃଷ୍ଟି କରିଛି। ୨୦୧୨ ମସିହାରେ ଅନ୍ତର୍ଜାତୀୟ ପ୍ରକୃତି ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ସଂଘ ବା ଆଇୟୁସିଏନ ତରଫରୁ ପ୍ରକାଶିତ ଲୋହିତ ତଥ୍ୟ ପୁସ୍ତକରେ ସର୍ବମୋଟ ୧୯,୮୧୭ଟି ସଙ୍କଟାପନ୍ନ ଜୀବ ପ୍ରଜାତିଙ୍କୁ ସ୍ଥାନିତ କରାଯାଇଛି। ଏଗୁଡ଼ିକ ମଧ୍ୟରୁ ୩୯୪୭ଟି ଜୀବ ପ୍ରଜାତି ଅତିମାତ୍ରାରେ ବିପଦଗ୍ରସ୍ତ ପ୍ରଜାତି, ୫୭୬୬ଟି ଜୀବ ପ୍ରଜାତି ବିପଦଗ୍ରସ୍ତ ଜୀବ ପ୍ରଜାତି ଓ ୧୦,୦୦୦ ଟିରୁ ଊର୍ଦ୍ଧ୍ୱ ପ୍ରଜାତି ବିପନ୍ନପ୍ରାୟ ପ୍ରଜାତି ରୂପେ ଶ୍ରେଣୀଭୁକ୍ତ କରାଯାଇଛି। ଏହା ମଧ୍ୟରୁ ୧୩୨ଟି ଜୀବ ପ୍ରଜାତି ଅନ୍ତର୍ଭୁକ୍ତ। ଜୈବବିବିଧତାର ସୁରକ୍ଷା ପାଇଁ ୨୦୦୨ରୁ ଜାତିସଂଘର ୟୁନେସ୍କୋ ତରଫରୁ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଆସୁଛି। ପ୍ରକୃତି ସହିତ ସହାବସ୍ଥାନ ଓ ପୋଷଣୀୟ ବିକାଶ ଜୈବବିବିଧତାର ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ। ●

ଖୋର୍ଦ୍ଧା, ମୋ: ୭୦୦୮୬୬୨୩୪୧

# ଜାତିପ୍ରଥା: ଏକ ବିମର୍ଶ

**ଦୀନବନ୍ଧୁ ଅଧିକାରୀ**

ଧର୍ମ ରକ୍ଷା ଏବଂ ସମାଜରେ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ପାଇଁ ସମାଜରେ ବହୁ ମହାପୁରୁଷ ପ୍ରଚେଷ୍ଟା କରିଛନ୍ତି। ସେମାନଙ୍କ ମଧ୍ୟରେ ସନ୍ଥ ନାନକ, ରବିଦାସ, ରୋହି ଦାସ, ଘାସି ଦାସ, ସନ୍ଥ କବିର, ଗୁରୁ ଚାନ୍ଦ ଠାକୁର, ମହାତ୍ମା ଜ୍ୟୋତିବା ଫୁଲେ, ପେରିୟାର ରାମସ୍ୱାମୀ, ସନ୍ଥ ଭୀମଭୋଇ, ମହାମାନବ ଆମ୍ବେଦକରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ସମସ୍ତେ ଅଣବ୍ରାହ୍ମଣଙ୍କ ପକ୍ଷଧର। କେହି କେହି ମହାତ୍ମା ଗାନ୍ଧୀଙ୍କୁ ଦଳିତମାନଙ୍କ ଉଦ୍ଧାରକାରୀ ଭାବରେ ଗ୍ରହଣ କରନ୍ତି।

କୁହାଯାଏ ମହର୍ଷି ମନୁ ସଂହିତା ମାଧ୍ୟମରେ ଜାତିବାଦକୁ ପ୍ରତିଷ୍ଠିତ କରିଥିଲେ। ମନୁସ୍ମୃତି ଖ୍ରୀପୂ ପ୍ରଥମ ଶତାବ୍ଦୀ ବେଳକୁ ରଚନା କରାଯାଇଛି। ବେଦର ପୁରୁଷସୂକ୍ତ ଏବଂ ଗୀତାର ବର୍ଣ୍ଣ ବ୍ୟବସ୍ଥାକୁ ଆଧାର କରି ମନୁସ୍ମୃତି ରଚନା କରାଯାଇଛି। ଏହାର ପରିଣାମ ହିନ୍ଦୁ ଧର୍ମ ଉପରେ ଅଧିକ ପଡ଼ିଛି। ମନୁସ୍ମୃତିରେ ଶୂଦ୍ରମାନଙ୍କୁ ସମାଜ ସଂରଚନାରେ ସର୍ବନିମ୍ନ ସ୍ଥାନ ଦିଆଯାଇଛି। ସେମାନଙ୍କୁ ଅନ୍ୟ ତିନି ବର୍ଣ୍ଣ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟର ସେବାକାରୀ ଭାବେ ନିଯୁକ୍ତ କରାଯାଇଛି।

ସମାଜବିଜ୍ଞାନୀଙ୍କ ମତରେ ମନୁସ୍ମୃତି ପ୍ରଚଳନ ଫଳରେ ଭାରତର ହିନ୍ଦୁମାନଙ୍କ ମଧ୍ୟରେ ପ୍ରାୟ ୫ ହଜାର ଜାତି ଓ ଉପଜାତି ସୃଷ୍ଟି ହୋଇଥିଲା। ଏଥିରୁ ଜାତି-ଜାତି ମଧ୍ୟରେ ବିଭେଦ, ସଂଘର୍ଷ, ଉଚ୍ଚନୀଚ ଭେଦଭାବ ସୃଷ୍ଟି ହେଲା ଏବଂ ଅସ୍ପୃଶ୍ୟତାର ବୀଜବପନ ହେଲା। ଏହାର ପରିଣାମ ଏବେ ସୁଦ୍ଧା ଭାରତୀୟ ସମାଜ ସନ୍ତୁଳିତ ହେଉଛି।

ବାବା ସାହେବ ଆମ୍ବେଦକର ମନୁସ୍ମୃତିର ବର୍ଣ୍ଣ ବ୍ୟବସ୍ଥାକୁ ଗଭୀର ଭାବେ ଅଧ୍ୟୟନ କର ଦଳିତମାନଙ୍କୁ ମାନବିକ ଅଧିକାର ପ୍ରଦାନ କରିବା ଦିଗରେ ଉଦ୍ୟମ କରିଥିଲେ। ମହାତ୍ମା ଗାନ୍ଧୀ ହିନ୍ଦୁ ଧର୍ମର ଚାତୁର୍ବର୍ଣ୍ଣ ବ୍ୟବସ୍ଥାକୁ ଗ୍ରହଣ କରିନେଇଥିଲେ ଏବଂ ନିଜକୁ ସନାତନୀ ହିନ୍ଦୁ ବୋଲି ପ୍ରକାଶ କରିଥିଲେ। ବାବା ସାହେବଙ୍କ ସାମାଜିକ କ୍ରାନ୍ତି ଆନ୍ଦୋଳନକୁ ପ୍ରତିରୋଧ କରିବାକୁ ଗାନ୍ଧୀ 'ହରିଜନ ସେବକ ସଂଘ' ଏବଂ 'ହରିଜନ ପତ୍ରିକା' ପ୍ରକାଶନ ଓ 'ହରିଜନ ପଦଯାତ୍ରା' ଆରମ୍ଭ କରିଥିବା କେତେକ ଐତିହାସିକ ମତ ଦିଅନ୍ତି। ନାରସୁ ମେହେଟାଙ୍କ



ଉପନ୍ୟାସରୁ ଆନିତ 'ହରିଜନ' ଶବ୍ଦକୁ ସେ ଅସ୍ପୃଶ୍ୟଙ୍କ ଉଦ୍ଧାର ପାଇଁ ବ୍ୟବହାର କରିଥିଲେ ବୋଲି ମଧ୍ୟ କୁହାଯାଏ। ଏହାକୁ ବିରୋଧ କରି ବାବା ସାହେବ ଅଖିଳ ଭାରତୀୟ ଅନୁସୂଚିତ ଜାତି ସଂଘ ଗଠନ କରିଥିଲେ। ବର୍ତ୍ତମାନ ଜାତୀୟ ମାନବାଧିକାର ଆୟୋଗ 'ହରିଜନ' ଶବ୍ଦକୁ ଅସିଦ୍ଧ କରିଛନ୍ତି।

ଅତୀତର ସେହି ଶୂଦ୍ର ସମାଜ ହିଁ ସଂପ୍ରତି ଶ୍ରମିକ ସମାଜ। ଭାରତୀୟ ସମାଜ ସଂରଚନାରେ ଜାତିର ଏକ ବହୁତ ବଡ଼ ନିର୍ଣ୍ଣାୟକ ଭୂମିକା ଅଛି। ବିଶେଷ ରୂପରେ ହିନ୍ଦୁ ସାମାଜିକ ବ୍ୟବସ୍ଥାରେ ଜାତି ଗୋଟିଏ ବଡ଼ ଆଧାର ଓ ପ୍ରାଣ। ଜାତି ବିନା ହିନ୍ଦୁ ସମାଜ କଳ୍ପନା କରିବା ଅସମ୍ଭବ। ଜାତିର ପ୍ରଭାବ ଏତେ ଗଭୀର ଓ ବ୍ୟାପକ ଯେ ସମାଜରେ ବ୍ୟକ୍ତିର ପରିଚୟ ତାଙ୍କ ଗୁଣ, କର୍ମ, ଯୋଗ୍ୟତା, ବିବେଚନା ନହୋଇ ତାଙ୍କର ଜାତି ଉପରେ ନିଧାର୍ଯ୍ୟ ହୋଇଥାଏ। ଏକ ବ୍ୟକ୍ତି ଯେଉଁ ଜାତିରେ ଜନ୍ମ ହୋଇଥାଏ, ସେହି ଅନୁସାରେ ସାରା ଜୀବନ ସେହି ଜାତିରେ ରହି ସୁଖ କିମ୍ବା ଦୁଃଖ ଭୋଗ କରିଥାଏ।

ଜାତିପ୍ରଥା ଏକ ଭୟଙ୍କର ରୋଗ। ଏହାର ଉପଚାର ନିହାତି ଆବଶ୍ୟକ। ଦେଶରେ ସମାନତା ଓ ଭ୍ରାତୃତ୍ୱର ବାତାବରଣ ଜାତିପ୍ରଥାର ବିନାଶ ବିନା ସମ୍ଭବ ନୁହେଁ। ଏହା ସୁଖର କଥା ଯେ, ସଂପ୍ରତି ଆମ ଦେଶରେ ପ୍ରସିଦ୍ଧ ସମାଜଶାସ୍ତ୍ରୀ ତଥା ବିଚାରକଗଣ ଏହି ସମସ୍ୟା ଉପରେ ଚିନ୍ତନ ଆରମ୍ଭ କରିଛନ୍ତି। ବାସ୍ତବରେ ବର୍ତ୍ତମାନ ଏକ ଉପଯୁକ୍ତ ସମୟ ଆସିଯାଇଛି ଏହି ଭୟଙ୍କର ରୋଗକୁ ସମ୍ପୂର୍ଣ୍ଣ ସମାପ୍ତ କରି ଉଚିତ ପ୍ରଯତ୍ନ କରିବାର। ଜାତିପ୍ରଥାର ବିଲୋପ ସାଧନ ପାଇଁ ଦୁଇଟି ଅସ୍ତ୍ର ରହିଛି। ପ୍ରଥମଟି ଧାର୍ମିକ ଚିନ୍ତାଧାରାର ପରିବର୍ତ୍ତନ, ଦ୍ୱିତୀୟଟି ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ। ଏହି ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନାର ଆବଶ୍ୟକତା ରହିଛି।

ହିନ୍ଦୁ ସମାଜରେ ପୌରୋହିତ୍ୱବାଦକୁ ପ୍ରାଧାନ୍ୟ ଦେବା ଯୋଗୁଁ ଜାତିବ୍ୟବସ୍ଥା ପୂତିଗନ୍ଧମୟ ହୋଇପଡୁଥିବା ଅଭିଯୋଗ ହେଉଛି। ଏହାର ଉପଚାର ଧାର୍ମୀୟ ଭାବନାରୁ ମଣିଷକୁ ମୁକ୍ତ କରିବା ସହିତ ସମାନ। ଏହା ହୋଇପାରିଲେ ଜାତିବାଦରୁ ସମାଜ ମୁକ୍ତ ହେବ ଏବଂ ଏକ ସ୍ୱୟଂଚାଳିତ ମଣିଷ ସମାଜ ଗଠନ ହୋଇପାରିବ। କୁସଂସ୍କାର ଓ ଅନ୍ଧବିଶ୍ୱାସ ମୁକ୍ତି ମିଳିବ। ସମାଜରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ମାନବବାଦ, ଅନୁସନ୍ଧାନ ଓ ସଂସ୍କାର ଭାବନାର ଅଗ୍ରଗତି ହୋଇ ପାରିବ। ଜାତିବାଦର ମୂଳପୋଛ କରିବା ପାଇଁ ସୁଧାରବାଦୀ ସଂସ୍ଥାମାନଙ୍କର ମଧ୍ୟ ପ୍ରମୁଖ ଭୂମିକା ରହିଛି। ମଧ୍ୟଯୁଗରେ ଶିଖ୍ ଧର୍ମଗୁରୁ ନାନକ, ସନ୍ଥ କବିର, ରାଜା ରାମମୋହନ ରାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯେଉଁସବୁ ସାମାଜିକ ସଂସ୍ଥାମାନେ ଏ ଦିଗରେ କାମ କରିଛନ୍ତି ସେମାନଙ୍କ ମଧ୍ୟରେ ବ୍ରାହ୍ମ ସମାଜ, ଆର୍ଯ୍ୟ ସମାଜ, ଜାତି ପାତ ତୋଡକ ମଣ୍ଡଳ(ଯାହାକି ପରବର୍ତ୍ତି ସମୟରେ ଚାତୁର୍ବର୍ଣ୍ଣ ବିନାଶ ସଂସ୍ଥା ରଖାଯାଇଥିଲା) ଆଦି ପ୍ରମୁଖ। ବର୍ତ୍ତମାନ ଭାରତରେ ହେତୁବାଦୀ, ମାନବବାଦୀ ବିଜ୍ଞାନବାଦୀ, ସମ୍ବିଧାନବାଦୀ ନାମରେ ଅନେକ ସଂସ୍ଥା କାର୍ଯ୍ୟରତ। କେବଳ ଆଇନ ଦ୍ୱାରା ଜାତିପ୍ରଥା ଉଚ୍ଛେଦ ହୋଇପାରିବ ନାହିଁ। ଉପରୋକ୍ତ ସାମାଜିକ ସୁଧାରବାଦୀ ସଂସ୍ଥାମାନେ ସହୃଦୟତା ସହ ଯଦି କାର୍ଯ୍ୟ କରନ୍ତି, ତା'ହେଲେ ଯାଇ ଭାରତରେ ଜାତିପ୍ରଥା ପରି କଳଙ୍କିତ ବ୍ୟବସ୍ଥାର ସଂପୂର୍ଣ୍ଣ ଉଚ୍ଛେଦ ସମ୍ଭବ ହୋଇପାରିବ। ●

ଭୁବନେଶ୍ୱର, ମୋ: ୮୦୯୩୧୮୪୨୮୮

# ପଦ୍ମସମ୍ଭବଙ୍କ ତିବ୍ବତ ଯାତ୍ରା

**ପ୍ରବୀର କୁମାର ପଟ୍ଟନାୟକ**

ପଦ୍ମସମ୍ଭବ ତିବ୍ବତ ଯାତ୍ରା ପୂର୍ବରୁ ବିଭିନ୍ନ ପ୍ରଦେଶରେ ଦୀର୍ଘଯାତ୍ରା ଏବଂ ମନ୍ଦରଭାଙ୍କ ସହ ବିବାହ, ବିଭିନ୍ନ ଅଞ୍ଚଳର ଅଭିଜ୍ଞ ଗୁରୁମାନଙ୍କଠାରୁ ଭିନ୍ନଭିନ୍ନ ବିଦ୍ୟାଶିକ୍ଷା ଲାଭ କରି ଶେଷରେ ବୋଧଗୟାରେ ପହଞ୍ଚିଲେ। ସେଠାରେ ରହଣି ସମୟରେ କେନ୍ଦ୍ର-ଏସିଆର ପ୍ରମୁଖ ବୌଦ୍ଧକେନ୍ଦ୍ର ଖୋଟାନ ଏବଂ ନେପାଳ

**ଦ୍ୱିତୀୟ-ବୁଦ୍ଧ କଥା**

ଓ କୋଶଳ ଭ୍ରମଣ କରିଥିଲେ। ସେ ମଗଧର ବିଖ୍ୟାତ ଓଦନ୍ତପୁରୀରେ ଓଡ଼ିୟାନ ମହାବିହାରର ଅଧ୍ୟକ୍ଷ ପଦରେ ଅଧିଷ୍ଠିତ ହେବା ପରେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ତନ୍ତ୍ର ବିଭାଗର ଆଚାର୍ଯ୍ୟ ଭାବେ ଯୋଗ ଦେଇ ବହୁଖ୍ୟାତି ଅର୍ଜନ କରିଥିଲେ।

ଖ୍ରୀ ୬୧୭ରେ ଜନ୍ମିତ ତିବ୍ବତୀୟ ରାଜା ସ୍ରଙ୍ଗ-ଗାମ୍ପୋଙ୍କ ଶାସନ କାଳରେ ତିବ୍ବତରେ ପ୍ରଥମ କରି



ଲିଖନ ପ୍ରଥା ପ୍ରଚଳିତ ହେଲା। ରାଜା ଏକ ବିଶାଳ ଓ ଶକ୍ତିଶାଳୀ ସୈନ୍ୟବାହିନୀ ଗଢ଼ିଥିଲେ, ଯାହାଦ୍ୱାରା ପ୍ରଥମେ ସେ ଚୀନ୍‌କୁ ପରାସ୍ତ କଲେ। ପଡ଼ୋଶୀ ଚୀନ୍ ଓ ନେପାଳ ସହ ଉତ୍ତମ ସମ୍ପର୍କ ସ୍ଥାପନ ନିମନ୍ତେ ସେ ଚୀନ୍ ରାଜକନ୍ୟା ୱେନ୍ ଚେଙ୍ଗ ଓ ନେପାଳ ରାଜକନ୍ୟା ଭୃକୁଟୀଙ୍କ ସହ ବିବାହ କଲେ। ନିଜ ନିଜ ଦେଶରେ ବୌଦ୍ଧଧର୍ମର ପ୍ରାଧାନ୍ୟ ହେତୁ ଉଭୟ ରାଜକନ୍ୟା ନିଷ୍ଠାପର ବୌଦ୍ଧ ଧର୍ମାବଲମ୍ବୀ ଥିଲେ। ଦୁଇ ରାଣୀଙ୍କ ପ୍ରଭାବକ୍ରମେ ରାଜା ବୌଦ୍ଧଧର୍ମର ଦୃଢ଼ ସପକ୍ଷବାଦୀ ହୋଇଗଲେ। ଭାରତର ସଂସ୍କୃତ ଭାଷା ଆୟତ୍ତ କରିବା ସହ ତିବ୍ବତୀୟ ଭାଷାରେ ଅନୁରୂପ ଲିପି ଓ ବ୍ୟାକରଣ ସୃଷ୍ଟି କରିବା ପାଇଁ ରାଜା ଇଚ୍ଛା କଲେ ଏବଂ ମନ୍ତ୍ରୀ ଥୋନ୍‌ମି ସମ୍ଭୋଟାଙ୍କ ନେତୃତ୍ୱରେ ଏକ ଷୋଳଜଣିଆ ପ୍ରତିନିଧି ଦଳକୁ ଭାରତ ପଠାଇଲେ। ଏହି ପ୍ରତିନିଧି ଦଳ ଭାରତର ଦେବନାଗରୀ ଲିପିର ଏକ ସଂସ୍କାରିତ ରୂପ ଲାଣ୍ଟ୍ସା ଲିପି ଅନୁକରଣରେ ତିବ୍ବତୀୟ ଲିପି ଓ ବ୍ୟାକରଣ ମଧ୍ୟ ପ୍ରସ୍ତୁତ କଲେ। ସେହି ଦଳ ତିବ୍ବତ ଫେରିବା ପରେ ସେଠାରେ ତତ୍କାଳ ସେହି ଲିପି ଓ ବ୍ୟାକରଣ ପ୍ରଚଳନ କରାଗଲା। ସେହି ଲିପିରେ ଐତିହାସିକ ଘଟଣା ଲିପିବଦ୍ଧ କରାଯିବା ସହ ପବିତ୍ର ବୌଦ୍ଧଗ୍ରନ୍ଥ ଅନୁବାଦ ଏବଂ ନୂତନ ଗ୍ରନ୍ଥମାନ ମଧ୍ୟ ପ୍ରସ୍ତୁତ ହେବାରେ ଲାଗିଲା।

ରାଜା ସ୍ରଙ୍ଗ ବୌଦ୍ଧ ଧର୍ମର ରୀତିନୀତି ଓ ଧର୍ମବାଣୀର ବ୍ୟାପକ ପ୍ରଚାର ପ୍ରସାର କରିଥିଲେ ମଧ୍ୟ ତାଙ୍କ ଜୀବଦ୍ଦଶାରେ ତିବ୍ବତରେ ବୌଦ୍ଧଧର୍ମର ପ୍ରତିଷ୍ଠା ଓ ଉନ୍ନତି ରାଜାଙ୍କ ଆଶାନୁରୂପ ହୋଇପାରିଲା ନାହିଁ। ଏହାର ମୁଖ୍ୟ କାରଣ ଥିଲା ତିବ୍ବତର ସ୍ଥାନୀୟ ଲୋକଧର୍ମ 'ବନ୍'ର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ବିରୋଧ ଓ ଅସହଯୋଗ। ତଥାପି ରାଜା କେତୋଟି ଛୋଟ ବୌଦ୍ଧମନ୍ଦିର ନିର୍ମାଣ କରିପାରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରାଜା ଖ୍ରୀ-ସ୍ତନ(ଶାସନକାଳଖ୍ରୀ୭୫୫-୭୯୫)ଙ୍କ ସମୟରେ ବୌଦ୍ଧଧର୍ମକୁ ତିବ୍ବତର ରାଜ୍ୟଧର୍ମ ଭାବରେ ଘୋଷଣା କରାଗଲା। ରାଜା ଖ୍ରୀ-ସ୍ତନ ନାଳନ୍ଦା ବିଶ୍ୱବିଦ୍ୟାଳୟର ଅତ୍ୟନ୍ତ ଗୁଣୀଜ୍ଞାନୀ ବୌଦ୍ଧ ଆଚାର୍ଯ୍ୟଙ୍କୁ ତିବ୍ବତକୁ ଆସିବା ନିମନ୍ତେ ନିମନ୍ତ୍ରଣ ପଠାଇଲେ(କ୍ରମଶଃ)। ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ ଆରମ୍ଭ**

# ୪ ଚାଷୀ ବିକ୍ରି କଲେ ୨୧୩. ୧୨ କ୍ୱିଣ୍ଟାଲ ଧାନ



**ଝାରସୁଗୁଡା, ୨୩।୫(ସମିସ)**

ଝାରସୁଗୁଡା ଜିଲ୍ଲା ଲଇକେରା ପେକ୍ସ ରେଙ୍ଗାଲବେଡା ଆରଏମ୍‌ସି ମାର୍କେଟ ୟାର୍ଡଠାରେ ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ ଆରମ୍ଭ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ କିଶୋର ସ୍ୱାଇଁ ଯୋଗ ଦେଇ ଏହାର ଶୁଭାରମ୍ଭ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଡିଆରସିଏସ୍ ମମତା ରାଣୀ କୁଜୁର, ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେସରା, ଏଆରସିଏସ୍ ରମେଶ ଚନ୍ଦ୍ର ଟପ୍ପୋ, ଆରଏମ୍‌ସି ସମ୍ପାଦକ ବିକ୍ରମ ସାହୁ, ଏମ୍ଆଇ ସରିତା ମିର୍ଧା, ଲଇକେରା ପେକ୍ସ ସଭାପତି ହେମନ୍ତ କୁମୁରା ଉପସ୍ଥିତ ଥିଲେ । ସମ୍ପାଦକ ଶ୍ରୀ ଭୋଇ, ଚାଷୀନେତା ରୋହିତ କିସାନ, ଲଇକେରା ବ୍ଲକର ସମସ୍ତ ସମ୍ପାଦକ ଓ ସ୍ଥାନୀୟ ଚାଷୀ ଉପସ୍ଥିତ ରହିଥିଲେ । ଚାଷୀ ପଦ୍ମ କୁମାର ନାଇକ, ଅଂଶୁମାନ ନାଇକ, ଉମାକାନ୍ତି ନାଇକ, ମହାରମଣି ମେହେରଙ୍କ ଧାନ ମିଶି ସମୁଦାୟ ୨୧୩.୧୨ କ୍ୱିଣ୍ଟାଲ ଧାନ ଲଇକେରା ପେକ୍ସ ମାଧ୍ୟମରେ କିଣାଯାଇଥିଲା । ଧାନ କିଣା ସରିଲା ପରେ ତାଙ୍କୁ ତାଙ୍କର ବିକ୍ରି ରସିଦ ଓ ଭେଣ୍ଡର ପ୍ରଦାନ କରାଯାଇଥିଲା ।

# ଗଣ୍ଡୁକୀନଦୀରୁ ଖଲିଆକାନୀକୁ କଳସ ଯାତ୍ରା



**ଝାରସୁଗୁଡା, ୨୩।୫(ସମିସ):** ରାଧାକୃଷ୍ଣ ଉନ୍ନୟନ ପରିଷଦ ସଂଯୋଜନାରେ ବିଦେଶ ମାଟି ନେପାଳର ଗଣ୍ଡୁକୀ ନଦୀର ରାମଡି ଘାଟରୁ ପୂର୍ଣ୍ଣ କଳସ ଉତ୍ତୋଳନ ହୋଇ ଖଲିଆକାନୀ ମହାଯଜ୍ଞ ମଣ୍ଡପକୁ କଳସ ଯାତ୍ରା ଆରମ୍ଭ ହୋଇଛି । ଏହି କଳସ ଯାତ୍ରାର ବିଶେଷ ମହତ୍ୱକୁ ନେଇ ୧୦୬ ଜଣ ଭକ୍ତ ନେପାଳରେ ଅବସ୍ଥିତ ସୀତାମାତା, ପଶୁପତିନାଥ, ପାର୍ବତୀ, ବୁଢ଼ା ନୀଳକଣ୍ଠ, ସ୍ୱୟମ୍ଭୁ ବୁଦ୍ଧ, ମନକାମନା, ବିନ୍ଧ୍ୟାସିନୀ ମନ୍ଦିର ଦର୍ଶନ ଓ ପୁରୁଣା କାଠମାଣ୍ଡୁ ଭକ୍ତପୁର, ନଗରକୋଟ, ପୋଖରା ଆଦି ଦର୍ଶନ ପରେ ଗଣ୍ଡୁକୀ ନଦୀର ରାମଡି ଘାଟରୁ ପୂର୍ଣ୍ଣକୁମ୍ଭ ଭରି ଖଲିଆକାନୀ ଅଭିମୁଖେ ଯାତ୍ରା କରିଛନ୍ତି । ଆସନ୍ତା ୨୫ତାରିଖ ସନ୍ଧ୍ୟାରେ ପ୍ରତ୍ୟେକ ଭାବରେ କଳସ ସ୍ଥାପନ କରି ୨୬ ତାରିଖ ୨୪ ପ୍ରହର ନାମ ସଂକୀର୍ତ୍ତନରେ ଅଧିବାସ ହେଲା ପରେ ଅଖଣ୍ଡ ନାମ ଉଚ୍ଚାରଣ ହୋଇ ୩୦ ତାରିଖ ଦିନ ଯଜ୍ଞ ସମାପନ, ନଗର ପରିକ୍ରମା ଓ ଦଧିଭାଣ୍ଡ ଭଞ୍ଜନ ହେବ । ପରିଷଦ ଦ୍ୱାରା ସମଗ୍ର ଭାରତ ବର୍ଷର ମୁଖ୍ୟତୀର୍ଥ ସ୍ଥାନରୁ କଳସ ଯାତ୍ରା ହୋଇଥିବା ବେଳେ ପ୍ରଥା ଅନୁସାରେ ପଶୁପତିନାଥଙ୍କ ଦର୍ଶନ ପରେ ମୋକ୍ଷ ପ୍ରାପ୍ତି ହୁଏ ବୋଲି ଲୋକବାଣୀ ରହିଛି । ସେହି ଅନୁସାରେ ରାଧାକୃଷ୍ଣ ଉନ୍ନୟନ ପରିଷଦର ପ୍ରଥମ ପର୍ଯ୍ୟାୟ କଳସ ଯାତ୍ରା ସମାପନ ହେବ ବୋଲି ଧାର୍ଯ୍ୟ କରିଛି । ଏହି କଳସ ଯାତ୍ରାର ପ୍ରମୁଖ ସଂଯୋଜକ ଭାବରେ ଖଲିଆକାନୀ ଗ୍ରାମର ମହେନ୍ଦ୍ର ନାଏକ, ଚୈତନ୍ୟ ପ୍ରଧାନ, ଜୟନାରାୟଣ ପ୍ରଧାନ, ଖଗେଶ୍ୱର ପ୍ରଧାନ, ଉମେଶ ପ୍ରଧାନ, ନିରାକାର ପ୍ରଧାନ ଥିବା ବେଳେ ଅଞ୍ଚଳର ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼, ଦେବଗଡ଼, ଖୋର୍ଦ୍ଧା, ପୁରୀ ଆଦି ଜିଲ୍ଲାର ଭକ୍ତମାନେ ସାମିଲ ହୋଇଛନ୍ତି ।

# ରକ୍ତଦାନ କରି ଯବାନଙ୍କ ସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ଅଞ୍ଚଳବାସୀ




**ଝାରସୁଗୁଡା, ୨୩।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଟେଙ୍ଗନାମାଲ ଗ୍ରାମରେ ଏସ୍ଏସ୍‌ବି ଯବାନ ଦେବରାଜ ଗଣ୍ଡଙ୍କ ପତ୍ନୀ ସ୍ୱର୍ଗତ ଲିପି ଗଣ୍ଡଙ୍କୁ ରକ୍ତଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଅଞ୍ଚଳବାସୀ । ତାଙ୍କ ଶୁଦ୍ଧି ଦିନରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ରକ୍ତଦାନ ଶିବରରେ ମୋଟ ୩୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏସ୍ଏସ୍‌ବି ଯବାନ ଭାବେ କାର୍ଯ୍ୟରତ ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଟେଙ୍ଗନାମାଲ ଗ୍ରାମର ଦେବରାଜ ଗଣ୍ଡଙ୍କ ସ୍ତ୍ରୀ ଲିପି ଗତ ୨୮ ତାରିଖରେ ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ତ୍ରୋପଚାର ପରେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ । ଲିପିଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ତାଙ୍କୁ ବୁର୍ଲାର ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ତାଙ୍କୁ ଆବଶ୍ୟକ ରକ୍ତ ଠିକ ସମୟରେ ମିଳିପାରି ନଥିଲା । ଅନ୍ୟପଟେ ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆଶଙ୍କା ଦେଖି ଦେବରାଜଙ୍କ ଛୁଟି ବାତିଲ ହେବା ପରେ ନବ ଜାତ ଶିଶୁ ଓ ଆଇସିୟୁରେ ସ୍ତ୍ରୀକୁ ଛାଡି ଦେବରାଜ ଗତ ୧୧ ତାରିଖରେ ସୀମାକୁ ନିଜ ଡ୍ୟୁଟିରେ ଯୋଗଦେବା ପାଇଁ ବାହାରିଥିଲେ । ଏପଟେ ଯବାନ ଦେବରାଜଙ୍କ ସ୍ତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲା । ଲିପିଙ୍କ ଶୁକ୍ରବାର ଶୁଦ୍ଧି କ୍ରିୟା କରାଯିବା ସହ ତାଙ୍କ ଉଦ୍ଦେଶ୍ୟରେ ଅଞ୍ଚଳବାସୀ ଏକ ରକ୍ତଦାନ ଶିବର ଆୟୋଜନ କରି ଲିପିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏହି ଅବସରରେ ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଳି ଦାସ ଟେଙ୍ଗନାମାଲ ଯାଇ ଶୋକସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେବା ସହ ରକ୍ତଦାନ କରି ଲିପିଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିବାରୁ ଅଞ୍ଚଳବାସୀଙ୍କୁ ସାଧୁବାଦ ଜଣାଇଛନ୍ତି ।

# ବାରହା ଆକ୍ରମଣରେ ଗୁରୁତର ଦମ୍ପତିଙ୍କୁ ଚିକିତ୍ସା ସହାୟତା ଦାବି

**ଦେବଗଡ଼, ୨୩।୫(ସମିସ):** କୁଣ୍ଢେଇଗୋଲା ଥାନା ଖଇରପାଲି ଫାଣ୍ଡି ଲକ୍ଷ୍ମୀପୁର ଗ୍ରାମରେ ଗତ ଡିସେମ୍ବର ମାସରେ ଜଙ୍ଗଲୀ ବାରହା ଆକ୍ରମଣରେ ଏକ ଛେଳି ଚରାଳି ଦମ୍ପତି ଗୁରୁତର ହୋଇ ଛଅ ମାସ ଧରି ଚିକିତ୍ସିତ ହେଉଛନ୍ତି । କିନ୍ତୁ ଏଯାଏଁ ଗରିବ ଦମ୍ପତିଙ୍କୁ ବନ ବିଭାଗ ପକ୍ଷରୁ ବନ୍ୟ ଜନ୍ତୁ ଆକ୍ରମଣ ଜନିତ ଚିକିତ୍ସା ସହାୟତା ପ୍ରଦାନ କରାଯାଇନାହିଁ । ଏହି ଗରିବ ଦମ୍ପତିଙ୍କୁ ତୁରନ୍ତ ବନ ବିଭାଗ ପକ୍ଷରୁ ଚିକିତ୍ସା ସହାୟତା ଯୋଗାଇବାକୁ ଦାବି ହୋଇଛି । ଅଭିଯୋଗ ଅନୁଯାୟୀ, ଲକ୍ଷ୍ମୀପୁର ଗ୍ରାମର ଆନନ୍ଦ ବେହେରା (୫୮) ଓ ତାଙ୍କ ସ୍ତ୍ରୀ ଉର ବେହେରା (୪୬) ଗତ ୨୦୨୪ ଡିସେମ୍ବର ୭ ତାରିଖ ସକାଳେ ଛେଳି ଚରାଇବାକୁ ଯାଇଥିବା ସମୟରେ ଉଭୟଙ୍କୁ ବାରହା ଆକ୍ରମଣ କରିଥିଲା । ବାରହା ଆକ୍ରମଣରେ ଉଭୟ ଗୁରୁତର ହୋଇ ପ୍ରଥମେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଏବେ ଭୁବନେଶ୍ୱର ସ୍ଥିତ କିମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଦୀର୍ଘ ଛଅ ମାସ ଧରି ଡାକ୍ତରଖାନା ଚକ୍କର କାଟୁଥିବା ଦମ୍ପତି ଅର୍ଥ ଅଭାବରୁ ନିଜ ଚିକିତ୍ସା ପାଇଁ ଅସମର୍ଥ ହୋଇ ପଡ଼ିଛନ୍ତି । ଏଭଳି ପରିସ୍ଥିତିରେ ବନ ବିଭାଗ ପକ୍ଷରୁ ଚିକିତ୍ସା ସହାୟତା ପାଇଁ ବାରମ୍ବାର ଗୁହାରି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଅବିଳମ୍ବେ ସରକାରୀ ଚିକିତ୍ସା ସହାୟତା ରାଶି ପ୍ରଦାନ ପାଇଁ ଦମ୍ପତି ଗୁହାରି କରିଛନ୍ତି ।

# ପୌରପରିଷଦର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା



**ଝାରସୁଗୁଡା, ୨୩।୫(ସମିସ):** ଝାରସୁଗୁଡା ପୌରପରିଷଦର ବିଭିନ୍ନ ୱାର୍ଡ ଗସ୍ତକରି ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଶୁକ୍ରବାର ସକାଳେ ପୌର ପରିଷଦ ପକ୍ଷରୁ ସହରରେ ଚାଲିଥିବା ଡ୍ରେନ କାର୍ଯ୍ୟର ସମୀକ୍ଷା କରି ବର୍ଷା ପୂର୍ବରୁ ଡ୍ରେନ ସଫେଇ କାମ ସାରିବାକୁ ପୌରପରିଷଦ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ସହରରେ ଆଗାମୀ ଦିନରେ ହେବାକୁ ଥିବା ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ବିଧାୟକ ପୌରପରିଷଦର ୧, ୨, ୩, ୪ ନମ୍ବର ୱାର୍ଡ ବୁଲିବା ସହ ଆଗାମୀ ଦିନରେ ହେବାକୁ ଥିବା ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ । ଏଥିସହ ବିଭାଗୀୟ ଅଧିକାରୀଙ୍କୁ ଶୀଘ୍ର କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ୱାର୍ଡଗୁଡିକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୫ କୋଟି ୫୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସରକାର ମଞ୍ଜୁର କରିଥିବା ସେ ସୂଚାଇଛନ୍ତି । ବିଧାୟକଙ୍କ ଗସ୍ତ ସମୟରେ ଝାରସୁଗୁଡା ପୌର ପରିଷଦର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ପୌର ପରିଷଦର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ବିଜେପିର ବିମଳେନ୍ଦୁ ଭୋଳ, ସୋନୁ ଥିରାନୀ, ଅରବିନ୍ଦ ପାଠକ, ତରଣ ଡିଡୱାନୀ, ସନ୍ତୋଷ ଯାଦବ, ଲଳିନ ସାହୁ, ବାବୁଲୁ ସିଂ, ବିବେକ ଶ୍ରୀବାସ, ବନ୍ଦନା ମୁଦ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

# ଇ-ଲାଇବ୍ରେରୀ ସ୍ଥାପନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର



**ଦେବଗଡ଼, ୨୩।୫(ସମିସ):** ଦେବଗଡ଼ ପୌରାଞ୍ଚଳରେ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତି ନିମନ୍ତେ ଏକ ଇ-ଲାଇବ୍ରେରୀ ସ୍ଥାପନ ପାଇଁ ପୌର ପରିଷଦକୁ ଆବଶ୍ୟକ ଅର୍ଥ ମଞ୍ଜୁର ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ ଭୋଜ ଦାବିପତ୍ର ପ୍ରଦାନ କରିଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦିଲ୍ଲୀ ସ୍ଥିତ ବାସଭବନରେ ଶ୍ରୀ ଭୋଜ ସାକ୍ଷାତ କରି ଆଲୋଚନା କରିବା ସହ ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ଆର୍ଥିକ ଅନଗ୍ରସର ଜିଲ୍ଲା ଭାବେ ଜଣାଶୁଣା ଦେବଗଡ଼ ଜିଲ୍ଲାର ଅଭିଭାବକ ମେଧାବୀ ଛାତ୍ରଛାତ୍ରୀଙ୍କ ଉଚ୍ଚତର କିମ୍ବା ପ୍ରତିଯୋଗିତା ମୂଳକ ଶିକ୍ଷା ପ୍ରଦାନ ପାଇଁ ଅସମର୍ଥ । ଅର୍ଥ ଅଭାବରୁ ଅନେକ ମେଧାବୀ ଛାତ୍ରଛାତ୍ରୀଙ୍କ ପ୍ରତିଭା ଲୁକ୍କାୟିତ ହୋଇ ରହିଯାଉଛି । ମୋଟାମୋଟି ଶିକ୍ଷା ନିମନ୍ତେ ଆବଶ୍ୟକ ପୁସ୍ତକ କ୍ରୟ ପାଇଁ ଛାତ୍ରଛାତ୍ରୀଙ୍କର ସମ୍ବଳର ଅଭାବ ରହିଥିବାରୁ ପୌରାଞ୍ଚଳରେ ଏକ ଡିଜିଟାଲ ଲାଇବ୍ରେରୀ ତଥା ଇ-ଲାଇବ୍ରେରୀ ସ୍ଥାପନ କଲେ ସେମାନେ ଶିକ୍ଷା ହାସଲ ସହ ବିଭିନ୍ନ ପରୀକ୍ଷା ଏବଂ ପ୍ରତିଯୋଗିତା କ୍ଷେତ୍ରରେ ସଠିକ୍ ଭାବେ ପ୍ରସ୍ତୁତ ହୋଇ ସଫଳତା ହାସଲ କରିପାରିବେ ବୋଲି ଭାରପ୍ରାପ୍ତ ପୌରାଧ୍ୟକ୍ଷ ଶ୍ରୀ ଭୋଜ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ମନ୍ତ୍ରୀ ଶ୍ରୀ ପ୍ରଧାନ ଖୁବଶୀଘ୍ର ଏଥିପାଇଁ ଅର୍ଥ ମଞ୍ଜୁର କରିବାକୁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ଭୋଜ ପ୍ରକାଶ କରିଛନ୍ତି ।

**ବାରଖଣ୍ଡିଆ ଡାଇଭର୍ସନ ରାସ୍ତା କାଦୁଅ**

# ପ୍ରଶାସନର ନିଘାନାହିଁ

**ଝାରସୁଗୁଡା, ୨୩।୫(ସମିସ):** ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଲୋଇସିଂହ ପଞ୍ଚାୟତ ବାରଖଣ୍ଡିଆ ଠାରେ ହୋଇଥିବା ପୋଖରୀ ଭିତର ଦେଇ କରାଯାଇଥିବା ଡାଇଭର୍ସନ ରାସ୍ତା କାଳବୈଶାଖୀ ବର୍ଷାରେ କାଦୁଅ ପଚପଚ ହୋଇପଡ଼ିଛି । ଯାନବାହନ କାଦୁଅରେ ଫସିଯିବା କାରଣରୁ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜନସାଧାରଣଙ୍କ ଅସୁବିଧାକୁ ନା ଦୃଷ୍ଟି ଦେଉଛି ଡାଇଭର୍ସନ କରିଥିବା ଠିକା ସଂସ୍ଥା କିମ୍ବା କାର୍ଯ୍ୟକାରୀ ସଂସ୍ଥା ଓ ଜିଲ୍ଲା ପ୍ରଶାସନ । ସୂଚନା ଅନୁଯାୟୀ ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପିଡବ୍ଲ୍ୟୁଡି ପକ୍ଷରୁ ରାଜପୁର ଠାରୁ ବଲାଙ୍ଗିବାହାଲକୁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି ।ବାରଖଣ୍ଡିଆ ଗ୍ରାମ ମଝିରେ ରାସ୍ତା ନିର୍ମାଣ ଚାଲିଥିବା ବେଳେ ଗ୍ରାମ ବାହାରେ କ୍ଷେତ, ପୋଖରୀ ଦେଇ ଡାଇଭର୍ସନ ରାସ୍ତା କରାଯାଇଥିବା ବେଳେ ଏହାର ଦୂରାବସ୍ଥା ଏବଂ ସାମାନ୍ୟ କାଳବୈଶାଖୀରେ କାଦୁଅ ପଚପଚ ଯୋଗୁଁ ଝାରସୁଗୁଡା ଅଞ୍ଚଳ ସମେତ ସୁନ୍ଦରଗଡ଼ ଅଞ୍ଚଳରୁ ଯିବା ଆସିବା କରୁଥିବା ଯାତ୍ରୀ ହଇରାଣ ହେଉଛନ୍ତି । ଗୁରୁବାର ସକାଳ ପ୍ରାୟ ଆଠଟା ସମୟରେ ଜଣେ କାର ଆରୋହି ଚିକିତ୍ସାଳୟକୁ ଯାଉଥିବା ବେଳେ କାଦୁଅରେ ଗାଡି ଫସି ଯିବା ଫଳରେ ଦୁଇଘଣ୍ଟା ଧରି ହଇରାଣ ହୋଇଛନ୍ତି । ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ହଜାର ଟ୍ରକ୍ ଓ ହାଇୱାରେ ବାଲି ଚାଲାଣ ହେଉଥିବା ବେଳେ ସମଗ୍ର ରାସ୍ତାର ଅବସ୍ଥା ବିପଦସଂକୁଳ ହୋଇଯାଉଛି । ରାସ୍ତା ନିର୍ମାଣ କାର୍ଯ୍ୟକାରୀ ସଂସ୍ଥା ପିଡବ୍ଲ୍ୟୁଡି, ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥା କିମ୍ବା ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।



# ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ



**ସମ୍ବଲପୁର, ୨୩।୫(ସମିସ):** ସମବାୟ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ କରାଯାଇଛି । ଏହି ଉପଲକ୍ଷେ ଓଁକାରେଶ୍ୱର ମନ୍ଦିର ଓ ଡିଆରସିଏସ୍ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଡିଆରସିଏସ୍ ଗଜେନ୍ଦ୍ର କୁମାର ପଣ୍ଡା, ଏଆର୍‌ସିଏସ୍ ଅଜିତ କୁମାର ବର୍ଗର୍ତ୍ତୀ, ବରିଷ୍ଠ ଏଆର୍‌ସିଏସ୍ ସଞ୍ଜୟ କୁମାର ତ୍ରିପାଠୀ, ସମବାୟ ବ୍ୟାଙ୍କର କର୍ମଚାରୀ ତଥା ସମବାୟ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ପଲସଦାରେ ଦୁଗ୍ଧ ସମିତି ଗଠନ

**ପାଇକମାଲ, ୨୩।୫(ସମିସ):** ପାଇକମାଲ ବ୍ଲକ ପଲସଦା ଗାଁରେ ଗୁରୁବାର ଦୁଗ୍ଧ ସମବାୟ ସମିତି ଗଠନ କରାଯାଇଛି । ସମିତିରେ ସର୍ବ ସମ୍ମତିକ୍ରମେ ସଭାପତି ଭାବେ ସୁବାଷ ଚନ୍ଦ୍ର ପଟେଲ ଓ ସମ୍ପାଦକ ଭାବେ ଦିବ୍ୟ କିଶୋର ସିଂକୁ ଚୟନ କରାଯାଇଛି । ପଦ୍ମପୁର ଦୁଗ୍ଧ ମାର୍ଗଦର୍ଶକ ଡମ୍ବରୁଧର ସାହା ଉପସ୍ଥିତ ରହି ସମିତି ପରିଚାଳନା ଉପରେ ଆଲୋକପାତ କରିଥିଲେ । ପ୍ରଥମ ଦିନରେ ୧୦ ଜଣ ଦୁଗ୍ଧ ଚାଷୀ ୫୭ ଲିଟର ଦୁଗ୍ଧ ଆଣିଥିଲେ । ଚାଷୀ କିପରି ଅଧିକରୁ ଅଧିକ ଦୁଗ୍ଧ ଉତ୍ପାଦନ କରିପାରିବେ ସେନେଇ ସଭାପତି ଶ୍ରୀ ପଟେଲ ଆଲୋକପାତ କରି ଶେଷରେ ଧନ୍ୟବାଦ ଦେଇଥିଲେ ।

**ମାରୱାଡି ଯୁବା ମଞ୍ଚର ନିଃଶୁଳ୍କ ଦିବ୍ୟାଙ୍ଗ ଶିବିର ଉଦ୍‌ଯାପିତ**

# ଉପକୃତ ହେଲେ ୧୦୫ ଦିବ୍ୟାଙ୍ଗ



**ଦେବଗଡ଼, ୨୩।୫(ସମିସ):** ଦେବଗଡ଼ ଜିଲ୍ଲା ମାରୱାଡି ଯୁବା ମଞ୍ଚ ଓ ରାଞ୍ଚି ସ୍ଥିତ ଶ୍ରୀ ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଅଗ୍ରସେନ ଭବନଠାରେ ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଚାରି ଦିନିଆ ନିଃଶୁଳ୍କ ଦିବ୍ୟାଙ୍ଗ ଶିବିର ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ମଞ୍ଚର ସଭାପତି ରାଜେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ ଦିବ୍ୟାଙ୍ଗଙ୍କୁ ଉପକରଣ ପ୍ରଦାନ କରିଥିଲେ । ଶିବିରରେ ଦିବ୍ୟାଙ୍ଗଙ୍କୁ ନିଃଶୁଳ୍କ କୃତିମ ଅଙ୍ଗ ଦେବାର ବ୍ୟବସ୍ଥା କରାଯାଇଥିଲା । ଦିବ୍ୟାଙ୍ଗଙ୍କୁ କୃତ୍ରିମ କଲିପର୍ସ, ହାତ, ଗୋଡ଼, ବୈଶାଖୀ, ଶ୍ରବଣ ଯନ୍ତ୍ର, ଏଲବୋ ଷ୍ଟିକ, ୱାକିଙ୍ଗ ଷ୍ଟିକ ଓ ବ୍ଲାଇଣ୍ଡ ଷ୍ଟିକ ଭଳି ଉପକରଣ ସହ ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା । ପ୍ରଥମ ଦିବସରେ ୩୮ ଜଣ ଦିବ୍ୟାଙ୍ଗଙ୍କୁ ଭିନ୍ନଭିନ୍ନ ଉପକରଣ ଓ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିବାବେଳେ ଦ୍ୱିତୀୟ ଦିନରେ ୨୨, ତୃତୀୟ ଦିନରେ ୯ ଓ ଉଦ୍‌ଯାପନୀ ଦିନରେ ୩୫ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ଓ ଭିନ୍ନଭିନ୍ନ ଉପକରଣ ପ୍ରଦାନ କରାଯାଇଥିବା ଅନୁଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ଜିତେନ୍ଦ୍ର କୁମାର ଅଗ୍ରୱାଲ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି । ସମ୍ପାଦକ ଆକାଶ ଅଗ୍ରୱାଲ, ସଦସ୍ୟ ବିବେକ ଗୋଏଲ, ପ୍ରମୋଦ ଗୋଏଲ, ମନୀଷ ଅଗ୍ରୱାଲ, କିରଣ ଦେବୀ ଅଗ୍ରୱାଲ, ସରିତା ସୋମାନି, ରାହୁଲ ଗୋଏଲ ପ୍ରମୁଖ ସହଯୋଗ କରିଥିଲେ ।

# ସାଥୀ କମିଟି ସଦସ୍ୟଙ୍କ କର୍ମଶାଳା

**ଝାରସୁଗୁଡା, ୨୩।୫(ସମିସ):** ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ନିଃସହାୟ ପିଲାମାନଙ୍କୁ ଚିହ୍ନଟ, ଆଧାର ପଞ୍ଜୀକରଣ, ଆଇନଗତ ସହାୟତା ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ସହ ସଂଯୋଗୀକରଣକୁ ସୁଗମ କରିବା ଏବଂ କୌଣସି ପିଲା ଯେପରି ଆଇନଗତ ପରିଚୟ କିମ୍ବା ଅଧିକାର ବିନା ନରହିବ ତାହାକୁ ନିଶ୍ଚିତ କରିବା ଲକ୍ଷ୍ୟରେ ଏକ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରିଛନ୍ତି । ଏହି ଅଭିଯାନକୁ ସଫଳ କରିବା ପାଇଁ ଝାରସୁଗୁଡା ଜିଲ୍ଲା ନିମନ୍ତେ ଏକ ସାଥୀ କମିଟିର ଗଠନ କରାଯାଇଛି । ଏହି କମିଟିର ସଦସ୍ୟମାନଙ୍କ ଏକ କର୍ମଶାଳା ଶୁକ୍ରବାର ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡ଼ା ଜିଲ୍ଲା କୋର୍ଟର ଭିସି ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡା ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମହେଶ ମୋହନ ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ଉପଆରକ୍ଷୀ ଅଧିକ୍ଷକ ବନିତା ମାଝୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଣ୍ୟବତୀ ହେଲେନ ଖେସ, ବେଲପାହାଡ ଠକ୍କର ବାପା ସେବା ସଦନର ଧରିତ୍ରୀ ସାହୁ, ଝାରସୁଗୁଡ଼ା ମୁକ୍ତାକାଶ ଆଶ୍ରୟସ୍ଥଳର ସାମାଜିକ କର୍ମୀ ପ୍ରତୀକ୍ଷା ବିଶ୍ୱାଳ, ଆଇନ ସେବା ପ୍ରାଧିକରଣର ପ୍ୟାନେଲ୍ ଓକିଲ ଭବାନୀ ଶଙ୍କର ଦଣ୍ଡସେନା, କୈଳାଶ ମହାନନ୍ଦିଆ, ବୋନେଲା ନାଗେଶ୍ୱରୀ, ରୂପାଲି ଚାଟାର୍ଜୀ, ପାରା ଲିଗାଲ ସ୍ୱେଚ୍ଛାସେବୀ ବିନୀତା ଡାଙ୍ଗ, ସୁଶୀଳା ପ୍ରଧାନ, ଡିଲେଶ୍ୱର କରାଲି ଓ ରବୀନ୍ଦ୍ର ସୋହେଲା ପ୍ରମୁଖ ସାଥୀ କମିଟିର ସଦସ୍ୟ ଉପସ୍ଥିତ ଥିଲେ । ସଚିବ ଶ୍ରୀମତୀ ପ୍ରଧାନ କମିଟି ଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟ ବିଷୟରେ ସମସ୍ତ କମିଟି ସଦସ୍ୟମାନଙ୍କୁ ଅବଗତ କରାଇଥିଲେ । ଉକ୍ତ ଅଭିଯାନ ପାଇଁ ରାଷ୍ଟ୍ରୀୟ ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶାବଳୀ ଉପରେ ଆଲୋଚନା କରାଯାଇଥିଲା ।

# ଧୁତରାବାସୀଙ୍କ ପାଇଁ ବିପଦ ସାଜିଛି ମୋବାଇଲ ଟାୱାର

**ଝାରସୁଗୁଡା/କିର୍ମିରା, ୨୩।୫(ସମିସ)**



ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଧୁତରା ଗ୍ରାମରେ ଲାଗିଥିବା ତିନି ତିନୋଟି ମୋବାଇଲ ଟାୱାର ଏବେ ଗାଁ ଲୋକ ତଥା ଆଖପାଖ ପଡ଼ିଶାଙ୍କ ପାଇଁ ବିପଦ ସାଜିଛି । ଗାଁ ପାଖ ଏୟାରସେଲ ଟାୱାରଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିବା ବେଳେ ରିଲାଏନ୍ସ(ଜିଓ) ଓ ଭୋଡାଫୋନ ଟାୱାର ଜନବସତି ଭିତରେ ରହିଥିବାରୁ ସାମାନ୍ୟ ବର୍ଷା, ବିଜୁଳିରେ ଟାୱାରରେ ବ୍ୟବହାର ପାଇଁ ଲାଗିଥିବା ୧୧ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରରୁ ପ୍ରଚଣ୍ଡ ଶବ୍ଦ, ନିଆଁହୁଳା ଓ ଟାୱାର ଉପରୁ ଭୟଙ୍କର ବିକଟାଳ ଶବ୍ଦ ବାହାରିବା ସହ ନିଆଁ ବର୍ଷା ହେଉଥିବା ଦେଖିବାକୁ ମିଳୁଛି । ଯାହାଫଳରେ ଆଖପାଖ ଘର ଲୋକେ ଭୟଭୀତ ହୋଇପଡ଼ିଛନ୍ତି । ପାଖରେ ଥିବା ଗଛଡାଳରେ ବିଦ୍ୟୁତ୍ ପ୍ରବାହିତ ହୋଇ ଲୋକଙ୍କ ଘରକାନ୍ଥମାନଙ୍କୁ ଆସିଯାଉଛି । ଯାହା ଫଳରେ ଇଣ୍ଡକସନ ଚୁଲା, ଷ୍ଟେବଲାଇଜର, ମୋବାଇଲ, ବିଦ୍ୟୁତ ମିଟର ସହ ଅନେକ ଗୁଡିଏ ଇଲେକ୍ଟ୍ରିକ ଓ ଇଲେକ୍ଟ୍ରୋନିକ୍ସ ବ୍ୟବହୃତ ସାମଗ୍ରୀ ଖରାପ ହୋଇଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅନେକ ଥର ବିଦ୍ୟୁତ ଆଘାତରୁ କେତେକ ଅଳ୍ପକେ ବର୍ତ୍ତି ଯାଇଥିବାର ନଜିରକୁ ଆସିଛି । ଅନେକ ଦିନ ପର୍ଯ୍ୟନ୍ତ ପାଖ ଲୋକଙ୍କ ବିଦ୍ୟୁତ୍ ସଂଯୋଗ ଏଥିଯୋଗୁଁ ବିଚ୍ଛିନ୍ନ ହୋଇପଡୁଥିବା ମଧ୍ୟ ଅଭିଯୋଗ ହୋଇଛି । ଏଥିପ୍ରତି ଟାୱାର ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଅଣଦେଖା କରି ଚାଲିଥିବା ଗ୍ରାମର ଗଙ୍ଗାଧର ଗର୍ଡ଼ିଆ, ଆନନ୍ଦ ବାଗ, ନିଶା ଗର୍ଡ଼ିଆ ସହ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଟାୱାର ଦ୍ୱାରା ସୃଷ୍ଟି ହେଉଥିବା ଏପରି ସମସ୍ୟା ଏବେ ପାଖପଡ଼ିଶା ତଥା ଅଞ୍ଚଳବାସୀଙ୍କ ପାଇଁ ବଡ ବିପଦର କାରଣ ହୋଇପଡ଼ିଛି । ଏଣୁ ଏଥିପ୍ରତି ଉଚ୍ଚ ପ୍ରଶାସନିକ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହୋଇଛି ।

# +୨ ରି-ଚେକିଂ ପାଇଁ ୩୦ରୁ ଆବେଦନ

ଭୁବନେଶ୍ୱର,୨୩।୫(ସମିସ): +୨ ପରୀକ୍ଷା ଫଳ ରି-ଚେକିଂ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ ପରୀକ୍ଷାର୍ଥୀମାନେ ପରୀକ୍ଷାରେ କପି କରି ଧରାପଡ଼ିଥିବେ ବା ଯାହାର ପରୀକ୍ଷା ଫଳ ପ୍ରକାଶିତ ହୋଇ ନ ଥିବ ବା ଅସିଦ୍ଧ ଘୋଷଣା କରାଯାଇଥିବ, ସେହି ପିଲାମାନେ ରି-ଚେକିଂ ଆବେଦନ କରିପାରିବେ। ଆସନ୍ତା ୩୦ ତାରିଖରୁ ଆବେଦନ ଆରମ୍ଭ ହେବ। ଜୁନ୍ ୧୩ ତାରିଖ ମଧ୍ୟରେ ଆଶାୟୀ ପରୀକ୍ଷାର୍ଥୀ ଆବେଦନ କରିପାରିବେ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବର୍ଗରେ ପ୍ରତି ବିଷୟରେ ରି-ଚେକିଂ କରିପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷରେ +୨ ଇନଷ୍ଟାଣ୍ଟ ପରୀକ୍ଷା ପାଇଁ ମଧ୍ୟ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୮ ତାରିଖରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ସେମାନଙ୍କ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପରୀକ୍ଷା ପାଇଁ ଫର୍ମ ପୂରଣ କରିପାରିବେ। ପ୍ରାକ୍ଟିକାଲ୍ ନଥିବା ବିଷୟ ପାଇଁ ୫୨୦ଟଙ୍କା ଫି' ଧାର୍ଯ୍ୟ କରାଯାଇଥିବାବେଳେ ପ୍ରାକ୍ଟିକାଲ୍ ବା ପ୍ରୋଜେକ୍ଟ ଥିବା ବିଷୟ ପାଇଁ ୫୬୦ ଓ ଜୀବବିଜ୍ଞାନ ପାଇଁ ୬ଶହ ଟଙ୍କା ଫି' ରହିଛି। ଜୁନ୍ ୨୫ ଓ ୨୬ ତାରିଖରେ ଇନଷ୍ଟାଣ୍ଟ ପରୀକ୍ଷା ହେବ ବୋଲି ସିଏଚ୍ଏସ୍ଇ ପକ୍ଷରୁ କୁହାଯାଇଛି।

**ଜୁନ୍ ୨୫ ଓ ୨୬ରେ +୨ ଇନଷ୍ଟାଣ୍ଟ ପରୀକ୍ଷା**

# କରୋନାର ହେବ ଜିନମ୍ ସିକ୍ୱେସିଂ

## ପରୀକ୍ଷା ପାଇଁ ଗଲା ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାବ୍

ଭୁବନେଶ୍ୱର, ୨୩।୫(ସମିସ): ରାଜ୍ୟରେ ପୁଣିଥରେ ଜଣେ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଏହା କରୋନାର କେଉଁ ପ୍ରଜାତି, ତାହା ଜିନମ୍ ସିକ୍ୱେସିଂ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ। ବାସ୍ତବରେ ଏହା କୋଭିଡର ପୁରୁଣା ସବ୍ ଭାରିଆଣ୍ଟ ନା ଆଉ କିଛି ନୂଆ ତାହା ଜଣାପଡ଼ିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରୁ ଚିହ୍ନଟ ହୋଇ ସଂଗରୋଧରେ ଥିବା ଏହି ବୟସ୍କ ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସ୍ଥିର ରହିଛି। ତାଙ୍କ ଘରେ କିମ୍ବା ଆଖପାଖରେ ଆଉ କାହା ପାଖରେ କରୋନାର କୌଣସି ଲକ୍ଷଣ ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। କରୋନା ସଂକ୍ରମିତଙ୍କ ଟ୍ରାଭେଲ ଇତିହାସକୁ ଯାଞ୍ଚ କରାଯାଉଛି। ଏହାଦ୍ୱାରା ସେ କାହା କାହା ସଂସ୍ପର୍ଶରେ ଆସିଥିଲେ ଏବଂ କେଉଁ ଆଡେ ଯାଇଥିଲେ ତାହା ଜଣାପଡ଼ିବ। ସେହି ଲୋକମାନଙ୍କୁ ଚିହ୍ନଟ କରି ପରୀକ୍ଷା କରାଯିବ। ଏହାଦ୍ୱାରା ସଂକ୍ରମଣ ରୋକାଯାଇ ପାରିବ। ଅନ୍ୟପକ୍ଷରେ ସମ୍ଭାବ୍ୟ ସଂକ୍ରମଣର ମୁକାବିଲା ପାଇଁ ସବୁ ହସ୍ପିଟାଲର କୋଭିଡ୍ ବ୍ୟବସ୍ଥାକୁ ସମୀକ୍ଷା କରାଯାଉଛି। ଆଇସିୟୁ ଓ ପରୀକ୍ଷା ପାଇଁ ପ୍ରସ୍ତୁତି କରାଯାଉଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଲେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ଯେଉଁମାନେ ବହୁବିଧ ଜଟିଳ ରୋଗରେ ପୀଡ଼ିତ ଅଛନ୍ତି, ସେମାନେ ମାସ୍କ ପିନ୍ଧିବା ଆବଶ୍ୟକ। ଗର୍ଭବତୀ, ଛୋଟ ପିଲା ଓ ବୟସ୍କ ବ୍ୟକ୍ତି ସତର୍କ ରହିବା ଜରୁରୀ। ଶେଷ ଥର ପାଇଁ ୨୦୨୪ ଅକ୍ଟୋବରରେ ରାଜ୍ୟରେ ଜଣେ କୋଭିଡ୍ ରୋଗୀ ଚିହ୍ନଟ ହୋଇଥିଲେ। ସେହି ମାସରେ ରାଜ୍ୟରେ ମୋଟ ୩ ଜଣ ରୋଗୀ କରୋନା ପଜିଟିଭ ହୋଇଥିଲେ। ତେବେ ଏହା ପରଠାରୁ ରାଜ୍ୟରେ ଦୈନିକ ହାରାହାରି ୨୫୦ ଜଣ ଲୋକଙ୍କ କୋଭିଡ୍ ପରୀକ୍ଷା ହେଉଥିଲେ ମଧ୍ୟ କୌଣସି ନୂଆ କୋଭିଡ୍ ମାମଲା ସାମ୍ନାକୁ ଆସି ନାହିଁ। ଯଦି ରାଜ୍ୟରେ ଅଧିକ ରୋଗୀ ଚିହ୍ନଟ ହୁଅନ୍ତି, ତେବେ ଅଧିକରୁ ଅଧିକ ଟେଷ୍ଟିଂ ବଢ଼ାଯିବା ସହ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟାନୁସାରେ, ଚଳିତ ମାସ ୧୨ ତାରିଖ ଠାରୁ ୧୯ ତାରିଖ ମଧ୍ୟରେ ସପ୍ତାହକ ମଧ୍ୟରେ ଦେଶରେ ୨୫୭ ଜଣ ସକ୍ରିୟ କୋଭିଡ୍ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ଦିଲ୍ଲୀପ କୁମାର ମିଶ୍ର କହିଛନ୍ତି, ଏହା ହେଉଛି ମହାମାରୀ ପରବର୍ତ୍ତୀ ଲହର। କୋଭିଡ୍ ଲକ୍ଷଣ ଦେଖାଦେଲେ ମେଡିସିନ୍ ଖାଇଲେ ଭଲ ହୋଇଯିବ। ଏହାକୁ ନେଇ ଜନସାଧାରଣ ଆଦୌ ବ୍ୟତିବ୍ୟସ୍ତ ହେବା ଉଚିତ ନୁହେଁ। କରୋନା ଏକ ସାଧାରଣ ରୋଗ। ତେଣୁ ଋତୁ ପରିବର୍ତ୍ତନ ସମୟରେ ସମସ୍ତେ ସତର୍କତା ଅବଲମ୍ବନ କରିବାକୁ ସେ କହିଛନ୍ତି।

# ଭିଜିଲାନ୍ସ ଜାଲରେ ବାରିପଦା ପୌର କିରାଣୀ

ବାରିପଦା,୨୩।୫(ସମିସ): ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାରିପଦା ପୌରପରିଷଦର କିରାଣୀ ଗୋପାଳକୃଷ୍ଣ ପ୍ରଧାନ। ଶ୍ରୀ ପ୍ରଧାନ ଏଷ୍ଟାବ୍ଲିସମେଣ୍ଟ ବିଭାଗରେ ବରିଷ୍ଠ କିରାଣୀ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସେ ଲାଞ୍ଚ ଟଙ୍କା ନେବା ବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ ମାଡ଼ି ବସିଥିଲେ। ଶ୍ରୀ ପ୍ରଧାନ ପୌରପାଳିକା ଦୋକାନ ଘର ଦାୟିତ୍ୱରେ ଥିବା ବେଳେ ଅଭିଯୋଗକାରୀଙ୍କ ଦୋକାନ ଘର ମାଲିକାନା କାଗଜପତ୍ର ପିତାଙ୍କ ନାମରୁ ପୁତ୍ର ନାମକୁ ପରିବର୍ତ୍ତନ କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ଭିଜିଲାନ୍ସ ବିଭାଗ ମାଡ଼ି ବସିଥିଲା। ବାରିପଦା ପୁରୁଣା ହାଟସାହିର ମହମ୍ମଦ ଜାଭିର୍ଙ୍କ ଟ୍ରାଫିକ୍ ମାର୍କେଟ୍ ନିକଟସ୍ଥ ପୌରପାଳିକା ମାର୍କେଟ୍ କମ୍ପ୍ଲେକ୍ସରେ ଏକ ଘଣ୍ଟା ଦୋକାନ ରହିଛି। କିନ୍ତୁ ଏହି ଦୋକାନଟି ଜାଭିର୍ଙ୍କ ବାପାଙ୍କ ନାମରେ ରହିଛି। ତେଣୁ ଦୋକାନଟିକୁ ଜାଭିର ନିଜ ନାମରେ କରିବା ପାଇଁ ୨ ବର୍ଷ ହେଲା ବାରମ୍ବାର ଆବେଦନ କରି କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ କାଗଜପତ୍ର ତାଙ୍କ ନାଁରେ ହୋଇପାରୁନଥିଲା। ଗତ ଜାନୁଆରୀରେ ସେ ପୁଣି ଆବେଦନ କରିଥିଲେ। ଆବେଦନ ଏଗ୍ରିମେଣ୍ଟ ପାଇଁ କିରାଣୀ ଶ୍ରୀ ପ୍ରଧାନ ତାଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତେଣୁ ଜାଭିର୍ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ପୂର୍ବ ଯୋଜନା ମୁତାବକ କାର୍ଯ୍ୟାଳୟ ପରିସର ବାଥରୁମ ନିକଟରେ ଶ୍ରୀ ପ୍ରଧାନ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଏନେଇ ବାଲେଶ୍ୱର ଭିଜିଲାନ୍ସ ବିଭାଗରେ କେଶ ନମ୍ବର ୫/୨୦୨୫ରେ ଏକ ମାମଲା ରୁଜୁ କରି ଶ୍ରୀ ପ୍ରଧାନଙ୍କୁ ଅଧିକ ପଚରାଉଚରା କରାଯାଉଛି।



# ସାରା ରାଜ୍ୟରେ ହେବ ବେଆଇନ ମାଦକଦ୍ରବ୍ୟ ବିରୋଧରେ ସଚେତନତା

- ପାଲା, ଦାସକାଠିଆ, ଘୋଡ଼ାନାଚ ଓ ପଥପ୍ରାନ୍ତ ନାଟକ ଜରିଆରେ କରାଯିବ ସଚେତନ
- ବିଦ୍ୟାଳୟସ୍ତରରେ ହେବ ପ୍ରବନ୍ଧ ପ୍ରତିଯୋଗିତା

ଭୁବନେଶ୍ୱର,୨୩।୫(ସମିସ): ଚଳିତ ମାସ ୩୧ରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ରୋକିବାକୁ ଆରମ୍ଭ ହେବ ସଚେତନତା କାର୍ଯ୍ୟକ୍ରମ। ଏନେଇ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରି କହିଛନ୍ତି ଯେ, ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ବିରୋଧରେ ସାରା ରାଜ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଦ୍ୟାଳୟ ସ୍ତରରୁ ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ରାଜ୍ୟର କୋଣ ଅନୁକୋଣରେ ସଚେତନତାର ବାର୍ତ୍ତାକୁ ପହଞ୍ଚାଇବାକୁ ପଡ଼ିବ। ପାଲା, ଦାସକାଠିଆ, ଘୋଡ଼ାନାଚ ଆଦି ସହ ବିଭିନ୍ନ ହାଟବଜାର ଅଞ୍ଚଳରେ ପଥପ୍ରାନ୍ତ ନାଟକ ଜରିଆରେ ବେଆଇନ ନିଶା ସେବନ କାରବାରର କୁପରିଣତି ନେଇ ସଚେତନତା ସୃଷ୍ଟି ସହ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ୍ ସ୍ତରରେ ସଚେତନତା ରଥ ଜରିଆରେ ସଚେତନ କରାଯିବା ନେଇ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ପ୍ରତିଦିନର କାର୍ଯ୍ୟକ୍ରମର ତାଲିକା ପ୍ରସ୍ତୁତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା ଗ୍ରାମାଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ବିଦ୍ୟାଳୟ ସ୍ତରରେ ବେଆଇନ ନିଶା ସେବନ ସମ୍ବନ୍ଧରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରିବା ସହ ବେଆଇନ ମାଦକ ଦ୍ରବ୍ୟ କାରବାର ଓ ସେବନ ବିରୁଦ୍ଧରେ ନିୟମିତ ସଚେତନତା କରିବାକୁ ପରାମର୍ଶ ଦେଇଥିଲେ।

ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଯୋଗଦେଇ ବିଭିନ୍ନ ବିଭାଗ ଜରିଆରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ "ସେ ୟେସ୍ ଟୁ ଲାଇଫ୍, ନୋ ଟୁ ଡ୍ରଗସ୍' ସଂକଳ୍ପ କାର୍ଯ୍ୟକ୍ରମ ଏବଂ ବେଆଇନ ନିଶା କାରବାରକୁ ରୋକିବା ଦିଗରେ ମାନସ ପୋର୍ଟାଲ ଏବଂ ୧୯୩୩ ହେଲପ୍ଲାଇନ୍ ନମ୍ବର ଉପଯୋଗ ବିଷୟରେ ଲୋକଙ୍କୁ ସଚେତନ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆର୍.କେ. ଶର୍ମା, ପୁଲିସ ଡିଆଇଜି(ଏସ୍ଟିଏଫ୍) ପିନାକ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

**ମୁନିରଙ୍କୁ ଇମ୍ରାନଙ୍କ କଟାକ୍ଷ**

# ଫିଲ୍ଡ ମାର୍ଶାଲ ବଦଳରେ ରାଜା ଉପାଧି ମିଳିଥିଲେ ଭଲ ହୋଇଥାଆନ୍ତା

ଇସଲାମାବାଦ, ୨୩।୫ (ଏଜେନ୍ସି): ଭାରତର ଅପରେସନ ସିନ୍ଦୂର ପରେ ପାକିସ୍ତାନ ସରକାର ସେନାଧ୍ୟକ୍ଷ ଆସିମ ମୁନିରଙ୍କୁ ପଦୋନ୍ନତି ଦେବା ସହିତ ଫିଲ୍ଡ ମାର୍ଶାଲ ଭଳି ସର୍ବୋଚ୍ଚ ସେନା ଉପାଧିରେ ଭୁଷିତ କରିଥିଲେ। ଭାରତର ଆକ୍ରମଣକୁ ପ୍ରତିହତ କରିବା ଦିଗରେ ମୁନିର ବହୁ ସଫଳତା ହାସଲ କରିଥିବାରୁ ତାଙ୍କୁ ଶେହବାଜ ସରକାର ଏହି ପୁରସ୍କାର ଦେଇଥିଲେ। ପାକିସ୍ତାନ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚା ହୋଇଥିଲା ବେଳେ ଏବେ ପିଟିଆଇ ନେତା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ମୁନିରଙ୍କୁ ଭର୍ତ୍ସନା କରିବା ସହିତ କଟାକ୍ଷ କରିଛନ୍ତି। ମୁନିରଙ୍କୁ ତାଙ୍କ ସଫଳତା ପାଇଁ ଫିଲ୍ଡ ମାର୍ଶାଲ ବଦଳରେ ରାଜା ଉପାଧି ଦିଆଯାଇଥିଲେ ଆହୁରି ଭଲ ହୋଇଥାଆନ୍ତା ବୋଲି ଇମ୍ରାନ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଶେହବାଜ ସରକାର ଗଣତନ୍ତ୍ରର ଦୁଇ ମୁଖ୍ୟ ସ୍ତମ୍ଭ ଆଇନ କାନୁନ ବ୍ୟବସ୍ଥା ଏବଂ ନୈତିକତାକୁ ଜଳାଞ୍ଜଳି ଦେଇ ସାରିଛନ୍ତି ବୋଲି ଇମ୍ରାନ କହିଛନ୍ତି।

# ଆଜିଠୁ +୨ନାମଲେଖା ଆବେଦନ

ଭୁବନେଶ୍ୱର,୨୩।୫(ସମିସ): +୨ ନାମଲେଖା ପାଇଁ ଆସନ୍ତାକାଲି ଅର୍ଥାତ୍ ଶନିବାରଠାରୁ କଳା, ବିଜ୍ଞାନ, ବାଣିଜ୍ୟ, ଉପଶାସ୍ତ୍ରୀ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ଆବେଦନ ଆରମ୍ଭ ହେବ। ଏଥିପାଇଁ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍‌ରେ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ଜୁଲାଇ ୭ତାରିଖରେ ପ୍ରକାଶ ପାଇବ। ମୋଟ୍ ୩ଟି ପର୍ଯ୍ୟାୟରେ ନାମଲେଖା ହେବ। ପ୍ରଥମ ପର୍ଯ୍ୟାୟ ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ନାମ ଲେଖାଇ ପାରିବେ। ଜୁଲାଇ ୨୪ ତାରିଖରୁ +୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଦଶମ ପରୀକ୍ଷାରେ ରଖିଥିବା ନମ୍ବର ଅନୁଯାୟୀ ସମ୍ପୂର୍ଣ୍ଣ ମେଧା ତାଲିକା ଆଧାରରେ ନାମଲେଖା ହେବ। ନାମଲେଖା ପାଇଁ ୪ଟି ମାଧ୍ୟମରେ ପିଲାଙ୍କୁ ସୂଚିତ କରାଯିବ। ସାମସ୍ ପୋର୍ଟାଲ୍ ଇ-ସ୍ପେସ୍, ଏସ୍ଏମ୍ଏସ୍, ୱାଟସ୍ଆପ୍ ଓ ଚୟନ ହୋଇଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇ-ସ୍ପେସ୍‌ରୁ ସେମାନଙ୍କ ଜ୍ଞାପକ ପତ୍ର ବା ଇଣ୍ଟିମେସନ୍ ଲେଟର୍ ଡାଉନ୍‌ଲୋଡ କରିପାରିବେ। ନାମଲେଖା ସମୟରେ ସିଏଏଫ୍ ସହ ପ୍ରମାଣପତ୍ର ମଧ୍ୟ ଯାଞ୍ଚ କରାଯିବ। ନାମଲେଖା କ୍ଷେତ୍ରରେ ଅନୁସୂଚିତ ଜାତି ବର୍ଗର ପିଲାଙ୍କୁ ୧୬.୨୫% ସଂରକ୍ଷଣ ଦିଆଯାଇଥିବାବେଳେ ଅନୁସୂଚିତ ଜନଜାତି ବର୍ଗ ପାଇଁ ୨୨.୫% ସଂରକ୍ଷଣ ରହିଛି। ସାମାଜିକ ପଛୁଆ ବର୍ଗ (ଓବିସି) ବର୍ଗର ଛାତ୍ରଛାତ୍ରୀଙ୍କୁ କୌଣସି ସଂରକ୍ଷଣ ଦିଆଯାଇ ନାହିଁ।

**ଜୁଲାଇ ୮ ରୁ ୧୪ ପ୍ରଥମ ପର୍ଯ୍ୟାୟ ନାମଲେଖା**

**ଜୁଲାଇ ୨୪ରୁ +୨ ପ୍ରଥମ ବର୍ଷ ପାଠପଢ଼ା**

# ମେ ୨୬ ତାରିଖରେ 'ସାବିତ୍ରୀ' ଛୁଟି

ଭୁବନେଶ୍ୱର,୨୩।୫(ସମିସ): ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟିକୁ ମେ ୨୭ ତାରିଖ ପରିବର୍ତ୍ତେ ୨୬ ତାରିଖରେ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଚଳିତ ବର୍ଷ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି ପୂର୍ବରୁ ମେ ମାସ ୨୭ ତାରିଖକୁ ସ୍ଥିରୀକୃତ ହୋଇଥିଲା। ତେବେ ପୁରୀ ମୁକ୍ତି ମଣ୍ଡପ ସହିତ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଓ ପଞ୍ଜିକା ଗଣନକାରୀ ଅନୁଷ୍ଠାନମାନଙ୍କ ସହିତ ଯୋଗାଯୋଗ ପରେ ୨୬ ତାରିଖରେ ସାବିତ୍ରି ବ୍ରତ ପାଳନ କରାଯାଉଥିବାରୁ ଛୁଟି ତାରିଖକୁ ପରିବର୍ତ୍ତନ କରାଯାଇଛି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ଅନୁଗୋଳ, ୨୩।୫ (ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ଅଞ୍ଚଳରେ ଗତ ୨୦୨୦ ମସିହାରେ ଘଟିଥିବା ଏକ ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ ଜଜ୍ (ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍) ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଆସାମୀଜଣଙ୍କ ହେଲା, ବନ୍ତଲା ଥାନାଞ୍ଚଳର ସୁବ୍ରତ ସାହୁ (୨୦)। ସୁବ୍ରତ ଗତ ୨୦୨୦ ସେପ୍ଟେମ୍ବର ୮ ତାରିଖ ରାତିରେ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଏପରିକି, ଘଟଣା ପ୍ରଘଟ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲା। ତେବେ, ପୀଡ଼ିତାଜଣଙ୍କ ସାହସ ଜୁଟାଇ ଏ ସଂପର୍କରେ ବନ୍ତଲା ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ପୋକ୍ସୋ ଆକ୍ଟରେ ଅଭିଯୁକ୍ତକୁ ଗିରଫ କରିଥିଲା।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ**

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

ନୂଆପଡ଼ା, ୨୩।୫ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନୂଆପଡ଼ା ପୂର୍ତ୍ତ ଓ ଗୃହ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି। ଜୟପୁର ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗଠିତ ୯ଟି ଟିମ୍ ନୂଆପଡ଼ାସ୍ଥିତ ତାଙ୍କ ସରକାର ବାସଗୃହ, ସରକାରୀ କାର୍ଯ୍ୟାଳୟ ସମେତ ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି କୋଟିକୋଟି ଟଙ୍କାର ସମ୍ପତ୍ତି ଠାବ କରିଛି। ଠାବ ସଂପତ୍ତି ମଧ୍ୟରେ ଦୁଇଗୋଟି ମୂଲ୍ୟବାନ କୋଠା, ଭିନ୍ନଭିନ୍ନ ଜାଗାରେ ବହୁ ମୂଲ୍ୟ ୯ଗୋଟି ପ୍ଲଟ୍, ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜୀବନ ବୀମା ପଲିସି ରହିଛି। ଆଜିକୁ ତିନିବର୍ଷ ହେବ, ନୂଆପଡ଼ା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସବ୍-ଡିଭିଜନ୍ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ଭାବେ ଶ୍ରୀ ସେଠୀ କାମ କରୁଥିଲେ। ଏଠାରେ କାମ କରୁଥିବା ସମୟରେ ଖୋଲାଖୋଲି ଠିକାଦାର, ବିଭାଗୀୟ କର୍ମଚାରୀଙ୍କଠାରୁ ଲାଞ୍ଚ କାରବାର କରୁଥିବା ଅଭିଯୋଗ ହୋଇଥିଲା। ଅନ୍ୟପଟେ ରାଜ୍ୟବ୍ୟାପୀ ବିଭିନ୍ନ ଜାଗାରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତି କରି ଜୟପୁର ଭିଜିଲାନ୍ସ ଟିମ୍ ଶୁକ୍ରବାର ପ୍ରଥମେ ତାଙ୍କ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ପରେ ଭୁବନେଶ୍ୱରର ୩ଟି, ପିପିଲିର ୫ଟି ଓ ରାୟଗଡ଼ା ଗୋଟିଏ ସ୍ଥାନରେ ଚଢ଼ଉ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଚଢ଼ଉ ଜାରି ରହିଥିବା ବେଳେ ଆକଳନ ପରେ ସମ୍ପତ୍ତିର ପରିମାଣର ସଠିକ ବିବରଣୀ ପ୍ରଦାନ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।



**ସରକାରୀ ବାସଗୃହ, କାର୍ଯ୍ୟାଳୟ ସମେତ ୯ ସ୍ଥାନରେ ଚଢ଼ଉ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାରା ରାଜ୍ୟରେ...

ଚଳିତ ବର୍ଷ ଏହା ୨୫ ତାରିଖ ସୁଦ୍ଧା କେରଳ ଛୁଉଁଥିବା ବେଳେ ଆସନ୍ତା ୨୭ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ମୌସୁମୀକୁ ଆହୁରି ସକ୍ରିୟ କରାଇବାରେ ସହାୟକ ହେବ। ଯାହାଦ୍ୱାରା ମୌସୁମୀ ବାୟୁ ମେ' ମାସ ଶେଷ କିମ୍ବା ଜୁନ୍ ପ୍ରଥମରୁ ଓଡ଼ିଶା ଛୁଇଁବା ପାଇଁ ପାଗ ଅନୁକୂଳ ରହିବ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୭ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ଓ ତତ୍ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଏହି ଲଘୁଚାପ ସୃଷ୍ଟି ହୋଇ ୨ ଦିନ ଭିତରେ ଅଧିକ ଘନୀଭୂତ ହେବ। ଏହା ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ। ଯାହାକୁ ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଶନିବାର କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସହ ବଜ୍ରପାତ ଆଶଙ୍କା ରହିଥିବା ବେଳେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗିର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ୨୮ ତାରିଖ ବେଳକୁ ବର୍ଷାର ପ୍ରଭାବ ଆହୁରି ବୃଦ୍ଧି ହେବାର ସମ୍ଭାବନା ରହିଛି।

### ମସ୍କୋ ଆକାଶରେ...

ଉପରେ ଡ୍ରୋନ ଆକ୍ରମଣ କରିଥାଏ। ୟୁକ୍ରେନ ଜାଣିଶୁଣି ଏପରି କରେ ଏବଂ ଅନ୍ୟ ଦେଶର ପ୍ରତିନିଧିମାନେ ଯେଭଳି ରୁଷିଆ ନ ଆସିପାରନ୍ତି ତାହାକୁ ନେଇ କାର୍ଯ୍ୟ କରେ ବୋଲି ସେ କହିଥିଲେ। ଏହି ଘଟଣାକୁ ବିଚାର କଲେ ତାଙ୍କ କଥା ସତ ହୋଇଛି। ତେବେ ରୁଷିଆ ପକ୍ଷରୁ ଏହି ଘଟଣାକୁ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

### ଅନୁଜ କୁମାର...

ପୋଷଣ ଓ ଏମ୍ଏମ୍ ପୋଷଣ ଯୋଜନାର ନୋଡାଲ ଅଧିକାରୀ ଭାବେ ବଦଳି କରାଯାଇଛି। ଟାଙ୍ଗୀ ପୂର୍ବତନ ତହସିଲଦାର ମିତାଲି ପାତ୍ରଙ୍କୁ ବାରିପଦା ସିଡିଏମ୍ ଓ ପିଏଚ୍‌ଓର ପ୍ରଶାସନିକ ଅଧିକାରୀ ଭାବେ ବଦଳି ହୋଇଛି। ଗୁଣୁପୁର ଆଇଟିଡିଏ ପିଏ ଥିବା ଅଜୟ କୁମାର ପ୍ରଧାନଙ୍କ ପୂର୍ବ ବଦଳି ନିର୍ଦ୍ଦେଶନାମାକୁ ବାତିଲ୍ କରି ଦିଆଯାଇଛି। ସେହିପରି ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେରଙ୍କୁ ଇନ୍ଦିରା ଗାନ୍ଧୀ ଇନ୍ଷ୍ଟିଚ୍ୟୁଟ୍ ଓ ଟେକ୍ନୋଲୋଜିର ରେଜିଷ୍ଟ୍ରାର୍ ଭାବେ ବଦଳି କରାଯାଇଛି।

ଏହାବ୍ୟତୀତ ପୁରୀ ରଥଯାତ୍ରା ପାଇଁ ପରିମଳ ବ୍ୟବସ୍ଥାର ତଦାରଖ ନିମନ୍ତେ ବିଭିନ୍ନ ପୌରାଞ୍ଚଳରେ କାର୍ଯ୍ୟ କରୁଥିବା ଏହି ୧୦ ଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ଆସନ୍ତା ଜୁନ୍ ୧ ତାରିଖରୁ ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ପୁରୀରେ ରହି କାର୍ଯ୍ୟ କରିବେ। ଏହି ଅଧିକାରୀଙ୍କ ମଧ୍ୟରେ ଆଶୁତୋଷ ଗୌରଭ, ଆଭାସ ରଞ୍ଜନ ପାଣିଗ୍ରାହୀ, ସୁକାନ୍ତ ଚନ୍ଦ୍ର ବେଉରା, ଧନଞ୍ଜୟ ମହାନ୍ତି, ସରୋଜ କୁମାର ଆଚାର୍ଯ୍ୟ, ଜୁବୁଲି ଚରଣ ବେହେରା, ମୁରଲୀ କୃଷ୍ଣ ପଣ୍ଡା, ମାନସ ରଞ୍ଜନ ମଲ୍ଲିକ, ନିଗମାନନ୍ଦ ପଣ୍ଡା ଓ ଲୋକନାଥ ବେଜ୍ ପ୍ରମୁଖ ସାମିଲ୍ ରହିଛନ୍ତି।

### ଅସନ୍ତୁଷ୍ଟ ନେତାଙ୍କ...

ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟାପାର କମିଟି ବୈଠକରେ ପହଞ୍ଚି ଦଳ ଏକ୍ ବୋଲି ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି। ଗୁରୁବାର ଅନୁପସ୍ଥିତ ରହିଥିବା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ସମେତ ଏକାଧିକ ନେତା ସକାଳେ କଂଗ୍ରେସ ଭବନରେ ପହଞ୍ଚିଥିଲେ। ପ୍ରଥମେ ରାଜନୈତିକ ବ୍ୟାପାର କମିଟିରେ ସାମୟିକ ଆଲୋଚନା ପରେ ଏହି ନେତମାନେ ଧାରଣା ସ୍ଥଳକୁ ଆସିଥିଲେ ଓ ପରେ ଅପରାହ୍ଣରେ ଏହି କମିଟି ବୈଠକରେ ଯୋଗ ଦେଇଥିଲେ। ବିଷଦ ଆଲୋଚନା ପରେ ପିସିସି ପକ୍ଷରୁ ୨ ଟି ନୂତନ କମିଟି ଗଠନ କରାଯିବା ନେଇ ନିଷ୍ପତ୍ତି ହୋଇଛି।

କଂଗ୍ରେସ ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାମାଜିକ ନ୍ୟାୟ ସମ୍ପର୍କରେ ବିଷଦ ଆଲୋଚନା ହୋଇଛି। ପିସିସି ଦଳ ପକ୍ଷରୁ 'ସାମାଜିକ ନ୍ୟାୟ ଡ୍ରାଫ୍ଟିଂ' କମିଟି ଓ 'ଚାର୍ଜସିଟ ଡ୍ରାଫ୍ଟିଂ' କମିଟି ଗଠନ କରାଯାଇଛି। ଆଗାମୀ ଦିନରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ କଂଗ୍ରେସର ଆଭିମୁଖ୍ୟ ସମ୍ପର୍କରେ ଏକ ଚିଠା ପ୍ରସ୍ତୁତ ପାଇଁ ରାଜ୍ୟସ୍ତରୀୟ ସାମାଜିକ ନ୍ୟାୟ ଡ୍ରାଫ୍ଟିଂ କମିଟି ଗଠନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ରାଜ୍ୟ ବିଜେପି ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବାରେ ଅବହେଳା ସମ୍ପର୍କରେ ବିଷଦ ଆଲୋଚନା କରାଯାଇ ଚାର୍ଜସିଟି ଡ୍ରାଫ୍ଟ କମିଟ ଗଠନ ନିମନ୍ତେ ନିଷ୍ପତ୍ତି ହୋଇଛି। ସାମାଜିକ ନ୍ୟାୟ ଡ୍ରାଫ୍ଟ କମିଟିରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷ ରହିଥିବା ବେଳେ ପ୍ରସାଦ ହରିଚନ୍ଦନ ଆବାହକ ଭାବରେ ରହିଛନ୍ତି। ସେହିପରି ଏହି କମିଟିରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ନଗେନ୍ଦ୍ର ପ୍ରଧାନ, ଶରତ ରାଉତ, ଅମରନାଥ ପ୍ରଧାନ, ମହମ୍ମଦ ମୋକିମ, ସିଏସ ରାଜନ ଏକ୍କା, ବନ୍ଦିତା ପରିଡ଼ା ଏବଂ ସିପ୍ରା ମଲ୍ଲିକ ପ୍ରମୁଖ ସଦସ୍ୟ ଭାବରେ ରହିଛନ୍ତି। ଅନୁରୂପ ଭାବରେ ଚାର୍ଜସିଟି ଡ୍ରାଫ୍ଟିଂ କମିଟିରେ ପ୍ରସାଦ ହରିଚନ୍ଦନ ଅଧ୍ୟକ୍ଷ ରହିଥିବା ବେଳେ ସଦସ୍ୟ ଭାବରେ ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ମହମ୍ମଦ ମୋକିମ, ବିଶ୍ୱରଞ୍ଜନ ମହାନ୍ତି, ସସ୍ମିତା ବେହେରା, ଉଦିତ ପ୍ରଧାନ, ରଜନୀ ମହାନ୍ତି ଏବଂ ଜୟଶ୍ରୀ ପାତ୍ର ପ୍ରମୁଖ ସ୍ଥାନ ପାଇଛନ୍ତି।

CAD-494
Email: itdagnp@nic.in

GOVERNMENT OF ODISHA
OFFICE OF THE PROJECT ADMINISTRATOR
INTEGRATED TRIBAL DEVELOPMENT AGENCY, GUNUPUR
* * *
E-Procurement Notice
Bid Identification No: ITDAGNP – Online – 03 / 2024-25

No: 1002 / VII-89/2025 Date: 20 .05.2025

1 Name of the Work : Construction of Building Works
2 Total No. of Works : 20 No.(Percentage rate tender)
3 Amount put to tender : As mentioned in Col. 3 of Annexure
4 Class of Contractor : As mentioned in Col. 5 of Annexure
5 Period of Completion : As mentioned in Col. 4 of Annexure
6 EMD : As mentioned in Col. 6 of Annexure
7 Paper Cost : As mentioned in Col. 7 of Annexure
8 Other details:

| Procurement Officer | Bid Identification No. | Availability of Tender online for Bidding From | Availability of Tender online for Bidding To | Last date & time of seeking tender clarification | Date & Time of opening of tender | Financial Bid open |
|---|---|---|---|---|---|---|
| 1 | 2 | 3 | 4 | 5 | 6 | |
| Project Administrator, I.T.D.A, Gunupur | ITDAGNP Online-03/2024-25 | 23.05.2025 at 10.00 A.M. | 05.06.25 up to 5.00 P.M. | 05.06.2025 up to 5.00 P.M. | 06.06.2025 at 11.00 Hrs. | Will intimate later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website: www.tendersorissa.gov.in.

Project Administrator,
I.T.D.A., Gunupur.

OIPR-26072/11/0006/2526

SALE
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

ନ୍ୟୁ ଟାୱର ଜୁଏଲର୍ସ
ଥାନା ଛକ, ମେନ୍ ରୋଡ଼, ବରଗଡ଼
ଷ୍ଟାଫ୍ ଆବଶ୍ୟକ
ସେଲ୍ସ ଏକ୍ଜିକ୍ୟୁଟିଭ୍ ପାଇଁ ଅନୁଭବୀ ଏବଂ ଅଭିଜ୍ଞ କାର୍ଯ୍ୟକର୍ତ୍ତା ଆବଶ୍ୟକ।
ଯୋଗ୍ୟତା: ଅତିକମରେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ।
ଯୋଗାଯୋଗ: 9937453211

LOST
I, Pradeepta Kumar Chhotaray, aged about 49 years, S/o.: Basudev Chhotaray, resident of At/PO.: Gadamatiapada, PS.: Kanasa, Dist.: Puri, At Present Kharavel Complex, K.C-22, Aiginia, PS.: Khandagiri, Bhubaneswar, Dist.: Khurda, Odisha, PIN-751019, do hereby solemnly affirm and State that, while I was travelling from Baramunda to Aiginia by my Bullet Motor Cycle, on dtd. 19.05.2025 at about 5.00 P.M., I have lost a Sale Deed bearing No.: 11131314651 somewhere else. Inspite of my best efforts I could not traced it out. If anyone found the above sale deed please contact on my Mobile No.: 9337975665

AFFIDAVIT
I, Khurshida Bano, W/o- Jamaluddin Khan, resident of ward No.-20, Sankarpur, Ps-Purna Bazar, Po/Dist.-Bhadrak, Pin-756100, Odisha declare by this affidavit No-5261, dtd-11/05/2025, that now onwards I shall be known as KHURSHIDA BANU for all future purposes.

AFFIDAVIT
By virtue of an affidavit before the Executive Magistrate, Sadar, Cuttack on 22.05.2025. I SRIDHARA PATI, resident of vill- Baulakuda, Po-Jhinkiria, Dist- Cuttack-754112 have changed my minor daughter's name from SMRUTIPRAGYANA PATI to SMRUTI PRAGYAN PATI as my minor daughter SMRUTIPRAGYANA PATI and SMRUTI PRAGYAN PATI is one & the same person. Henceforth she will be known as SMRUTI PRAGYAN PATI for all purposes.
Sd/- SRIDHARA PATI

AFFIDAVIT
By virtue of an affidavit sworn before the Executive Magistrate, Tangi, Dist- Khordha SL No: 762 dated 17/05/2025, I SANJAY PENTHEI, S/o Jogi Penthei resident of Village At - Badapokharipatna, Po-Kalupadaghat, Ps- Tangi, Dist-Khordha, Odisha Pin- 752022 declare that I have changed my minor daughter name from Chinu Penthei to Mamina Penthei. Henceforth, she shall be known as MAMINA PENTHEI for all purposes.
Sd- Sanjay Penthei

AFFIDAVIT
I Madhusmita Satpathy, W/o- Motilal Thakur, resident of Dream Villa - B36, Padasahi, Bhubaneswar - 751024, Dist: Khordha, Odisha, declare by this Affidavit No - 465 , Dt - 20.05.2025 that, now onwards, I shall be known as Madhusmita Thakur for all future purpose.

AFFIDAVIT
I, Shri Sami Dalei, S/o Samara Dalei, resident of Khajuriguda, PO-Kunduli, PS-Pottangi, Dist-Koraput, Odisha, do hereby declare that my son's Aadhar card bearing No. 2039 0003 6835 has erroneously recorded his name as Jana Dalei and his date of birth as 31/12/2009.That the correct name of my son is John Dalei and date of birth is 11/03/2010, as per his Birth Certificate (Regd. No. 327/2010). That Jana Dalei and John Dalei is one and the same person.

AFFIDAVIT
I Sri Gouranga Sahu S/O Late Binod Bihari Sahu my residential address AT- Nadpur, PO- Nuagaon, P.S –Baisinga, Dist. –Mayurbhanj, Odisha, Pin-757025.I swear this affidavit is to be produced before the Notary Public Betnoti Affidavit No. 24 Vol No 1 date-23.05.2025. My father name wrongly type from Binod Behari Sahu to Binod Bihari Sahu . That, the correct name of my father is Binod Bihari Sahu for all future purpose.
Gouranga Sahu

ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ନିର୍ଦ୍ଦେଶ




**ବରଗଡ଼, ୨୩।୫(ସମିସ):**

ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବର୍ଷା ଋତୁରେ ବନ୍ୟା, ବାତ୍ୟା ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ସହ ଶୂନ୍ୟ ମୃତ୍ୟୁ ସୁନିଶ୍ଚିତ କରିବାକୁ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଏଥିରେ ଅଧ୍ୟକ୍ଷତା କରିଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ପଦମପୁର ଅତିରିକ୍ତ ଜିଲ୍ଲାପାଳ କୃଣାଲ ମୋତିରାମ ଚୌହାନ, ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଜିଲ୍ଲାସ୍ତରୀୟ ଅଧିକାରୀ, ଅଗ୍ନିଶମ, ଓଡ୍ରାଫ, ଜଙ୍ଗଲ ଓ ପରିବେଶ ଭିଭାଗ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

ବୈଠକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା, ବାତ୍ୟାର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ନେବା ସହ ଏହାର ସୁପରିଚାଳନା ନିମନ୍ତେ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ମାନେ ସଜାଗ ରହିବାକୁ କୁହାଯାଇଛି। ତଳି ଅଞ୍ଚଳ ଗୁଡ଼ିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଉଦ୍ଧାର ଓ ଥଇଥାନ ନିମନ୍ତେ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖିବା ଏବଂ ପାଣି ଜମୁଥିବା ସ୍ଥାନର ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା, ବର୍ଷା ପୂର୍ବରୁ ସମସ୍ତ ନାଳ ଗୁଡ଼ିକୁ ସଫା କରିବାକୁ କୁହାହୋଇଥିଲା। ସୁବ୍ୟବସ୍ଥିତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସହ ନିୟମିତ ବ୍ୟବଧାନରେ ନଳକୂପ, ପାଇପ ଜଳ ଯୋଗାଣ, କୂପ ଇତ୍ୟାଦିକୁ ବିଶୁଦ୍ଧକରଣ କରିବା, ହାଲୋଜେନ ବଟିକା, ବ୍ଲିଚିଂ ପାଉଡର ଇତ୍ୟାଦି ମହଜୁଦ ରଖିବା ସହ ପରିମଳ ନିମନ୍ତେ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଥିଲା। ଜିଲ୍ଲାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଆବଶ୍ୟକ ପରିମାଣର ଔଷଧ, ସାପ କାମୁଡ଼ା ଇଞ୍ଜେକସନ ଉପଲବ୍ଧ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ନଦୀବନ୍ଧ ଗୁଡ଼ିକର ବନ୍ୟାପ୍ରବଣ ସ୍ଥାନ ଚିହ୍ନଟ କରି ଆବଶ୍ୟକ ପ୍ରତିକାର ଗ୍ରହଣ କରିବା, ଏବଂ ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଚୂଡ଼ା, ଚାଉଳ, କିରୋସିନି, ଦିଆସିଲି, ମହମବତି ଇତ୍ୟାଦି ସାମଗ୍ରୀ ଯଥେଷ୍ଟ ପରିମାଣରେ ମହଜୁଦ କରି ରଖିବାକୁ କୁହାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣୀ ସମ୍ପଦର ସୁରକ୍ଷା ନିମନ୍ତେ ଆଗୁଆ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ସହ ଔଷଧ ରଖିବା ଓ ଟୀକାକରଣ କରିବାକୁ ସିଡିଭିଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ସେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ଜିଲ୍ଲାରେ ପ୍ରାକ ପ୍ରସ୍ତୁତି ବିଷୟ ଉପସ୍ଥାପନା କରିଥିଲେ। ଜିଲ୍ଲା କାର୍ଯ୍ୟାଳୟ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ଲକ, ତହସିଲ ଓ ଜରୁରୀ ସେବା ଯୋଗାଉଥିବା ସମସ୍ତ କାର୍ଯ୍ୟାଳୟ ଗୁଡିକରେ ଖୋଲାଯାଇଥିବା କଣ୍ଟ୍ରୋଲରୁମ ଗୁଡ଼ିକୁ ଠିକ ଭାବେ ପରିଚାଳନା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ଧନୁଯାତ୍ରା ମହୋତ୍ସବ ନେଇ କମିଟିର ବୈଠକ

ବରଗଡ଼, ୨୩।୫(ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବରଗଡ଼ ଧନୁଯାତ୍ରା ମହୋତ୍ସବର ସାଧାରଣ ଓ କାର୍ଯ୍ୟନିର୍ବାହୀ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ୨୦୨୫ର ସଫଳତା ପରେ ଆୟବ୍ୟୟ ଉପରେ ବିସ୍ତୃତ ଆଲୋଚନା ନିମନ୍ତେ ବୈଠକ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ, ପଦମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ପଦମପୁର ଅତିରିକ୍ତ ଜିଲ୍ଲାପାଳ କୃଣାଲ ମୋତିରାମ ଚୌହାନ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ମଧୁଛନ୍ଦା ସାହୁ, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ଜିଲ୍ଲାସ୍ତରୀୟ ଅଧିକାରୀ ତଥା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ଶ୍ରୀ ଶତପଥୀ ଆର୍ଥିକ ବିବରଣୀ ତଥା ଆୟବ୍ୟୟ ବିଷୟରେ ଉପସ୍ଥାପନା କରିଥିଲେ। ଏହାପରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଧନୁଯାତ୍ରା ଉପରେ ନିର୍ମିତ ଡକ୍ୟୁମେଣ୍ଟାରୀ ଫିଲ୍ମ ଓ ଏକ ଆକର୍ଷଣୀୟ କଫି ଟେବୁଲ ବୁକ୍‌ର ଉନ୍ମୋଚନ ହୋଇଥିଲା। ଏହି ଦୁଇଟି ସୃଜନାତ୍ମକ ପ୍ରସ୍ତୁତି ଧନୁଯାତ୍ରା ମହୋତ୍ସବର ଐତିହ୍ୟ, ସଂସ୍କୃତିକ ବୈଭବ ତଥା ଗୌରବକୁ ଦେଶ ଓ ବିଦେଶରେ ଅଧିକ ପ୍ରଚାର କରିବାରେ ସାହାଯ୍ୟ କରିବ।

## ଚାଷୀଙ୍କ ମୁଣ୍ଡରେ ଚଡ଼କ ଧାନ ଟୋକନ

ବରଗଡ଼, ୨୩।୫(ସମିସ): ଧାନମଣ୍ଡିରେ ରବି ଧାନ ସଂଗ୍ରହ ଗତ ୧୪ ତାରିଖରୁ ଆରମ୍ଭ ହୋଇଛି। ଯେଉଁ ଚାଷୀ ରବି ଋତୁରେ ଧାନ ଚାଷ କରିଛନ୍ତି ସେମାନେ ମଣ୍ଡିରେ ଧାନ ବିକ୍ରୟ ପାଇଁ ଧାନ କାର୍ଡ ତିଆରି ପାଇଁ ଆବେଦନ କରିଥିଲେ। କିନ୍ତୁ ଧାନ ବିକ୍ରୟ ପାଇଁ ଟୋକନ ଆସି ନ ଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଝାରବନ୍ଧ ବ୍ଲକ ଡଭା ପାକ୍ସର ଚାଷୀ ନବୀନ ସାହୁ ପ୍ରାୟ ୨.୫ ଏକର ଜମିରେ ଧାନ ଚାଷ କରିଥିଲେ ଏବଂ ପୂର୍ବ ବର୍ଷ ଭଳି ଏବର୍ଷ ମଧ୍ୟ ଧାନ କାର୍ଡ ରିନୁଆଲ ପାଇଁ ଆବେଦନ କରିଥିଲେ। ଆଜି ସୁଦ୍ଧା ଧାନ ଟୋକନ ଆସି ନ ଥିବାରୁ ଚିନ୍ତାରେ ପଡ଼ିଛନ୍ତି। ପ୍ରାୟ ୧୫୦ ବସ୍ତା ଧାନ ଏବେ ଘରେ ପଡ଼ିରହିବା ଏବଂ ଧାର କରଜ ସୁଝି ନପାରିବା କଥା ଆହୁରି ଚିନ୍ତାରେ ପକାଇଛି। ଏପଟେ ଯେଉଁମାନେ ମୋଟେ ଚାଷ କରିନାହାଁନ୍ତି ସେମାନଙ୍କ ନାମରେ ଟୋକନ ଆସିଥିବା ଘଟଣା ସାମାଜିକ ଗଣମାଧ୍ୟମରେ ବେଶ ଚର୍ଚ୍ଚା ହେଉଛି। ଡଭା ପାକ୍ସ ଅଧୀନ ଜାମପାଲି ଗାଁର ଗିରିଧାରୀ ସାହୁ, ଅଭିଲାଲ ସାହୁ, ବାଲସି ଝାଳରଙ୍କ ମଧ୍ୟ ଟୋକନ ଆସିନାହିଁ। ଏପଟେ ଖୋଦ ରାଜସ୍ୱ ନିରୀକ୍ଷକ ଏବଂ ତହସିଲଦାର ଜମିରେ ଚାଷ ହୋଇଥିବା ଦର୍ଶାଇଛନ୍ତି। ଏ ବିଷୟରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ମଧ୍ୟ ଅଭିଯୋଗ କରିଥିବା ଚାଷୀ ନବୀନ ସାହୁ କହିଛନ୍ତି।

## ଭେଡେନ ପଞ୍ଚାୟତ ଲିଗ କ୍ରିକେଟ: ରୟାଲ ଇଲେଭେନ୍ ବିଜୟୀ



**ଭେଡେନ, ୨୩।୫(ସମିସ):** ଭେଡେନ ରନଜିତା ଖେଳ ପଡ଼ିଆରେ ଚାଲିଥିବା ଭେଡେନ ପଞ୍ଚାୟତ କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ରୟାଲ ଇଲେଭେନ୍ ଓ ହିନ୍ଦ ୱାରିଅର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମେ ରୟାଲ ଇଲେଭେନ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ହିନ୍ଦ୍ ୱାରିଅର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରିଥିଲା। ଜବାବରେ ରୟାଲ ଇଲେଭେନ ୧୦.୫ ଓଭର୍‌ରେ ୯ ଉଇକେଟ ହରାଇ ୧୦୩ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ରୟାଲ ଇଲେଭେନ୍‌ର ଆଦର୍ଶ ପଧାନ ୩ ଓଭରରେ ୧୭ରନ ଦେଇ ୪ଉଇକେଟ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅତିଥି ଭାବେ ପୂର୍ବତନ ଖେଳାଳି ଅଜିତ ଅଗ୍ରୱାଲ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଖେଳକୁ ଝସକେତନ ସୁନା ଓ ପ୍ରସନ୍ନ ଦାଶ୍ ପରିଚାଳନା କରିଥିବା ବେଳେ ସ୍କୋରର୍ ଭାବରେ ବିନୟ ନାଏକ ଓ ଯୁବରାଜ୍ ଡନସେନା ଦାୟିତ୍ୱ ତୁଲାଇଥିଲେ। ଖେଳ ଧାରାବିବରଣୀ ବାବୁଲାଲ୍ ଓ ଏମଡିରାଜୁ ପ୍ରଦାନ କରିଥିଲେ।

## ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗ୍ରୀଷ୍ମଶିବିର

**ବରଗଡ଼, ୨୩।୫(ସମିସ):** ବରଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ପିରାମାଲ ଫାଉଣ୍ଡେସନର ସହଯୋଗରେ ପିଏମଶ୍ରୀ ବାଳିକା ବିଦ୍ୟାଳୟରେ ମେ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ୫ ଦିନିଆ ଗ୍ରୀଷ୍ମଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ବରଗଡ଼ ଅତିରିକ୍ତ ଶିକ୍ଷା ଅଧିକାରୀ ସରୋଜ ଭୂଏ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସ୍କୁଲ ଶିକ୍ଷା ପ୍ରାଧିକରଣ ଅତିରିକ୍ତ ସଚିବ ପ୍ରତିଭା ଦୋରା ଓ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଶିବିରକୁ ପରିଦର୍ଶନରେ ଆସି ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ପିରାମାଲ ଫାଉଣ୍ଡେସନର ପ୍ରୋଗ୍ରାମ ଲିଡର ପୁନମ ନାଏକଙ୍କ ମତରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ୬ଷ୍ଠରୁ



୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଶିକ୍ଷା ଅନୁଭୂତକୁ ଆକର୍ଷଣୀୟ ଏବଂ ଆନନ୍ଦଦାୟକ କାର୍ଯ୍ୟକଳାପ ଦ୍ୱାରା ବୃଦ୍ଧି କରିବା। ବିଭିନ୍ନ କାର୍ଯ୍ୟକଳାପ ଯଥା ଦୃଶ୍ୟକଳା, ସଙ୍ଗୀତ ଏବଂ ସାହିତ୍ୟ କଳା ଦ୍ୱାରା ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ଶିବିରରେ ଛାତ୍ରଛାତ୍ରୀ ଜରୁରୀକାଳୀନ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା ଏବଂ ଅନ୍ୟାନ୍ୟ ଜୀବନଦାୟୀ କ୍ଷେତ୍ରରେ ପ୍ରଶିକ୍ଷଣ ପାଇବେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ଶାନ୍ତି ସୁନା, ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପିରାମଲ ଫାଉଣ୍ଡେସନର ଇଶୁ ଭାତସ, ରାଜନୀଶ, ଶୁଭଶ୍ରୀ ପ୍ରଧାନ, ରିତୁ ମିଶ୍ର, ଦିପ୍ତିମୟୀ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ୍ବରୁ ମୂଲ୍ୟଯୁକ୍ତ ପଦାର୍ଥର ପ୍ରସ୍ତୁତି ତାଲିମ



**ବରଗଡ଼, ୨୩।୫(ସମିସ):** ବରଗଡ଼ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଏଥିରେ କୃଷି ବିଜ୍ଞାନ କେନ୍ଦ୍ରର ଗୃହ ବୈଜ୍ଞାନିକା ସୁଶ୍ରୀତା ସାହୁ ମହିଳାଙ୍କୁ ଆମ୍ବରୁ ବିଭିନ୍ନ ମୂଲ୍ୟଯୁକ୍ତ ପଦାର୍ଥ ଯଥା ଆଚାର, ଆମ୍ବସଢ଼ା, ଆମ୍ଚୁର୍ ପାଉଡର, ଆମ୍ବୁଲ, ସ୍କ୍ୱାସ୍ ଓ ଜାମ୍ ଆଦିର ପ୍ରସ୍ତୁତ ପ୍ରଣାଳୀ ବିଷୟରେ କହିଥିଲେ। ସେଗୁଡ଼ିକୁ ବର୍ଷସାରା ସଂରକ୍ଷଣ ସହ ବଜାରରେ ବିକ୍ରିକରି ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱରୋପ କରିଥିଲେ। କୃଷି ଯାନ୍ତ୍ରୀକ ବୈଜ୍ଞାନିକ ସଂଘମିତ୍ରା ବିଶ୍ୱାଳ ମୂଲ୍ୟ ଯୁକ୍ତ ପଦାର୍ଥର ପ୍ୟାକେଜିଂ, ଲେବଲିଂ, ବ୍ରାଣ୍ଡିଂ ସହିତ ବ୍ୟବସାୟିକ ଭିତ୍ତିରେ ପ୍ରକ୍ରିୟାକରଣ ଶିଳ୍ପାନୁଷ୍ଠାନ ପାଇଁ ଆବଶ୍ୟକ ହେଉଥିବା ଯନ୍ତ୍ରପାତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବହୁ ମହିଳା, ସୁପର୍ ଭାଇଜର ଅଧିକାରୀ ଯୋଗ ଦେଇଥିଲେ। ସେମାନେ ମୂଲ୍ୟଯୁକ୍ତ ପଦାର୍ଥର ପ୍ରସ୍ତୁତି, ସଂରକ୍ଷଣ ଓ ବଜାରିକରଣ ସମ୍ବନ୍ଧୀୟ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶେଷରେ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ଜିଲ୍ଲାର ପୂର୍ବତନ ମୁଖ୍ୟ ପ୍ରାଣୀ ବିଭାଗ ଅଧିକାରୀ ଡ.ଦିଲ୍ଲିପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପରୀକ୍ଷା ଫଳ ପାଇଁ ଧାରଣା

**ପଦ୍ମପୁର, ୨୩।୫(ସମିସ):** ଛାତ୍ରଛାତ୍ରୀ ପରୀକ୍ଷା ପରେ ଫଳାଫଳକୁ ନେଇ ଉଚ୍ଚଶିକ୍ଷା ପାଇଁ ଆବେଦନ କରିଥାନ୍ତି। କିନ୍ତୁ ପରୀକ୍ଷା ଫଳ ପ୍ରକାଶନରେ ପଦ୍ମପୁର ଉପଖଣ୍ଡର ୬ଟି ବିଦ୍ୟାଳୟ ବାଦ ପଡ଼ିଥିବାରୁ ଛାତ୍ରଛାତ୍ରୀ, ଅଭିଭାବକଙ୍କ ମନରେ ଘୋର ଅଶାନ୍ତି ଦେଖାଦେଇଛି। ଫଳାଫଳ ବାହାରିବା ମଧ୍ୟ ସନ୍ଦେହ ଘେରରେ ରହିଛି। କେନ୍ଦ୍ରୀୟ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ହେଉଥିବାରୁ ଜନ ପ୍ରତିନିଧି, ଜିଲ୍ଲା ପ୍ରଶାସନ କୌଣସି ଠୋସ ପଦକ୍ଷେପ ନେଇ



ପାରୁ ନାହାନ୍ତି। ଶୁକ୍ରବାର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ସମ୍ମୁଖରେ ଏକତ୍ରିତ ହୋଇ ଛାତ୍ର, ଅଭିଭାବକ ଧାରଣାରେ ବସିବା ସୂଚନା ରହିଛି। ପଦ୍ମପୁର ଉପଖଣ୍ଡ ଅଧିନସ୍ଥ ୪ଟି ଆଦର୍ଶ ବିଦ୍ୟାଳୟ ଓ ୨ଟି ଘରୋଇ ବିଦ୍ୟାଳୟର ପ୍ରାୟ ୧୧୮୫ଜଣ ଛାତ୍ରଛାତ୍ରୀ ଫଳାଫଳ ନ ପାଇ ମାନସିକ ଦୁଃସ୍ଥିତିରେ ଗତି କରୁଛନ୍ତି। ଶନିବାର ଠାରୁ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ହିତାଧିକାରୀଙ୍କ ଭତ୍ତା ବ୍ୟବସ୍ଥା କଲେ ବିଡିଓ

ପାଇକମାଳ, ୨୩।୫(ସମିସ):ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକରେ ଶୁକ୍ରବାର ବିଡିଓ ପ୍ରଫୁଲ୍ଲ ଓଦୁ ନିଜ କାର୍ଯ୍ୟାଳୟରେ ବସିଥିବା ବେଳେ ବାହାରେ କେତେ ଜଣଙ୍କର ପାଟି ଶୁଣିଥିଲେ। ହଠାତ ୧୫ ଜଣ ବୁଢ଼ାବୁଢ଼ୀ ଅଫିସ ଭିତରକୁ ପଶିଆସି ଦୁଇ ମାସ ହେଲା ଭତ୍ତା ଟଙ୍କା ମିଳି ନଥିବା କହିଥିଲେ। ବିଡିଓ ସମସ୍ତ ବୟସ୍କଙ୍କୁ ନମସ୍କାର କରି ସେମାନଙ୍କ ବସିବା, ଖାଇବା ପିଇବା ବ୍ୟବସ୍ଥା କରିବା ପରେ ସମସ୍ୟା ପଚାରି ବୁଝିଥିଲେ। ଦୁଇ ମାସର ଭତ୍ତା ଟଙ୍କା ପାଇ ନଥିବା ଜାଣି ବିଭାଗ ଦାୟିତ୍ୱରେ ଥିବା ଭବାନୀ ପଟେଲଙ୍କୁ ଡକାଇ ଥିଲେ। ଭବାନୀଙ୍କ ଠାରୁ ସବୁକଥା ଶୁଣି ଆସନ୍ତା ମାସ ସବୁ ଟଙ୍କା ବ୍ୟବସ୍ଥା କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଡିଓଙ୍କ ବ୍ୟବହାରରେ ସନ୍ତୁଷ୍ଟ ହୋଇ ସମସ୍ତ ବୁଢ଼ାବୁଢ଼ୀ ଶ୍ରୀ ଓଦୁଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।ଆସିଥିବା ଅଭିଯୋଗକାରୀଙ୍କ ମଧ୍ୟରେ ଝେଙ୍ଗନାଡିହି ଜିପି ଏବଂ ଛେଲିଆମାଳ ଜିପିର କିଆ ନାୟକ, ସୁମତି ବିଭାର, ଲେକରୁ ସୁନା, ବିରଞ୍ଚି ନାଗ, ଉର୍ମିଳା ପାଣ୍ଡେ, ତପସ୍ୱିନୀ ସାହୁ, ସୁମିତ୍ରା ବରିହା, ଯଶୋବନ୍ତି ବରିହା, ଯଜ୍ଞ ବରିହା, ତୃତୀୟା ବରିହା ଓ ଅନ୍ୟମାନେ ଉପସ୍ଥିତ ଥିଲେ।



‘ସକାଳ’ ପ୍ରଭାବ: ସୁରକ୍ଷା ପାଚେରି ନିର୍ମାଣ

## ଏକ୍ସ ପୋଷ୍ଟ ପରେ ତତ୍ପରତା ଦେଖାଇଲା ବିଦ୍ୟୁତ୍ ବିଭାଗ

**ବରଗଡ଼, ୨୩।୫(ସମିସ):**



ବରଗଡ଼ ଜିଲ୍ଲା ସଦର ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତ ବଗେଇବିରା ମୁଖ୍ୟ ରାସ୍ତାରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ପାଚେରୀ ନିର୍ମାଣ ହୋଇଛି। ପାଚେରୀ ନିର୍ମାଣ ପାଇଁ ଲୋକେ ବାରମ୍ବାର ଟାଟା ପାୱାର୍‌କୁ ଅଭିଯୋଗ କଲେ ମଧ୍ୟ କେହି ଶୁଣି ନଥିଲେ। କିଛି ମାସ ତଳେ ଦୈନିକ ଖବରକାଗଜ ସକାଳରେ ‘ବାରମ୍ବାର ଅଭିଯୋଗ ସତ୍ତ୍ୱେ ସୁରକ୍ଷା ବାଡ଼ ନୋହିଲା; ଲଟାବୁଦା ଘେରରେ ବଗେଇବିରା ବିଦ୍ୟୁତ୍ ଟ୍ରାନ୍ସଫର୍ମର’ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ତା’ସହ ବରଗଡ଼ ରେଲୱେ ଷ୍ଟେସନ ରାସ୍ତାରେ ମଧ୍ୟ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ରାସ୍ତାକଡ଼ ମୁକୁଳା ଟ୍ରାନ୍ସଫର୍ମର ଖବର ପ୍ରକାଶିତ ହୋଇଥିଲା। ଏହି ଖବରକୁ ନେଇ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅଧୀନସ୍ଥ କେଶରୀପାଲିର ଟୁଇଟର ବୟ ଭାବେ ପରିଚିତ ରମେଶ ମେହେର ମୁଖ୍ୟମନ୍ତ୍ରୀ, ବିଭାଗୀୟ ଅଧିକାରୀ, ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ସୁରକ୍ଷା ପାଚେରୀ ପାଇଁ ଅନୁରୋଧ କରିଥିଲେ। ଏହାପରେ ବିଦ୍ୟୁତ୍ ବିଭାଗ ତତ୍ପରତା ଦେଖାଇ ସୁରକ୍ଷା ପାଚେରୀ ନିର୍ମାଣ କରିଛି।

● ଯୁବକଙ୍କ ଅକାଳ ମୃତ୍ୟୁ

## ୬ ବର୍ଷର ଝିଅ ଦେଲା ମୁଖାଗ୍ନି



ବରଗଡ଼, ୨୩।୫(ସମିସ): ବରଗଡ଼ ଚଣ୍ଡୀପାଲିରେ ବସବାସ କରୁଥିବା ଦେଓଗାଁର ଜଣାଶୁଣା ପରୋପକାରୀ ଯୁବକ ଗଣେଶ୍ୱର ମିଶ୍ର (୩୮)ଙ୍କ ଜଣ୍ଡିସ କାରଣରୁ ମୃତ୍ୟୁ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଆଗନ୍ତିକା, ଝିଅ ସ୍ୱସ୍ତିକା, ବାପା ଦୀନବନ୍ଧୁ, ମାଆ ବାସନ୍ତୀ, ବଡ଼ ଭଉଣୀ ଲିନୁ, ଜାମାତା ଭକ୍ତ ଏବଂ ଜ୍ଞାତି କୁଟୁମ୍ବ ରହିଥିଲେ। ତାଙ୍କ ମୃତ୍ୟୁ ଖବରରେ ଆଖପାଖ ଅଞ୍ଚଳରୁ ଶହ ଶହ ଲୋକ ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ଦେଓଗାଁ ଜୀରା ନଦୀ କୂଳ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ୬ ବର୍ଷର କୁନି ଝିଅ ସ୍ୱସ୍ତିକା ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସର୍ଗିବାହାଲରେ ମଦ ବନ୍ଦ ଅଭିଯାନ

ପଦ୍ମପୁର, ୨୩।୫(ସମିସ): ପଦ୍ମପୁର ଉପଖଣ୍ଡ ସର୍ଗିବାହାଲ ଗାଁରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ବହୁଳ ଗାଁ ସର୍ଗିବାହାଲରେ ମଦର ପ୍ରଭାବ ଯୋଗୁଁ ଯୁବ ସମାଜ ପଥଭ୍ରଷ୍ଟ ହେଉଛନ୍ତି। ଅନେକ ମହିଳା ଅଳ୍ପ ବୟସରେ ବିଧବା ହୋଇସାରିଲେଣି। ଏହାକୁ ଦୃଷ୍ଟିରେ ରଖି ଗାଁର ସ୍ୱୟଂ ସହାୟକ ଗୋଷ୍ଠୀ, ୱାର୍ଡ ସଭ୍ୟ, ସମଗ୍ର ଗ୍ରାମବାସୀ ମିଳିତ ଭାବେ ବୈଠକ କରି ମଦ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ଅନୁଧ୍ୟାନ ପାଇଁ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ଭାଗବତୀ ରାଉତିଆ, ଅସ୍ମିତା ରାଉତିଆ, ରିତା ମେହେର, ଦମୟନ୍ତୀ ବରିହା, ବେଲ ବରିହା, ଗୋଲାପୀ ଘିବିଲା ସଦସ୍ୟ ରହିଛନ୍ତି। ମଦ ବିକ୍ରି ବନ୍ଦ ଅଭିଯାନକୁ ସଫଳ କରିବା ପାଇଁ ପୁଲିସ ପ୍ରଶାସନର ସହାୟତା ସହ ସମସ୍ତେ ସହଯୋଗ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## କବି ବୃନ୍ଦାବନ ସାହୁଙ୍କ ସ୍ମୃତିସଭା

ବରପାଲି, ୨୩।୫(ସମିସ): ବରପାଲି ବ୍ଲକ ବନ୍ଧପାଲି ଝାଁଏରେ କଲାପଟା ସାହିତ୍ୟ ସଂସଦ ଆନୁକୂଲ୍ୟରେ କବି ବୃନ୍ଦାବନ ସାହୁଙ୍କ ବିୟୋଗରେ ସ୍ମୃତିସଭା ହୋଇଯାଇଛି। ସଭାପତି ଭରତ ମେହେରଙ୍କ ତତ୍ତ୍ୱାବଧାନରେ ସଂସଦ ପରିସରରେ ଶୋକସଭା ଆୟୋଜିତ ହୋଇଥିଲା। ପ୍ରଥମେ ଅମରଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା ହୋଇଥିଲା। ସଭାରେ ସମ୍ପାଦକ ଭରତ ନାଏକଙ୍କ ସହିତ କୋଷାଧ୍ୟକ୍ଷ ଉମାକାନ୍ତ ସାହୁ, ମୋତିରାମ ମେହେର, ଭାଗୀରଥି ବିଭାର, ପ୍ରଦୀପ ରାଉତ, ଯୋଗେଶ ବର୍ଗାଏ, ରୋହିତ ସାହୁ, ବୈଦ୍ୟନାଥ ସାହୁ, ହରି ମେହେର, ବାଳକୃଷ୍ଣ ମେହେର, ଲଳିତ ମେହେର ଅନନ୍ତ ମହାପାତ୍ର, ଓମ୍ ପ୍ରକାଶ ମେହେର, ଅଶ୍ୱିନୀ ସେଠ୍, ସୁନିଲ୍ ସାହୁ ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ।

## ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ

ବରଗଡ଼, ୨୩।୫(ସମିସ): ଲାଦରପାଲି ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃପୁରୀରେ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ହୋଇଯାଇଛି। ବ୍ଲକ ଆବାହକ ଚାପଧାରୀ ସିଂହ ଓ ଲଳିତା ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂଯୋଜକ ଦେବରାଜ ବେହେରା, ଦେବାର୍ଚ୍ଚନ ସାହୁ, ସଭାପତି ଶେଷଦେବ ନାଏକ, ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଜୟନ୍ତୀ ସିଂହ, ଅରକ୍ଷିତ ମେହେର, ସଂଗ୍ରାମ କେଶରୀ ମିଶ୍ର, ସଭାପତି ମାତୃନିଳୟ କୃଷ୍ଣଚନ୍ଦ୍ର ପ୍ରଧାନ, ସତ୍ୟବାନ୍ ପ୍ରଧାନ, ଦିଲ୍ଲୀପରଣା, ରୀନା ପ୍ରଧାନ, ଶିବଶଙ୍କର ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ। ଅତାବିରା ବ୍ଲକରେ ଶ୍ରୀ ଅରବିନ୍ଦ ପାଠଚକ୍ରର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନର ଯୋଜନା ଗୁଡ଼ିକ ବିଷୟରେ ସରୋଜ ରଥ, ମହିଳା ପାଠଚକ୍ର ସଂଗଠନର ସଭ୍ୟ, ବିଭିନ୍ନ ପଞ୍ଚାୟତର ସଂଗଠକ ମାନେ ନିଜ ନିଜ ମତାମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର କୋଷାଧ୍ୟକ୍ଷ ଜୟ ପ୍ରକାଶ ଅଗ୍ରୱାଲ, ସଭ୍ୟ ଭରତ ଚୌହାନ ତଥା ଶିକ୍ଷାକେନ୍ଦ୍ରର ସମସ୍ତ ଭାଇ ଅପା ସହଯୋଗ କରିଥିଲେ। ଶେଷରେ ଅଧ୍ୟକ୍ଷ ବବ୍ରୁବାହାନ ମିଶ୍ର କୃତଜ୍ଞତା ଅର୍ପଣ କରିଥିଲେ।

## ଲାୟନ୍ସ କ୍ଲବ୍ ତରଫରୁ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ଭେଡେନ/ଥୁଆପାଲି, ୨୩।୫(ସମିସ): ଖରାଦିନରେ ପିଇବା ପାଣିର ଅସୁବିଧାକୁ ଦୃଷ୍ଟିରେ ରଖି ଲୋକଙ୍କ ପାଇଁ କାଦୋବାହାଲ/ଝରାପାଲି ଲାୟନ୍ସ କ୍ଲବ୍ ପକ୍ଷରୁ ଭେଡେନ ବ୍ଲକ ଡାଲବ ପଞ୍ଚାୟତ ଖୁଣ୍ଟୁଲିପାଲି ଛକରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଶୁକ୍ରବାର ଉଦ୍‌ଘାଟନ ହୋଇଛି। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଗଭର୍ଣ୍ଣର ଲାୟନ୍ସ ଚରଞ୍ଜିତ କୌର ହୋରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଲାୟନ୍ସ ଉମାଶଙ୍କର ଗୌଡ, ସରପଞ୍ଚ ରାଧେଶ୍ୟାମ ପୋଢ଼ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରକଳ୍ପକୁ ଶାନ୍ତି ନର୍ସିଂହୋମ୍‌ର ମୁଖ୍ୟ ଡ.ଅରୁଣ ଶର୍ମା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ସୁନିଲ ଅଗ୍ରୱାଲ, ସମ୍ପାଦକ ରଶ୍ମିରଞ୍ଜନ ପାଢ଼ୀ, ରଜନୀ ପାଣିଗ୍ରାହୀ, ଉଦୟ ପୁରୋହିତ, ସଞ୍ଜୀବ ମିଶ୍ର ସମେତ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଡ.ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ନିର୍ମାଣରେ ମନ୍ଥରତା, ଜନସାଧାରଣରେ କ୍ଷୋଭ

ପଦ୍ମପୁର, ୨୩।୫(ସମିସ): ପଦ୍ମପୁର ଉପଖଣ୍ଡର ବିକାଶ ପାଇଁ ରାସ୍ତା ନିର୍ମାଣର ଆବଶ୍ୟକତା ରହିଛି। କିନ୍ତୁ ସମ୍ପୃକ୍ତ ବିଭାଗ ଓ ଠିକାଦାରଙ୍କ ହେୟଜ୍ଞାନ ଫଳରେ ରାସ୍ତା ନିର୍ମାଣରେ ମନ୍ଥରତା ଦେଖାଯାଉଛି। ଚର୍ଦାପାଲିରୁ ଲୁହୁରାକୋଟ, ଜଗଦଲପୁର ଛକରୁ ଲଉଡ଼ିଦର୍ହା, ବୈତାଳିରୁ ଛତିଶଗଡ଼ ସୀମା ପର୍ଯ୍ୟନ୍ତ କେବଳ ମେଟାଲ ଉପରେ ଲୋକେ ଯାତାୟତ କରୁଛନ୍ତି। ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ହେଉଛି। ଗ୍ରାମବାସୀ ରାସ୍ତାରୋକ କଲା ପରେ ବୈତାଳି ଠାରୁ ତୁର୍ଲା ପର୍ଯ୍ୟନ୍ତ କାମ ହୋଇ ପୁଣି ବନ୍ଦ ରହିଛି। ରାସ୍ତା ଉପରେ ୩ ମାସରୁ ଅଧିକ ହେବ ମେଟାଲ କାମ କରି ଛାଡ଼ି ଦେବାରୁ ମେଟାଲ ସବୁ ଉଠିଯାଇ ଧୂଳି ଗୁଣ୍ଡ ଉଡ଼ୁଛି। ଅଞ୍ଚଳବାସୀ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ବାରମ୍ବାର ଠିକାଦାରକୁ ଅନୁରୋଧ କଲା ସତ୍ତ୍ୱେ ସେ ନୀରବ ରହୁଛନ୍ତି। ତେଣୁ ସମ୍ପୃକ୍ତ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।

## ମେଧାବୀ ଛାତ୍ରୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରୁ ବଞ୍ଚିତ

ମେଲଛାମୁଣ୍ଡା, ୨୩।୫(ସମିସ): ବରଗଡ଼ ଜିଲ୍ଲା ଘେଁସ ନିକଟସ୍ଥ ପେଟୁପାଲି ଗାଁର ମେଧାବୀ ଛାତ୍ରୀ ରାକ୍ଷୀ ରାଉତିଆଙ୍କୁ ଗ୍ରାମବାସୀ ଶୁକ୍ରବାର ସମ୍ବର୍ଦ୍ଧିତ କରିଛନ୍ତି। ବୁଧବାର ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି। ପରୀକ୍ଷାରେ ଗାଁର ବନ ରାଉତିଆଙ୍କ ଝିଅ ରାକ୍ଷୀ ରାଉତିଆ ୯୧% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଖବର ପରେ ଗାଁରେ ଖୁସିର ଲହରୀ ଖେଳିଯାଇଥିଲା। ସମିତି ସଭ୍ୟ କୁଞ୍ଜବିହାରୀ ପ୍ରଧାନଙ୍କ ଆଗ୍ରହରେ ଗ୍ରାମବାସୀ ରାକ୍ଷୀଙ୍କ ଘରେ ପହଞ୍ଚି ତାଙ୍କୁ ଫୁଲତୋଡ଼ା, ଉପଢୌକନ ଦେଇ ସମ୍ମାନିତ କରିଛନ୍ତି। ମେଧାବୀ ରାକ୍ଷୀ ମାଟ୍ରିକରେ ୯୨% ମାର୍କ ରଖିବା ପରେ ସମ୍ବଲପୁର ବେଦିକ କଲେଜର ବିଜ୍ଞାନ ବିଭାଗରେ ପଢୁଥିଲେ। ରାଜ୍ୟରେ ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଦିଆଯିବାର ବ୍ୟବସ୍ଥା ରହିଥିଲା। ଛାତ୍ରଛାତ୍ରୀ ପୁରସ୍କାରରେ ୫୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପାଇଥିଲେ। କିନ୍ତୁ ରାକ୍ଷୀ ଜଣେ ଅନୁସୂଚିତ ଜାତି ବର୍ଗର ହୋଇଥିବା ତଥା ୯୨% ମାର୍କ ରଖିବା ପରେ ମଧ୍ୟ ଶିକ୍ଷା ପୁରସ୍କାର ପାଇବାରୁ ବଞ୍ଚିତ ହୋଇଛନ୍ତି। ରାକ୍ଷୀ ଏହି ପୁରସ୍କାର ପାଇପାରିଲେ ତାଙ୍କର ଉଚ୍ଚଶିକ୍ଷା ପାଇଁ ସହାୟକ ହୁଅନ୍ତା। ଏବିଷୟରେ ଗ୍ରାମବାସୀ ଏବଂ ରାକ୍ଷୀ ଗଣମାଧ୍ୟମ ଜରିଆରେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଓ ଜିଲ୍ଲା ପ୍ରଶାସନର

## ଫାଦର୍‌ଙ୍କ ଘରୁ ସଶସ୍ତ୍ର ଡାକୟତି

# ‘ସରି’ କହି ମାଡ଼ ମାରିଲେ, ଲୁଟିଲେ ୨ ଲକ୍ଷ ୮୦ ହଜାର

**କୁଚିଣ୍ଡା, ୨୩।୫(ସମିସ)**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ ଚାରିଭାଟି ଗ୍ରାମରେ ରହୁଥିବା ଫାଦର୍ ସିଲଭିନ୍ କେ.ଏକ୍କାଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ୭ରୁ ୮ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ନଗଦ ୨ ଲକ୍ଷ ୮୦ ହଜାର ଟଙ୍କା ଲୁଟି ନେଇଛନ୍ତି। କୁଚିଣ୍ଡା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ କିଛି କୁକୁର ଜୋର୍‌ରେ ଭୋକିବାରୁ ଫାଦର୍ ସିଲଭିନ୍ ବାହାରକୁ ଆସିଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ତାଙ୍କ ହାତକୁ ପଛପଟୁ ଜାବୁଡ଼ି ଧରିବା ସହ ତାଙ୍କୁ ମାଡ଼ ମାରି ଘର ଭିତରକୁ ନେଇଯାଇଥିଲେ। ପରେ




ପରେ ୬ଜଣ ଦୁର୍ବୃତ୍ତ ତାଙ୍କ ଘର ଭିତରକୁ ପଶିଯାଇଥିଲେ। ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ତାଙ୍କୁ ଭୟଭୀତ କରିବା ସହ ପାଖରେ ଯାହା ଅଛି, ଦେଇଦେବାକୁ କହିଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ଅନ୍ୟ ଏକ କୋଠରିରେ ଶୋଇଥିବା ବଡ଼ ଫାଦର ଲିନସ ଜଜ (୯୦)ଙ୍କୁ ଠେଙ୍ଗା, ଲୁହ ଛଡ଼ରେ ପିଟିବା ସହ ଲହୁଲୁହାଣ କରି ଫାଦର୍‌ଙ୍କ ପାଖକୁ ଆଣିଥିଲେ। ସେହିପରି ଘର ଭିତରେ ଥିବା ରେକ୍ଷେୟା ମାର୍କି ଲୀନ ରେଇକା (୫୦)ଙ୍କୁ ମଧ ବାନ୍ଧି ପକାଇଥିଲେ। ପରେ ଅଭିଯୁକ୍ତମାନେ ସମସ୍ତଙ୍କୁ ବାନ୍ଧି ନିର୍ଦ୍ଧୁମ୍ ମାଡ଼ ମାରିବା ସହ ଖାନତଲାସି କରି ଘରେ ଥିବା ୨ଲକ୍ଷ ୮୦ ହଜାର ଟଙ୍କା ନେଇ ଫେରାର୍ ହୋଇଯାଇଥିଲେ। ଏପରିକି, ସେମାନେ ଫାଦର୍‌ଙ୍କୁ ମାଡ଼ ମାରିବା ଆଗରୁ ‘ସରି’ ସାର୍ କହି କଟାକ୍ଷ କରିଥିଲେ। ସେହିପରି, ଗଲା ବେଳେ ସେମାନେ ଘରେ ଥିବା ୪ଟି ମୋବାଇଲ୍କୁ ପାଣିକୁଣ୍ଡରେ ପକାଇ ଚାଲି ଯାଇଥିଲେ। କିଛି ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

ଫାଦରଙ୍କ କହିବାନୁସାରେ ଡକାୟତଙ୍କ ମଧ୍ୟରୁ ୭ରୁ ୮ଜଣ ମୁହଁ ଘୋଡ଼ାଇ ହୋଇଥିବା ବେଳେ ସେମାନଙ୍କର ମଧ୍ୟରୁ ୨ଜଣ ମହିଳାଙ୍କ ଡ୍ରେସ୍ ପରିଧାନ କରିଥିଲେ। ସମସ୍ତେ ଓଡ଼ିଆରେ କଥାବାର୍ତ୍ତା କରୁଥିଲେ। ଏ ନେଇ କୁଚିଣ୍ଡା ଥାନା ଅଧିକାରୀ ବାମଦେବ ଶଙ୍ଖୁଆଳଙ୍କୁ ପଚାରିବାରୁ ତୁରନ୍ତ ଡାକୟତଙ୍କୁ ଧରାଯିବାର ପ୍ରୟାସ ଚାଲିଛି ବୋଲି କହିଛନ୍ତି।

## ନାକଟିଦେଉଳରେ ପରିକ୍ରମା ଶୋଭାଯାତ୍ରା



**ନାକଟିଦେଉଳ, ୨୩।୫(ସମିସ):** ଭାରତ ସରକାରଙ୍କ ଅପରେସନ ‘ସିନ୍ଦୂର’ର ସଫଳତା ନେଇ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ନାକଟିଦେଉଳରେ ପରିକ୍ରମା ତଥା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହାଟପଦାରୁ ଶୋଭାଯାତ୍ରା ବାହାରି ନାକଟିଦେଉଳ ବ୍ଲକ ପ୍ରାଙ୍ଗଣରେ ଶେଷ ହୋଇଥିଲା। ଏହି ଅବସରରେ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ତରଫରୁ ଅବସରପ୍ରାପ୍ତ ୨ଜଣ ସୈନିକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶୋଭାଯାତ୍ରାରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ସିମାଞ୍ଚଳ ଖଟେଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, ନେତ୍ରାନନ୍ଦ ରାଉଳ, ନୀଳାମ୍ବର ସାହୁ, ମନୋଜ ସାହୁ ପ୍ରମୁଖ ସାମିଲ ହୋଇଥିଲା। ଏପଟେ ପରାକ୍ରମ ଭାରତର ଶୋଭାଯାତ୍ରା କରୁଥିବା ବେଳେ ବିଜେପି ନେତା ଦେବେନ୍ଦ୍ର ମହାପାତ୍ର ପାକିସ୍ତାନ ଜିନ୍ଦାବାଦ କହିଥିବା ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା।

## ରେଢ଼ାଖୋଲରେ ‘ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା

**ରେଢ଼ାଖୋଲ, ୨୩।୫(ସମିସ):** ଅପରେସନ ‘ସିନ୍ଦୂର’ର ସଫଳତା ତଥା ଭାରତର ସେନାବାହିନୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ରେଢ଼ାଖୋଲ ରେ ମଧ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ରେଢ଼ାଖୋଲ ଅଞ୍ଚଳର ୧୦ ଜଣ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଠାରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଖନ୍ଦାଡିପ, ବ୍ଲକ କଲୋନୀ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବ୍ୟାଙ୍କ ଛକ ଓ ଶେଷରେ ଭୀମଭୋଇ ଛକ ପର୍ଯ୍ୟନ୍ତ ଆସିଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟାଇ, ଏନ୍ଏସି ଅଧକ୍ଷ ଶିବରାମ ସାହୁ, ଉପାଧକ୍ଷା ଅନୁସୟା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ବୁରଡା ସରପଞ୍ଚ ରାଜା ପାଲ, ସମିତି ସଭ୍ୟ ସଞ୍ଜୟ ବେହେରା, ହିନ୍ଦୁ ଏକତା ମଞ୍ଚର ସଭାପତି



ପ୍ରତାପ ପ୍ରଧାନ, ବିଜେପି ନଗର ସଭାପତି ସୁଷମା ମୁଣ୍ଡା, ଭୀମଭୋଇ ମଣ୍ଡଳ ସଭାପତି ଶାନ୍ତାନୁ ବାରିକ, ଚାରମାଳ ମଣ୍ଡଳ ସଭାପତି ଧରଣୀଧର ସାହୁ, ବରିଷ୍ଠ ବିଜେପି ନେତା ବିରଞ୍ଚି ପ୍ରଧାନଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନର ସଭ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଯୋଗ ଦେଇଥିଲେ।

## ଗାଁ ଆଲୋକୀକରଣ ଯୋଜନା ବାଟବଣା

**ଜମନକିରା, ୨୩।୫(ସମିସ):** ଗାଁ ଗଣ୍ଡାର ଗଳିକନ୍ଦି, ଛକ, ବଜାରକୁ ଆଲୋକୀକରଣ କରିବାକୁ ସରକାର କୋଟି କୋଟି ଟଙ୍କା ବିନିଯୋଗ କରୁଛନ୍ତି। ହେଲେ ବାସ୍ତବରେ ଗାଁ ଗଣ୍ଡାରେ ଲାଗିଥିବା ଅଧିକାଂଶ ଷ୍ଟ୍ରିଟ ଲାଇଟ ଲାଗିଛି ସତ ହେଲେ ଆଉ ଜଳୁନି। ସରକାରଙ୍କର ଆଲୋକୀକରଣ ଯୋଜନା ବାଟବଣା ହୋଇପଡ଼ିଛି। ଯାହା ଫଳରେ ଗାଁ ଗଣ୍ଡା, ଛକ ବଜାର ଏବଂ ଗଳିକନ୍ଦିକୁ ସଞ୍ଜ ହେଲେ ଅନ୍ଧାର ମାଡ଼ିଆସୁଛି। ଅନ୍ଧାର ଯୋଗୁଁ ଗାଁ ଲୋକେ ନିରାପଦ ଯିବାଆସିବା କରିପାରୁ ନଥିବା ବେଳେ ଅନ୍ଧକାରର ସୁଯୋଗ ନେଇ ବିଭିନ୍ନ ଗାଁରେ ଏବେ ଚୋରି ଡକାୟତି ବଢ଼ିବଢ଼ି ଚାଲିଛି। ଏମିତି ଘଟଣା ଜମନକିରା ବ୍ଲକ ଅଧିନ ବିଭିନ୍ନ ପଞ୍ଚାୟତମାନଙ୍କରେ ଦେଖିବାକୁ ମିଳିଛି। ଏହି କ୍ରମରେ ୨୦୨୧-୨୨ରେ ବ୍ଲକ ଅଧିନ ଜମନକିରା ପଞ୍ଚାୟତରେ ଶହେରୁ ଉର୍ଦ୍ଧ୍ୱ ଷ୍ଟ୍ରିଟ ଲାଇଟ ଲାଗିଥିଲା। ମାତ୍ର ସେଥି ମଧ୍ୟରୁ ଏବେ ମାତ୍ର ୪୦ରୁ ୫୦ଟି ଷ୍ଟ୍ରିଟ ଲାଇଟ ଜଳୁଥିବା ବେଳେ ବାକି ଗୁଡିକ ଜଳୁନାହିଁ। କିନ୍ତୁ ଉକ୍ତ ସ୍ଥାନରେ ନୂଆ ଲାଇଟ ଲାଗୁନି କି ଏହାର ମରାମତି କରାଯାଉନି। ଯାହାଦ୍ୱାରା ଲୋକେ ରାତିରେ ନାନା ହଇରାଣ ହରକତ ହେଉଛନ୍ତି। ତାଛଡା ଗୋଟେ ଗୋଟେ ସ୍ଥାନରେ ଷ୍ଟ୍ରିଟ ଲାଇଟ ଗୁଡିକ ଦିନରାତି ଜଳୁଥିବା ମଧ ଦେଖିବାକୁ ମିଳୁଛି। ଏନେଇ ଜମନକିରା ସରପଞ୍ଚ ଯଜ୍ଞସିନୀ ନାଏକ କୁହନ୍ତି କି ଜମନକିରା ପଞ୍ଚାୟତରେ ଯେଉଁ ଷ୍ଟ୍ରିଟ ଲାଇଟ ସବୁ ଲାଗିଥିଲା ସମ୍ପୃକ୍ତ କମ୍ପାନୀ ତରଫରୁ ତାର ମରାମତି କରିବା ଅବଧି ଦୁଇବର୍ଷ ଥିଲା। ମାତ୍ର ଲାଇଟ ଲାଗିବାର ଅବଧି ଦୁଇ ବର୍ଷ ପୁରି ଯାଇଥିବାରୁ ତାହା ଆଉ ମରାମତି ହୋଇପାରୁନାହିଁ। କେତେକ ଲାଇଟ ଅବଧି ଥିଲେ ମଧ ଠିକା ସଂସ୍ଥା ଅଭିଯୋଗ ଶୁଣୁନାହିଁ। ଏହା ବ୍ୟତୀତ ପଞ୍ଚାୟତର ଫଣ୍ଡ ଅଭାବରୁ ଲାଇଟ ଗୁଡିକ ମରାମତି ହୋଇ ପାରୁନି କି ନୂଆ ଲାଇଟ ଲାଗିପାରୁନି। ଜମନକିରା ବ୍ଲକ ଛକ ବ୍ୟସ୍ତବହୁଳ ଛକ ଅଟେ। ଏହି ଛକରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଦୀର୍ଘ ମାସ ହେବ ଅଚଳ ହୋଇପଡ଼ିଛି। ଫଳରେ ସନ୍ଧ୍ୟା ହେଲେ ପୁରା ବ୍ଲକ ଛକ ଅନ୍ଧକାରମୟ ହୋଇପଡୁଛି। ସେହି ରାସ୍ତା ଦେଇ ବ୍ଲକ କାର୍ଯ୍ୟାଳୟ ଓ ଡାକ୍ତରଖାନାକୁ ରୋଗୀ ଯିବାରେ ଅସୁବିଧା ଭୋଗୁଛନ୍ତି।

## ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

**କୁଚିଣ୍ଡା, ୨୩।୫(ସମିସ):** ଗତ ଗୁରୁବାର ମଧ୍ୟରାତିରେ ମହୁଲପାଲି ଥାନା ଅଧିନସ୍ଥ ରାଜବନ୍ଧ ଗ୍ରାମର ରାଜୀବ କିସାନଙ୍କ ପତ୍ନୀ ଶକୁନ୍ତରା କିସାନ(୩୩) ବ୍ରେଷ୍ଟ କେନସର ହେତୁ ବିଭିନ୍ନ ଚିକିତ୍ସାଳୟ ଦୌଡ଼ି ଦୌଡ଼ି ବହୁ ଅର୍ଥ ଖର୍ଚ୍ଚାନ୍ତ ହେଉଥିବାରୁ ମନରେ ସର୍ବଦା ଚିନ୍ତିତ ଥାନ୍ତି, ଭଲ ହେବାକୁ ଏତେ ଟଙ୍କା ଆସିବ କେଉଁଠୁ ଭାବି ହେଉଥାନ୍ତି।ଗତ ସୋମବାର ଦିନ ବୁର୍ଲା ଡାକ୍ତରଖାନା ରୁ ଆସିବା ପରେ ବୁଧବାର ମଧ ରାତ୍ରିରେ ପରିବାର ସହିତ ଖାଇ ସାରିବା ପରେ ରାତିରେ ଶୋଇଥିଲେ। ଏତିକି ବେଳେ ସମସ୍ତେ ଶୋଇ ପଡ଼ିବା ପରେ ଘର ପଛ ପଟରେ ଥିବା କାଜୁ ଗଛ ରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। ସ୍ୱାମୀ ଭୋରରୁ ଉଠି ଗଛରେ ଦଉଡି ଦେଇ ପତ୍ନୀ ଆତ୍ମହତ୍ୟା କରିଥିବା ଦେଖି ସହି ପଡ଼ିସାଙ୍କୁ ଡାକି ଗଛରୁ ଓହ୍ଲାଇ କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିବା ସହ ମହୁଲପାଲି ପୁଲିସକୁ ଖବର ଦେଇଥିଲେ। ମହୁଲପାଲି ପୁଲିସ ପହଁଞ୍ଚିଠ ମହୁଲପାଲି ଥାନାରେ ୟୁଡି କେସ ନଂ୮/୨୫ରେ ମାମଲା ରୁଜୁ କରି କୁଚିଣ୍ଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ଆଦିଶକ୍ତି ପେଟ୍ରୋଲ ପମ୍ପ ଦ୍ୱାରା ସରବତ ବଣ୍ଟନ

**ଅମ୍ବାଭୋନା, ୨୩।୫(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ପ୍ରକାଶପୁରରେ ଆଦିଶକ୍ତି ପେଟ୍ରୋଲ ପମ୍ପ ଦ୍ୱାରା ସରବତ ବଣ୍ଟନ କରାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରେ ଜନସାଧାରଣ ଅତିଷ୍ଠ ହୋଇପଡୁଛନ୍ତି। ରବିବାର ଓ ବୁଧବାର ହାଟଦିନ ଥିବାରୁ ଅନେକ ଦୂର ଦୁରାନ୍ତରୁ ବାଇକ ଆରୋହୀ, ପଥଚାରୀ ଓ ବ୍ୟାପାରୀ ଆସିଥାନ୍ତି। ଦୀର୍ଘ ତିନି ବର୍ଷ ଧରି ପ୍ରତ୍ୟେକ ହାଟଦିନ ମାନଙ୍କରେ ଏହି ସେବା ଯୋଗାଉଥିବା ଯୋଗୁଁ ଇଣ୍ଡିଆନ ଅଏଲ୍ କମ୍ପାନୀ ତରଫରୁ ଆଦିଶକ୍ତି ପେଟ୍ରୋଲ ପମ୍ପକୁ ପୁରସ୍କୃତ ମଧ କରାଯାଇଛି। ପେଟ୍ରୋଲ ପମ୍ପ ମାଲିକ ପ୍ରେମ କିଶୋର ପଟେଲଙ୍କ ଏହି ନିଆରା ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

## ବକ୍ସମାରେ ନୂତନ ଲ୍ୟାମ୍ପ ଉଦ୍‌ଘାଟିତ

**କୁଚିଣ୍ଡା, ୨୩।୫(ସମିସ):** ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବକ୍ସମାରେ ଶୁକ୍ରବାର ଦିନ ନୂତନ ଲ୍ୟାମ୍ପ ଉଦ୍‌ଘାଟିତ ହୋଇଯାଇଛି। କୁଚିଣ୍ଡାର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ପ୍ରଦୀପ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନୂତନ ଲ୍ୟାମ୍ପ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ ଯେ, ବକ୍ସମାରେ ଏକ ନୂତନ ଲ୍ୟାମ୍ପ ଖୋଲିବା ପ୍ରସ୍ତାବକୁ ସରକାର ମଞ୍ଜୁର କରି ଆର୍ଥିକ ଅନୁଦାନ ଯୋଗାଇ ଦେବା



ପରେ ତତ୍କାଳୀନ କୁଚିଣ୍ଡା ବିଧାୟକ କିଶୋର ନାୟକ ଗତ ୩.୫.୨୦୨୩ ଦିନ ନୂତନ ଲ୍ୟାମ୍ପର କାର୍ଯ୍ୟାଳୟ ନିର୍ମାଣ ପାଇଁ ଭୂମିପୂଜା କରିବା ସହଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନୂତନ କାର୍ଯ୍ୟାଳୟ ନିର୍ମାଣ ସରିବା ପରେ ଶୁକ୍ରବାର ଏଆର୍‌ସିଏସ ପ୍ରଦୀପ ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନସେ ଉପସ୍ଥିତ ଚାଷୀଙ୍କୁ ସମବାୟ ସେବାକୁ ଲୋକଙ୍କ ନିକଟକୁ ପହଞ୍ଚାଇବାର ଉଦ୍ଦେଶ୍ୟରେ ସମବାୟ ସେବାରେ ବିକେନ୍ଦ୍ରୀକରଣ କରାଯାଉଛି। ଏହି କ୍ରମରେ ବକ୍ସମା ଲ୍ୟାମ୍ପର ଉଦଘାଟନ କରାଯାଉଛି ବୋଲି କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଏସଏଆର୍‌ସିଏସ ମଙ୍ଗଲରାମ ମୁର୍ମୁ, ସମବାୟ ନିରୀକ୍ଷକ ଶିବ ପ୍ରସାଦ ମହାରଣା ଏବଂ ସୌମିତ୍ର ବେହେରା, କୁଚିଣ୍ଡା ଲ୍ୟାମ୍ପ ସଭାପତି ନବୀନ ମାଝୀ, ଉପସଭାପତି ହୁମସିନୀ ଠାକୁର, ବକ୍ସମା ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶକ ତୁରଙ୍ଗଲାଲ ରାଉତ, କୁଚିଣ୍ଡା ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶକ ହିତେଶ ପାଣି, ଅନ୍ୟ କର୍ମଚାରୀମାନେ ଓ ବକ୍ସମା ଏବଂ ଚନ୍ଦନୀମାଳର ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ସଦ୍‌ଭାବନା ଦିବସ

**ବରଗଡ଼, ୨୩।୫(ସମିସ):** ବରଗଡ଼ ରାଜୀବ ଗାନ୍ଧୀ ଛକରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୫ ତମ ପୁଣ୍ୟତିଥି (ସଦଭାବନା ଦିବସ)ରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂହଙ୍କ ନେତୃତ୍ୱରେ ସଦ୍‌ଭାବନା



ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାହୋଇଥିଲା। କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଯୁଗଳ ପ୍ରସାଦ ସିଂହ, ଆଇନଜୀବୀ ସରୋଜ ଷଡ଼ଙ୍ଗୀ, ଅନନ୍ତ ଶୟନ ପାତ୍ରୀ, ନିପନ ଦାଶ, ବ୍ରହ୍ମାନନ୍ଦ ମହାକୁଡ଼, ପ୍ରତାପ ଚନ୍ଦ୍ର ନାୟକ, ମୋତିଲାଲ ଦାଶ, ପଞ୍ଚାନନ ମିଶ୍ର, କିଶୋର ସାହୁ, ଆନନ୍ଦ ପ୍ରଧାନ, ସୁଭେନ୍ଦୁ ସାହୁ, ପାଣ୍ଡବ କର୍ଣ୍ଣ, ଅଶୋକ ଦାଶ, ରମେଶ ଚନ୍ଦ୍ର ପଣ୍ଡା, ଅମିତ ଆଚାର୍ଯ୍ୟ, ଗୋବର ଆଜାଦ ପତି, କ୍ଷିରସିନ୍ଧୁ ଡାଙ୍ଗ, ସୁଶାନ୍ତ ସାହୁ, ବିମଳ ଶିକ୍କା, ନିଲିମା ଅଗ୍ରୱାଲ, ଭାବନା ଭେଶ୍ରାଙ୍କ ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କ ମାତୃ ବିୟୋଗ

**ପାଇକମାଳ, ୨୩।୫(ସମିସ):** ପାଇକମାଳ ବ୍ଲକ ଜାମସେଠ ଗାଁର ପୂର୍ବତନ ସରପଞ୍ଚ ତଥା ପାଇକମାଳ କରଣ ସମାଜର ଉପସଭାପତି ପ୍ରମୋଦ ରାଏଙ୍କ



ମା’ଙ୍କର ଗୁରୁବାର ପରଲୋକ ଘଟିଛି। ତାଙ୍କ ମା’ କେଶରୀରାଏ (୭୯) ଦୀର୍ଘ ଦିନ ହେଲା ଘରେ ଚିକିତ୍ସିତ ହେଉଥିଲେ। ସେ ପଛରେ ତାଙ୍କ ସ୍ୱାମୀ ଗଗନ ବିହାରୀରାଏ, ପୁଅ, ଝିଅ, ଜ୍ୱାଇଁ ନାତିନାତୁଣୀ ତଥା ପରିବାରବର୍ଗଙ୍କୁ ଛାଡ଼ି ଯାଇଛନ୍ତି। ତାଙ୍କ ବିୟୋଗରେ ସରୋଜ ପଟ୍ଟନାୟକ, ଘାସିରାଏ, ଯଶୋବନ୍ତ ପ୍ରଧାନ, ମନୋଜ ପ୍ରଧାନ, ଶତ୍ରୁଘ୍ନ ସାହୁ, ପ୍ରଭାତ ପଟ୍ଟନାୟକ, ବିଜୟାନନ୍ଦ ପଟ୍ଟନାୟକ, ହେମନ୍ତ ପ୍ରଧାନ, ପ୍ରଦୀପ୍ତ ସାହୁ, ଶ୍ରୀକାନ୍ତ ସାହୁ, ଅମୂଲ୍ୟ ପଟ୍ଟନାୟକ, ସାମ୍ବାଦିକ ଗିରୀଶ ମାଝୀ, ସାମ୍ବାଦିକ ନିରୋଜ ପାଣି ପ୍ରମୁଖ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଅନ୍ତିମ ସଂସ୍କାର ସମୟରେ ଆଖପାଖର ବହୁ ଲୋକ ଉପସ୍ଥିତ ଥିଲେ। ଏକମାତ୍ର ପୁଅ ପ୍ରମୋଦ ରାଏ ମୁଖାଗ୍ନି ଦେଇଥିଲେ।

## ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ

**ପାଇକମାଳ, ୨୩।୫(ସମିସ):** ପାଇକମାଳ ବ୍ଲକ ଅଧୀନ ଖୁର୍ଷାପାଲି ଗାଁର ଝାଟୁ ବରିହା ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଆଧାରକାର୍ଡ ଅନୁସାରେ ସେ ୭୦ ବର୍ଷରେ ପଦାର୍ପଣ କରିଛନ୍ତି। ଭତ୍ତା ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ। ବିଭା ଦେବା ପରେ ତାଙ୍କ ଝିଅଙ୍କର ଛାଡ଼ପତ୍ର ହେଇଥିଲା। ଫଳରେ ବାପ ଝିଅ ଏବେ ଏକତ୍ର ରହୁଛନ୍ତି। ଝିଅ ମଜୁରୀ କରି ଯେଉଁ ଦି ପଇସା ମିଳୁଛି ସେଥିରେ ଦୁହେଁ କଷ୍ଟେମଷ୍ଟେ ଚଳୁଛନ୍ତି। ତେଣୁ ଝାଟୁଙ୍କୁ ଯଥାଶୀଘ୍ର ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବାକୁ ମତ ପ୍ରକାଶ ପାଇଛି।



## ପୁଲିସଙ୍କୁ ବେଖାତିର: ସହରରେ ବଢୁଛି ଚୋରି

**ବରଗଡ଼, ୨୩।୫(ସମିସ):** ବରଗଡ଼ ସହରରେ ରାତିଅଧରେ ଚୋର ମାତିଛନ୍ତି। ଖୋଲା ରାସ୍ତାରେ ଚୋରି ସାମଗ୍ରୀ ଧରି



ଯାଉଥିବା ଦୃଶ୍ୟ ସିସିଟିଭିରେ କଏଦ ହେଉଛି। ଚୋରଙ୍କର ଟିକେ ବି ପୁଲିସକୁ ଡର ଭୟ ରହୁନି। ଅଭିଯୋଗର ୪ଦିନ ପରେ ମଧ ପୁଲିସର ହାତ ଖାଲି। ବରଗଡ଼ ରୁକ୍ମଣୀ ଟକିଜ ନିକଟରେ ସମୀର ଦଳାଇଙ୍କ ପାନ ଦୋକାନ ରହିଛି। ରାତି ଅଧିଆ କିଛି ଦୁର୍ବୃତ୍ତ ଦୋକାନରୁ ପ୍ରାୟ ୨୨ ହଜାର ଟଙ୍କାର ସାମଗ୍ରୀ ଚୋରି କରି ଫେରାର ହୋଇଛନ୍ତି। ଏନେଇ ସେ ଟାଉନ ଥାନାରେ ଏତଲା ଦେବାର ୪ ଦିନ ବିତିଯାଇଥିଲେ ମଧ ଚୋରଙ୍କ ଟେର ପୁଲିସ ପାଇନାହିଁ। ଅନ୍ୟପଟେ ଏହି ସ୍ଥାନରେ ବାରମ୍ବାର ଚୋରି ହେଉଥିବାରୁ ଅଞ୍ଚଳବାସୀ ପୁଲିସ ପେଟ୍ରୋଲିଂ ଦାବି କରିଛନ୍ତି।

## ଅଇଁଠାପାଲି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୋକସଭା

**ସମ୍ବଲପୁର, ୨୩।୫(ସମିସ):** ଅଇଁଠାପାଲିସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଭରତ ଚନ୍ଦ୍ର ଦାଶଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ.ସନ୍ତୋଷ କୁମାର ସାହୁଙ୍କ ଅଧକ୍ଷତାରେ ଡା. ଗୁଣସାଗର ଦାଶ, ଡା. କଲ୍ୟାଣ କୁମାର ଗୁପ୍ତା, କଳ୍ପା ପରମାର, ପ୍ରଭାସିନୀ ଦାଶ ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ପ୍ରଣତୀ ପୃଷ୍ଟେଠ ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ପ୍ରତି ଅଇଁଠାପାଲିଠାରେ ଜାତୀୟ ରାଜପଥରେ ଫ୍ଲାଏଓଭର ନିର୍ମାଣ ଚାଲିଥିବାରୁ ଏହି ଅଞ୍ଚଳ ଧୂଳିମୟ ହେବାସହିତ ବିପଦପୂର୍ଣ୍ଣ ହୋଇପଡ଼ିଛି। ରୋଗୀ ତଥା ଡାକ୍ତରଖାନା କର୍ମଚାରୀମାନେ ନିଜ ଜୀବନକୁ ବିପଦରେ ପକାଇ ଏହି ଡାକ୍ତରଖାନାକୁ ଆସୁଛନ୍ତି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ପ୍ରଥମେ ସର୍ଭିସ ରୋଡ୍‌କୁ ବ୍ୟବସ୍ଥିତ କଲାପରେ ଫ୍ଲାଏଓଭର କାର୍ଯ୍ୟ କରାଗଲେ ଭଲ ହୁଅନ୍ତା। ନଚେତ୍ ଡ. ଭରତ ଚନ୍ଦ୍ର ଦାଶଙ୍କ ଦୁର୍ଘଟଣା ଭଳି ଅନେକ ନିରୀହ ଜୀବନ ଅକାଳରେ ଚାଲିଯିବ ବୋଲି ଶୋକସଭାରେ ମତପ୍ରକାଶ ପାଇଥିଲା।

## ତବଲା ଉପବଜାର ପ୍ରାଙ୍ଗଣରେ ନୂତନ କୋଠା ଉଦ୍‌ଘାଟିତ



**ସମ୍ବଲପୁର, ୨୩।୫ (ସମିସ):** ସମ୍ବଲପୁର ଜିଲ୍ଲା ତବଲାଠାରେ ଉପବଜାର ପ୍ରାଙ୍ଗଣ ନବନିର୍ମିତ କୋଠାକୁ ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ଓ ନିୟନ୍ତ୍ରଣ ବଜାର କମିଟି (ଆର୍‌ଏମ୍‌ସି) ସମ୍ପାଦକ ସରୋଜ ମେହେର ତଥା ଅଞ୍ଚଳର ବହୁସଂଖ୍ୟାରେ ଚାଷୀମାନେ ଉପସ୍ଥିତ ଥିଲେ। ସଦର ଉପଜିଲ୍ଲାପାଳ ଫିତା କାଟି ଉଦ୍‌ଘାଟନ କରିବାସହ ତିନୋଟି ଫଳଚାରା ରୋପଣ କରିଥିଲେ। ଚାଷୀମାନେ ତବଲା ଉପବଜାର ପ୍ରାଙ୍ଗଣର ବାକିଥିବା ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ତବଲା କୃଷକ ସଙ୍ଗଠନ ସଭାପତି ସୁବ୍ରତ ପଧାନ, ଶାନ୍ତନୁ ପଧାନ, ଜିଲ୍ଲା ଉପସଭାପତି ବିପିନ ବିହାରୀ ଭୋଇ, ଜଗଦାନନ୍ଦ ନାୟକ, ସନତ ବାବୁ, ଦିଲ୍ଲୀପ ପଧାନ, ସୁଧାଂଶୁ ଶେଖର ପଧାନ, ପୱନ ଅଗ୍ରୱାଲ, ଶ୍ରୀକାନ୍ତ ପଧାନ ପ୍ରମୁଖଙ୍କ ସହ ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନର ସାଧାରଣ ସମ୍ପାଦକ ଦେବେନ୍ଦ୍ର ପଧାନ ଉପସ୍ଥିତ ଥିଲେ।

## କ୍ରୀଡ଼ାବିତ୍ ସନ୍ତୋଷଙ୍କୁ ‘ଓଡ଼ିଶା ଗୌରବ’ ସମ୍ମାନ

**ବରଗଡ଼, ୨୩।୫(ସମିସ):** ଭୁବନେଶ୍ୱରର ଜୟଦେବ ଭବନରେ ୱାର୍ଲ୍ଡ ଚାରିଟେବୁଲ ୱେଲ୍ ଫେୟାର ଦ୍ୱାରା ଆୟୋଜିତ ସମାରୋହରେ ଆନ୍ତର୍ଜାତୀୟ କ୍ରୀଡ଼ାବିତ୍ ଡ.ସନ୍ତୋଷ ପଧାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ‘ଓଡ଼ିଶା ଗୌରବ’ ଭାବେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ତଥା ଅନ୍ୟ ରାଜ୍ୟର



ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଶ୍ରୀ ପଧାନ ପୂର୍ବରୁ ଇଣ୍ଡିଆ ବୁକ ଅଫ୍ ରେକର୍ଡ, ରାଷ୍ଟ୍ର ପ୍ରେରଣା ଆୱାର୍ଡ, ବଙ୍ଗ ଗୌରବ ସମ୍ମାନ, ନେତାଜୀ ସୁଭାଷ ବୋଷ ଆଇକନ୍ ଆୱାର୍ଡ, ଇଣ୍ଟର୍‌ନାସନାଲ ଆଚିଭ୍‌ମେଣ୍ଟ ଆୱାର୍ଡ ଆଦି ସମ୍ମାନରେ ସମ୍ମାନିତ ହୋଇସାରିଛନ୍ତି। ଚଳିତ ମାସ ଦିଲ୍ଲୀର କନଷ୍ଟିଚୁଏସନ୍ କ୍ଲବ୍‌ରେ ଅନୁଷ୍ଠିତ ଲିଜେଣ୍ଡ ପିସ୍ କାଉନ୍ସିଲ୍ ଓ ଭାରତ ସରକାରଙ୍କ ଦ୍ୱାରା ଶ୍ରୀ ପଧାନଙ୍କୁ ଡକ୍ଟରେଟ ଉପାଧିରେ ସମ୍ମାନିତ କରାଯାଇଛି। ଏହାବ୍ୟତୀତ ଅନେକ ଆୱାର୍ଡରେ ସେ ସମ୍ମାନିତ ହୋଇଛନ୍ତି। ହେଲେ ଶ୍ରୀ ପଧାନଙ୍କୁ ଆଜି ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ସହଯୋଗ ମିଳି ନଥିବାରୁ ସେ କ୍ଷୋଭ ବ୍ୟକ୍ତ କରିଛନ୍ତି।

# ଭିମସାର୍‌ରେ ପିଜି ଛାତ୍ରଙ୍କୁ ବିଦାୟ ଓ ନୂତନଙ୍କୁ ସ୍ୱାଗତ

**ସମ୍ବଲପୁର, ୨୩।୫ (ସମିସ)**

ବୁର୍ଲା ଭିମସାରର ନୂତନ କଲାମ ପ୍ରେକ୍ଷାଳୟରେ ପିଜି ବ୍ୟାଚ୍ ୨୦୨୧-୨୪ (ଜେଡିଏ ୨୦୨୩)ର ସମାପନା ସମାରୋହ ଏବଂ ନୂତନ ଭାବରେ ଯୋଗ ଦେଇଥିବା ଇନ୍‌ଟର୍ଣ୍ଣଙ୍କ ସ୍ୱାଗତ ସମାରୋହ ‘ସ୍ମୃତି ସତଦଳ’ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦେଇ ଜଣେ ରୋଗୀ ମେଡିକାଲରେ ଭର୍ତ୍ତି ହେବାପରେ



ଡାକ୍ତରଙ୍କ ଉପରେ ଆଶା ବିଶ୍ୱାସ ରଖିଥାଏ ଏବଂ ଜଣେ ଚିକିତ୍ସକଙ୍କ ସେହି କ୍ଷେତ୍ରରେ ରହିଥିବା ଗୁରୁଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଭିମସାରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଭାବଗ୍ରାହୀ ରଥ, ଭାରପ୍ରାପ୍ତ ଭିମସାର ହସ୍ପିଟାଲ ଅଧିକ୍ଷକ ପ୍ରଫେସର ଅଶୋକ କୁମାର ନାୟକ, ଷ୍ଟୋର ମେଡିକାଲ ଅଫିସର ଡା. ଅଶୋକ ପାଣିଗ୍ରାହୀ ଏବଂ କନିଷ୍ଠ ଡାକ୍ତରୀ ସଂଘ ପରାମର୍ଶଦାତା ପ୍ରଫେସର ବେଣୁଧର ପାଣ୍ଡେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜେଡିଏ ସଭାପତି ଡା. ପୁନିତ ଛାବରିଆ, ସାଧାରଣ ସମ୍ପାଦକ ଡା. ଯଯାତି କେଶରୀ ପାଣିଗ୍ରାହୀ ଓ ଜେଡିଏ ପରାମର୍ଶଦାତା ଡା. ଅମ୍ଲାନ କେଶରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଜଣେ ପିଜି ଛାତ୍ର ରୋଗୀ ଚିକିତ୍ସା କ୍ଷେତ୍ରରେ ଆସୁଥିବା ଆହ୍ୱାନକୁ ସାମ୍ନା କରିଥାଏ ଏହା ଉପରେ ନିଜ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସଭାପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯାଇଥିଲା।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଭାବିଚିନ୍ତି ନିବେଶ କରନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୩୧- ପ୍ରଥମ ବାତାନୁକୂଳିତ ଟ୍ରେନ୍ ଆମେରିକାର ୱାଲଟ୍‌ମୋର୍ ଓ ଓହିଓ ମାର୍ଗରେ ଚଳାଗଲା।
- ୧୯୮୪- ମାଉଣ୍ଟ ଏଭରେଷ୍ଟ ଚଢ଼ିଥିବା ପ୍ରଥମ ଭାରତୀୟ ମହିଳା ହେଲେ ବଚେନ୍ଦ୍ରୀ ପାଲ୍।
- ୧୯୮୫- ବାଂଲାଦେଶରେ ତୋଫାନ କାରଣରୁ ଦଶ ହଜାର ଲୋକଙ୍କ ମୃତ୍ୟୁ।
- ୨୦୦୪- ଉତ୍ତର କୋରିଆ ମୋବାଇଲ୍ ଫୋନ୍ ଉପରେ ପ୍ରତିବନ୍ଧକ ଲଗାଇଲା।

# ରାଗ ଶାନ୍ତ କରିବାକୁ ଲୋକଙ୍କ ସହ ଧକ୍କା ହୁଅନ୍ତି



ରାସ୍ତାରେ ଯାତାୟାତ ସମୟରେ ପରସ୍ପର ସହ ଧକ୍କା ହୋଇଯିବା ସାଧାରଣ କଥା। ହେଲେ ଅନେକ ସମୟରେ କିଛି ଲୋକ ଅନ୍ୟମାନଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ଧକ୍କା ଦେଇଥାନ୍ତି। ଏମିତି ଏକ ଘଟଣା ଲଣ୍ଡନ ରାଜରାସ୍ତାରେ ଦେଖିବାକୁ ମିଳୁଛି। ଏଠାରେ ଜାପାନର ଏକ ଗ୍ୟାଙ୍ଗ ମଜା ନେବା ଉଦ୍ଦେଶ୍ୟରେ ସାଧାରଣ ଲୋକଙ୍କୁ ଧକ୍କା ଦେଇଥାନ୍ତି। ଏହି ଗ୍ୟାଙ୍ଗର ନାଁ ହେଉଛି 'ଦ ବମ୍ପିଂ ଗ୍ୟାଙ୍ଗ'। ଉକ୍ତ ଗ୍ୟାଙ୍ଗରେ କେବଳ ପୁରୁଷମାନେ ଥାଆନ୍ତି। ମହିଳା, ବୟସ୍କ ଏବଂ ଛୋଟ ପିଲାମାନଙ୍କୁ ଏମାନେ ଟାର୍ଗେଟ୍ କରିଥାନ୍ତି। କିଛି ରିପୋର୍ଟରେ କୁହାଯାଇଛି, ଏହି ଗ୍ୟାଙ୍ଗର ଆରମ୍ଭ ଜାପାନରୁ ହୋଇଥିଲା। ଗ୍ୟାଙ୍ଗ୍‌ରେ ଥିବା ପୁରୁଷମାନଙ୍କର ପାରିବାରିକ ସମ୍ପର୍କ ଛିନ୍ନ ହୋଇଛି। ତେଣୁ ସେମାନେ ଚିଡ଼ଚିଡ଼ା ସ୍ୱଭାବର ହୋଇଯାଇଛନ୍ତି। ନିଜର ଦୁଃଖକୁ ପରିପ୍ରକାଶ କରିବା ତଥା କ୍ରୋଧକୁ ଶାନ୍ତ କରିବାକୁ ଜାଣିଶୁଣି ସେମାନେ ଲୋକଙ୍କ ସହ ଧକ୍କା ହୁଅନ୍ତି। ଏଥିପାଇଁ ଏହି ଗ୍ୟାଙ୍ଗର ସଦସ୍ୟମାନେ ବଜାର, ରେଳ ଷ୍ଟେସନ, ସଡ଼କ ଭଳି ଭିଡ଼ ସ୍ଥାନକୁ ବାଛିଥାନ୍ତି। ଏହାଦ୍ୱାରା ଗହଳିର ସୁବିଧା ନେଇ ତାଙ୍କୁ ଖସି ଯିବାକୁ ସୁବିଧା ହୁଏ। ସେମାନେ ଲୋକଙ୍କୁ ଧକ୍କା ଦେବା ପରେ ତୁରନ୍ତ ସେହି ସ୍ଥାନ ଛାଡ଼ି ଚାଲିଯାନ୍ତି। ଏହି ଗ୍ୟାଙ୍ଗ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏବେ ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ଏହି ଗ୍ୟାଙ୍ଗକୁ ନେଇ ଅନେକ ଇନ୍‌ଫ୍ଲୁଏନ୍ସର ସାମାଜିକ ଗଣମାଧ୍ୟମରେ ପୋଷ୍ଟ ମଧ୍ୟ କରିଛନ୍ତି। ଆୟଲାମେଲେକ ନାମକ ଟିକ୍‌ଟକ୍‌ରଙ୍କୁ ଅଚାନକ ଜଣେ ଲମ୍ବା ଚଉଡ଼ା ବ୍ୟକ୍ତି ଜାଣିଶୁଣି ଧକ୍କା ମାରିଥିଲେ। ସେ ଚଟାଣରେ ପଡ଼ିଯାଇଥିଲେ ବୋଲି ସାମାଜିକ ଗଣମାଧ୍ୟମରେ ସେୟାର କରିଥିଲେ। ସେହିପରି ସେଲି ୱିଣ୍ଟର ନାମକ ଜଣେ ଇନ୍‌ଫ୍ଲୁଏନ୍ସରଙ୍କୁ ବମ୍ପିଂ ଗ୍ୟାଙ୍ଗର ଜଣେ ସଦସ୍ୟ ଟ୍ରେନ୍‌ର ଝରକା କାଚରେ ପିଟିଦେବାରୁ ସେ ମଧ୍ୟ ପୁଲିସରେ ଅଭିଯୋଗ କରିଥିଲେ। ତାଙ୍କୁ ପିଟିଥିବା ବ୍ୟକ୍ତି ଜଣକ ପୂର୍ବରୁ ମଧ୍ୟ ଜଣେ ପିଲାକୁ ଲାତ ମାରି ଗିରଫ ହୋଇଥିବା ଜଣାପଡ଼ିଥିଲା। ୨୦୨୦ ମସିହାରେ ଜାପାନ ପୁଲିସ ଡାଇସୁକେ ନାଗାଟା ନାମକ ଜଣେ ବ୍ୟକ୍ତିଙ୍କୁ ଧରିଥିଲେ। ଉକ୍ତ ବ୍ୟକ୍ତି ଜଣକ ବାରମ୍ବାର ମହିଳାଙ୍କୁ ଧକ୍କା ଦେଉଥିଲା। ନାଗାଟା ପୁଲିସ୍ ପାଖରେ କହିଥିଲା, ଥରେ ଟ୍ରେନ୍‌ରୁ ଓହ୍ଲାଇବା ସମୟରେ ତାଙ୍କ ହାତ ଜଣେ ମହିଳାଙ୍କ ଶରୀରରେ ବାଜିଯାଇଥିଲା। ଏମିତି କରି ତାଙ୍କୁ ଖୁସି ମିଳିବାରୁ ସେବେଠୁ ସେ ମହିଳାମାନଙ୍କୁ ଧକ୍କା ଦେବା ଆରମ୍ଭ କଲା।

# ଶାଢ଼ିରେ 'ଅପରେସନ୍ ସିନ୍ଦୂର'

ଅପ୍ରେଲ ୨୨ ତାରିଖରେ ଜମ୍ମୁକାଶ୍ମୀରର ପହଲଗାମରେ ଆତଙ୍କବାଦୀ ରଚିଥିଲେ ବର୍ବରକାଣ୍ଡ। ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଭାରତ ପକ୍ଷରୁ ଆରମ୍ଭ କରାଯାଇଥିଲା ଅପରେସନ ସିନ୍ଦୂର। ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ସେନା ଅପରେସନ୍ ସିନ୍ଦୂର ଜରିଆରେ ପ୍ରତିଶୋଧ ନେଇଥିଲା। ଏବେ ବାରଣାସୀର ବୁଣାକାରମାନେ 'ଅପରେସନ୍ ସିନ୍ଦୂର' ଥିମ୍‌ର ଏକ ଶାଢ଼ି ପ୍ରସ୍ତୁତ କରିଛନ୍ତି। ଭାରତୀୟ ସେନାର ଶୌର୍ଯ୍ୟ ଓ ବୀରତାକୁ ସମ୍ମାନ ଜଣାଇ ସେମାନେ ଏହାକୁ ପ୍ରସ୍ତୁତ କରିଛନ୍ତି। ନୀଳ ରଙ୍ଗର ଏହି ବନାରସୀ ଶାଢ଼ିରେ ଏସ୍-୪୦୦ ଡିଫେନ୍ସ ସିଷ୍ଟମ, ବ୍ରହ୍ମୋସ୍ ମିସାଇଲ, ଯୁଦ୍ଧପୋତ ଆଦି ପ୍ରଦର୍ଶନ କରାଯାଇଛି। ଏଭଳି ଏକ ଶାଢ଼ି ପ୍ରସ୍ତୁତି ପାଇଁ ପରିକଳ୍ପନା କରିଥିବା ବ୍ୟବସାୟୀ ତଥା ବୁଣାକାର ବିକାଶଙ୍କ କହିବା କଥା, 'ଏହି ଶାଢ଼ି 'ଅପରେସନ୍ ସିନ୍ଦୂର'ରୁ ପ୍ରେରିତ ହୋଇ ନିର୍ମାଣ କରାଯାଇଛି। ପୂରା ଦେଶ ଭାରତୀୟ ଯବାନଙ୍କ ସହ ଅଛି ବୋଲି ଆମେ ଏହା ମାଧ୍ୟମରେ ବାର୍ତ୍ତା ଦେବାକୁ ଚାହୁଁଛୁ।' ତେବେ ଏହି ଶାଢ଼ିକୁ ପ୍ରସ୍ତୁତ କରିବା ପାଇଁ ବିକାଶଙ୍କୁ ଦଶଦିନ ସମୟ ଲାଗିଥିଲା। ସେ ଏହି ଶାଢ଼ିକୁ କର୍ଣ୍ଣେଲ ସୋଫିଆ କୁ୍ୟରେସି ଓ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହଙ୍କୁ ଉପହାରରେ ଦେବାକୁ ଇଚ୍ଛା କରିଛନ୍ତି। ଏଯାବତ୍ ସେ ଏଭଳି ୧୦-୧୫ଟି ଶାଢ଼ି ପ୍ରସ୍ତୁତ କରିଛନ୍ତି। ଚାହିଦା ବଢ଼ିଲେ ଏଭଳି ଆହୁରି ଅଧିକ ଶାଢ଼ି ସେ ପ୍ରସ୍ତୁତ କରିବେ ବୋଲି କହିଛନ୍ତି। ବିକାଶଙ୍କ ଏହି ଶାଢ଼ି ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।



# ଏକତାଙ୍କ ଫିଲ୍ମକୁ ଶ୍ରଦ୍ଧାଙ୍କ ନା





୨୦୧୩ରେ ଆସିଥିବା ଫିଲ୍ମ 'ଆଶିକୀ-୨'ରୁ ରାତାରାତି ଷ୍ଟାର୍ ପାଲଟି ଯାଇଥିବା ଅଭିନେତ୍ରୀ ଶ୍ରଦ୍ଧା କପୁର ଏବେ ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଜଣାଯାଉଛନ୍ତି। ଶେଷଥର ପାଇଁ ସେ 'ସ୍ତ୍ରୀ-୨' ଫିଲ୍ମରେ ନଜର ଆସିଥିଲେ। ଫିଲ୍ମରେ ଶ୍ରଦ୍ଧାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ତେବେ ଏହି ଫିଲ୍ମର ସଫଳତା ପରେ ଶ୍ରଦ୍ଧା ତାଙ୍କ ପାରିଶ୍ରମିକ ବଢ଼ାଇ ଦେଇଥିବା ଚର୍ଚ୍ଚା ହେଉଛି। ଏହାସହ ଭଲ କାହାଣୀ ଦେଖି ସେ ଫିଲ୍ମ ସାଇନ୍ କରୁଥିବା କୁହାଯାଉଛି। ଇତିମଧ୍ୟରେ ଏକତା କପୁରଙ୍କ ଏକ ବଡ଼ ବଜେଟ୍‌ର ଫିଲ୍ମକୁ ଶ୍ରଦ୍ଧା ପ୍ରତ୍ୟାଖ୍ୟାନ କରିଥିବା ଚର୍ଚ୍ଚା ହେଉଛି। ଅନେକ ରିପୋର୍ଟରେ ପ୍ରକାଶ ପାଇଛି ଯେ, 'ଶ୍ରଦ୍ଧା ଏହି ଫିଲ୍ମ ପାଇଁ ୧୭ କୋଟି ଟଙ୍କା ପାରିଶ୍ରମିକ ଦାବି କରୁଥିଲେ। ଅପରପକ୍ଷରେ ଏକତା ଫିମେଲ୍ ଲିଡ୍ ପାଇଁ ଏତେ ପାରିଶ୍ରମିକ ଦେବା ପାଇଁ ଇଚ୍ଛା କରୁନାହାନ୍ତି। ଏହା ଫିଲ୍ମର ବଜେଟ୍ ଉପରେ ପ୍ରଭାବ ପକାଇବ ବୋଲି ସେ ଭାବୁଛନ୍ତି। ଶ୍ରଦ୍ଧା, ଏକତାଙ୍କ କଥାରେ ସହମତ ନ ହୋଇ ଫିଲ୍ମରୁ ଓହରି ଯାଇଥିବା ଜଣାପଡ଼ିଛି। ତେବେ ସେ ଏହି ଫିଲ୍ମ ଛାଡ଼ିବା ପରେ ପ୍ରଡକ୍ସନ୍ ହାଉସ୍ ପକ୍ଷରୁ ନୂଆ ନାୟିକା ଖୋଜା ଚାଲିଛି। ଶ୍ରଦ୍ଧା ଏବେ ନୂଆ ଫିଲ୍ମ ପାଇଁ ଦିନେଶ ବିଜାନ, ବୋନି କପୁର, ଭୂଷଣ କୁମାରଙ୍କ ସହ କଥାବାର୍ତ୍ତା ଚଳାଇଛନ୍ତି। ଆସନ୍ତା ଦୁଇ ମାସ ବିଷୟରେ ସେ ତାଙ୍କ ନୂଆ ଫିଲ୍ମ ସମ୍ପର୍କରେ ସୂଚନା ଦେବେ ବୋଲି ଆଶା କରାଯାଉଛି।

# ସୁମନ

## ସକାଳ ଶିଶୁ କୁଇଜ୍-୧୬୫

(୧) ହାତୀପଥର ଜଳପ୍ରପାତ ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ?

ଉତ୍ତର : ______

(୨) ଚାରମିନାର କେଉଁଠାରେ ଅଛି?

ଉତ୍ତର : ______

(୩) ଜର୍ମାନୀର ମୁଦ୍ରାକୁ କ'ଣ କୁହାଯାଏ?

ଉତ୍ତର : ______

(୪) 'ଜୟ ଯବାନ, ଜୟ କିଷାନ, ଜୟ ବିଜ୍ଞାନ' ନାରା କିଏ ଦେଇଥିଲେ?

ଉତ୍ତର : ______

(୫) ମଣିଷ ଶରୀରର କେଉଁ ଅଙ୍ଗ ରକ୍ତକୁ ଶୁଦ୍ଧ କରିଥାଏ?

ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**
- ଓମ୍ ପ୍ରକାଶ ରଣା, ଚକେଇସିଆଣି, ଭୁବନେଶ୍ୱର
- ପ୍ରିୟଙ୍କା ପ୍ରିୟଦର୍ଶିନୀ ବାରିକ, ଚାନ୍ଦବାଲି, ଭଦ୍ରକ
- ପ୍ରେମରାଜ ସାହୁ, ବେହେରା, ବରଗଡ଼

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## କାଳବୈଶାଖୀ



ଆଚାର୍ଯ୍ୟ କ୍ଷିତୀଶ ଜେନା

କାଳବୈଶାଖୀରେ କାଳବୈଶାଖୀ
ବୈଶାଖରେ ଦେଖା ଦେଉରେ ଆସି
ଖରା କମିଗଲେ ଉପର ବେଳା
ମାଡ଼ି ଆସୁ ତିଳେ ନ କରୁ ହେଳା
ସଙ୍ଗେ ଭଲ ପାଗ ସଙ୍ଗେ ଅନ୍ଧାର
ପତର ଧୂଳିରେ ଦିଶେ ଧୂସର
ଆଖି ନାକ କାନେ ଯାଏରେ ପଶି
ଯାଇ ହୁଏ ନାହିଁ ଆଗକୁ ଧସି
ଯିଏ ଯେଉଁ ସ୍ଥାନେ ଥାଏରେ ଭାଇ
ଭଲ ସ୍ଥାନ ଦେଖି ସେ ଯାଏ ରହି
ଟିଣ ଓ ଛପର ଯାଏତ ଉଡ଼ି
ଗଛ ଭାଙ୍ଗି ବାଟେ ଯାଏରେ ପଡ଼ି
କାୟା ଦେଖି ହୁଏ ବିଜୁଳି କାଟ
ଉପୁଡ଼ିବି ଯାଏ ବିଜୁଳି ଖୁଣ୍ଟ
ଫିରିଫିରା କେବେ ପ୍ରବଳ ଢାଳେ
ବୃକ୍ଷଲତାଙ୍କୁରେ ଆଶ୍ୱସ୍ତି ମିଳେ
ଆମ୍ବ, କାଜୁ ଯାଏ ଗଛରୁ ଝଡ଼ି
ଫସଲ କିଛିଟା ଯାଏ ଉଜୁଡ଼ି
ଭାଙ୍ଗଇ ସଜନା ଝଡ଼ାଏ ଭଣ୍ଡା
ଦାରୁଣ ହେଲେବି କରାଏ ଥଣ୍ଡା ।■



କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମୋ-୭୦୦୮୬୩୪୮୦୦

## ଏକତାର ବଳ



ରାମଚନ୍ଦ୍ର ବେହେରା


ଗାଆଁରୁ ଅଳ୍ପ ଦୂରରେ ବିଲ ମଝିରେ ରହୁଥିଲେ ବସନ୍ତର ପରିବାର। ଗାଈ, ବଳଦ, କୁକୁର, ବିଲେଇ ଓ କିଛି କୁକୁଡ଼ା ଥିଲେ ତା' ପରିବାରର ଅଂଶ। ବିଲଗୁଡ଼ିକ ତାର ଆଖପାଖରେ ଥିବାରୁ, ବର୍ଷ ସାରା ଭଲ ଫସଲ ଅମଳ କରେ ବସନ୍ତ। ଚାଷ କାମରୁ ଯାହା ମିଳେ, ସେଥିରେ ଖୁସିରେ ଦିନ କାଟନ୍ତି ତାର ପୁରା ପରିବାର। ତାର ପୋଷା ଜୀବଗୁଡ଼ିକ ମଧ୍ୟ ଗୋଟିଏ ଜାଗାରେ ବହୁତ ଦିନରୁ ଏକାଠି ରହୁଥିବାରୁ ସେମାନଙ୍କ ମଧ୍ୟରେ ଖୁବ୍ ତାଳମେଳ ଦେଖିବାକୁ ମିଳେ। ବଳଦ ଚାଷ କାମରେ ସାହାଯ୍ୟ କରେ, ଗାଈ କ୍ଷୀର ଦିଏ, କୁକୁଡ଼ା ଅଣ୍ଡା ଦିଅନ୍ତି, କୁକୁର ଓ ବିଲେଇ ପରିବାରର ସୁରକ୍ଷା ପାଇଁ ନିଘା ରଖନ୍ତି। ସମସ୍ତଙ୍କ ସହଯୋଗରେ ଦିନ ପରେ ଦିନ, ମାସ ପରେ ମାସ ବିତିଯାଏ ଜଣା ପଡ଼େନାହିଁ। ବୈଶାଖ ମାସ ହୋଇଥିବାରୁ, ଖରା ନଇଁଲା ପରେ କ୍ଷେତରେ ପାଣି ମଡ଼ାଉଥାଏ ବସନ୍ତ। ଗୋଟିଏ ମାଆ କୁକୁଡ଼ା ଆଠ-ଦଶଟି ଛୁଆଙ୍କୁ ନେଇ ଶାଗପଟାଳି ପାଖରେ ସେମାନଙ୍କୁ ଆହାର ଖୋଜିବାର କୌଶଳ ଶିଖାଉଥାଏ। କୁକୁର ଓ ବିଲେଇ ଘର ପାଖ ଆମ୍ବଗଛ ଛାଇରେ ଅଳସ ମାରୁଥାନ୍ତି। ଏହିସମୟରେ ଗୋଟିଏ ବଣୁଆ ନେଉଳ କୁକୁଡ଼ା ଛୁଆଙ୍କୁ ଖାଇବା ଆଶାରେ ଛୁପିଛୁପି ଆସି ଶାଗ ପଟାଳି ପାଖରେ ପହଞ୍ଚିଗଲା। ମାଆ କୁକୁଡ଼ା ନେଉଳର ଗତିବିଧିକୁ ଲକ୍ଷ୍ୟକରି ଛୁଆମାନଙ୍କୁ ସୁରକ୍ଷା ଘେରରେ ରଖିଥାଏ। ହଠାତ୍ ନେଉଳଟି ଗୋଟିଏ କୁକୁଡ଼ା ଛୁଆକୁ ଖାଇବା ପାଇଁ ଧାଇଁ ଆସିଲା ଓ ଛୁଆଟିକୁ ମୁହଁରେ କାମୁଡ଼ି ଧରିବାକୁ ଚେଷ୍ଟା କଲା। ଏହାଦେଖି ମାଆ କୁକୁଡ଼ାଟି ଆଖି ପିଛୁଳାକେ ନେଉଳ ଉପରକୁ କୁଦି ପଡ଼ିଲା ଓ ତା'ର ଚିତ୍କାର ଶୁଣି, ଗଛତଳେ ଶୋଇଥିବା କୁକୁର ଓ ବିଲେଇ ନେଉଳକୁ ପ୍ରତି ଆକ୍ରମଣ କରିବା ଆରମ୍ଭ କରିଦେଲେ। ପଶୁପକ୍ଷୀଙ୍କ ମିଳିତ ଆକ୍ରମଣରେ, ନେଉଳଟି ପ୍ରାଣ ବିକଳରେ ସେ ସ୍ଥାନ ଛାଡ଼ି ପଳାଇଗଲା। ପଶୁପକ୍ଷୀଙ୍କ ଚିତ୍କାର ଶୁଣି ବସନ୍ତର ସ୍ତ୍ରୀ ଘର ଭିତରୁ ଦୌଡ଼ି ଆସିଲା ଏବଂ ଦେଖିଲା ଗୋଟିଏ କୁକୁଡ଼ା ଛୁଆ ନେଉଳର ଆକ୍ରମଣରେ ଖଣ୍ଡିଆ ଖାବରା ହୋଇଛି। ପରିବାରର ଲୋକେ ତା'ର ଯତ୍ନ ନେବାରୁ, କୁକୁଡ଼ା ଛୁଆଟି କିଛି ଦିନରେ ସଂପୂର୍ଣ୍ଣ ସୁସ୍ଥ ହୋଇଗଲା। ପଶୁପକ୍ଷୀଙ୍କ ଏକତା ବଳରେ କୁକୁଡ଼ା ଛୁଆଟିର ଜୀବନ ବଞ୍ଚିଲା ଓ ବଣୁଆ ନେଉଳ ନିଜର ହାର୍ ମାନି ବସନ୍ତର ପୋଷା ପଶୁପକ୍ଷୀଙ୍କ ଠାରୁ ନିଜକୁ ଦୂରେଇ ରଖିଲା। ସ୍ତ୍ରୀ ପାଖରୁ ସମସ୍ତ କଥା ଶୁଣିଲା ପରେ, ବସନ୍ତ ଖୁବ୍ ଖୁସି ହୋଇ ନିଜର ପିଲାମାନଙ୍କୁ କହିଲା, ପଶୁପକ୍ଷୀଙ୍କ ଏକତା ସାମ୍ନାରେ ଚତୁର ନେଉଳ ହାର୍ ମାନିଲା। ତେଣୁ ସଦାବେଳେ ଏହା ମନେ ରଖିବା ଉଚିତ, ଏକତା ହିଁ ବଳ। ଏକତା ଅସମ୍ଭବକୁ ସମ୍ଭବରେ ପରିଣତ କରିବା ସହ ପରିବାରକୁ ସୁରକ୍ଷା ବଳୟରେ ରଖିବା ପାଇଁ ସମସ୍ତ ସଦସ୍ୟଙ୍କୁ ପ୍ରେରଣା ଦେଇଥାଏ।■





ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ତୁମ୍ଭ ଅଙ୍କନ ତୁମ୍ଭ ପୃଷ୍ଠା






**ଆରାଧ୍ୟା ପୁଷ୍ପାଳକ**
ଷଷ୍ଠ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ






**ଶୁଭଲକ୍ଷ୍ମୀ ସାହୁ**
ଦ୍ୱିତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ମନ୍ଦିର
ବାଲିପାଟଣା, ଖୋର୍ଦ୍ଧା





**ପି ମାହିକା ସାହୁ**
ୟୁକେଜି
ବ୍ରାଇଟ୍ ଆଞ୍ଜେଲ ପାରାଡାଇଜ୍ ସ୍କୁଲ
ଚକେଇସିଆଣୀ, ଭୁବନେଶ୍ୱର






**ଅନ୍ୱିତା ପାଢ଼ୀ**
ଷଷ୍ଠ ଶ୍ରେଣୀ
ଲୋୟଲା ସ୍କୁଲ
ଜୟଦେବ ବିହାର
ଭୁବନେଶ୍ୱର

## ପ୍ରହେଳିକା

- ସ୍ୱାମୀଙ୍କୁ ଏମିତି ଭକ୍ତି କରନ୍ତି
ପତିବ୍ରତା ବୋଲି ସବୁ ଜାଣନ୍ତି
ଯମ ହାରିଗଲେ ତାଙ୍କ ଭକ୍ତିରେ
ଜୀବଦାନ ଦେଲେ ମୃତ ଶରୀରେ
ବଞ୍ଚାଇ ରଖିଲେ ସ୍ୱାମୀଙ୍କୁ ସିଏ
ନାମଟି ତାଙ୍କର କହିବ କିଏ ?
ଉ-ସାବିତ୍ରୀ

- ସଧବା ନାରୀଙ୍କ ବ୍ରତଟି ତାହା
ସ୍ୱାମୀ ପାଇଁ ସିଏ ପାଳନ୍ତି ଯାହା
ବଢ଼ାଇବା ପାଇଁ ସ୍ୱାମୀ ଆୟୁଷ
କରୁଥାନ୍ତି ପରା ସେ ଉପବାସ
ଏମିତି ବ୍ରତଟି ଅଟଇ ସିଏ
ନାମଟି ତାହାର କହିବ କିଏ ?
ଉ-ସାବିତ୍ରୀ ବ୍ରତ


- ଯାହାଙ୍କ ହାତରେ ଆମ ଜୀବନ
ନେଇ ଯାଆନ୍ତି ସେ ହୋଇଲେ ମନ
ଏମିତି ଦେବତା ଅଟନ୍ତି ସିଏ
ମୃତ୍ୟୁ ଦଉଡ଼ିକୁ ଧରନ୍ତି ଯିଏ
ସାଥେ ଯିବା ପାଇଁ ସବୁ ଡରନ୍ତି
ଯେବେ ଇଚ୍ଛା ସେବେ ଟାଣି ନିଅନ୍ତି ?
ଉ-ଯମରାଜ



- ଚାରୋଟି ଅକ୍ଷରେ ନାମ ତାଙ୍କର
ସେ ପରା ଅଟନ୍ତି ସାବିତ୍ରୀଙ୍କ ବର
ପ୍ରଥମ ଦୁଇଟି ଯଦି ମିଶିବ
ସତ ବୋଲି ତାହା ବୁଝାଉଥିବ
ପ୍ରଥମ ତୃତୀୟ ମିଶିଲା ପରେ
ବୁଝାଉ ଥାଏ ମୁଁ ସବୁ ଅର୍ଥରେ
ତୃତୀୟ ପ୍ରଥମ ମିଶିଲା ପରେ
ରହିବା ଅର୍ଥଟି ସେଠୁ ବାହାରେ
ତୃତୀୟ ପ୍ରଥମ ଚତୁର୍ଥ ମିଶିଲା ପରେ
ରହୁଥାଏ ତାହା ରୋଷେଇ ଘରେ
କିଏ ସେ କହିବ ନାମ ତାଙ୍କର
ଇତିହାସ କୁହେ ତାଙ୍କ ଖବର ?
ଉ-ସତ୍ୟବାନ

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫

# ବେଙ୍ଗାଲୁରୁକୁ ହରାଇଲା ହାଇଦରାବାଦ୍




ଲକ୍ଷ୍ନୌ, ୨୩।୫ (ଏଜେନ୍ସି)

ଚଳିତ ଆଇପିଏଲ୍‌ର ୬୫ତମ ମୁକାବିଲାରେ ଶୁକ୍ରବାର ସନ୍‌ରାଇଜର୍ସ ହାଇଦରାବାଦ୍ ୪୨ ରନରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ସ୍ଥାନୀୟ ଏକନା କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ସନରାଇଜର୍ସ ହାଇଦରାବାଦ୍ ପକ୍ଷରୁ ଧାର୍ଯ୍ୟ ୨୩୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ବେଙ୍ଗାଲୁରୁ ଗୋଟିଏ ବଲ୍ ପୂର୍ବରୁ ୧୮୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବରୁ ପ୍ଲେ ଅଫ୍‌ରେ ସ୍ଥାନ ପକ୍କା କରିସାରିଥିବା ବେଙ୍ଗାଲୁରୁ ୧୩ ମ୍ୟାଚରୁ ୪ର୍ଥ ପରାଜୟ ସହ ୧୭ ପଏଣ୍ଟ ପାଇ ତୃତୀୟ ସ୍ଥାନକୁ ଖସିଯାଇଛି। ଅପରପକ୍ଷରେ ହାଇଦରାବାଦ ୧୩ତମ ମ୍ୟାଚରୁ ୫ମ ବିଜୟ ସହିତ ୧୧ ପଏଣ୍ଟ ପାଇ ୮ମ ସ୍ଥାନରେ ସ୍ଥିର ରହିଛି। ହାଇଦରାବାଦ ପୂର୍ବରୁ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିସାରିଛି।

୨୩୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ବେଙ୍ଗାଲୁରୁ ପ୍ରଥମ ୱିକେଟ୍‌ରେ ୭ ଓଭରରେ ୮୦ ରନ ଉଠାଇଥିଲା। ଓପନର୍ ବିରାଟ କୋହଲି ୨୫ ବଲରେ ୭ ଚୌକା ଓ ୧ ଛକା ସହ ୪୩ ରନ କରି ପ୍ରଥମେ ଆଉଟ୍ ହୋଇଥିଲେ। ପରେ ଅନ୍ୟତମ ଓପନର୍ ଫିଲ୍ ସଲ୍ଟ ୪ ଚୌକା ଓ ୫ ଛକା ସହ ୩୨ ବଲରେ ୬୨ ରନ କରି ଆଉଟ୍ ହୋଇଥିଲେ। ଏହାପରେ ମଧ୍ୟକ୍ରମ ବ୍ୟାଟିଂ ବିଫଳତା ଯୋଗୁ ବେଙ୍ଗାଲୁରୁ ୧୯.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୯ ରନ କରିବାକୁ ସମର୍ଥ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୀତେଶ ଶର୍ମା ୨୪, ରଜତ ପଟିଦାର ୧୮, ମୟଙ୍କ ଅଗରୱାଲ ୧୧, କ୍ରୁନାଲ ପାଣ୍ଡ୍ୟା ୮, ଟିମ୍ ଡେଭିଡ୍ ୧ ରନ କରିଥିବାବେଳେ ରୋମାରିଓ ସେଫର୍ଡ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ହାଇଦରାବାଦ୍ ପାଇଁ ଅଧିନାୟକ ପ୍ୟାଟ୍ କମିନ୍ସ ସର୍ବାଧିକ ୩, ଏଶାନ ମାଲିଙ୍ଗା ୨ଟି ୱିକେଟ୍ ନେଇଥିଲେ। ପୂର୍ବରୁ ଏହି ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର କାମଚଳା ଅଧିନାୟକ ଜୀତେଶ ଶର୍ମା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନରାଇଜର୍ସ ହାଇଦରାବାଦ୍ ଇଶାନ କିଶାନଙ୍କ ଅପରାଜିତ ୯୪ ରନ ବଳରେ ୬ ୱିକେଟ୍‌ରେ ୨୩୧ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ସ୍କୋର କରିପାରିଥିଲା। ଇଶାନ ତାଙ୍କ ୪୮ ବଲ୍ ପାଳିରେ ୭ ଚୌକା ଓ ୫ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ଶର୍ମା ୩୪, ହେନରିଚ କ୍ଲାସେନ ୨୪, ଅନିକେତ ବର୍ମା ୨୬, ଟ୍ରାଭିସ ହେଡ୍ ୧୭, ପ୍ୟାଟ୍ କମିନ୍ସ ଅପରାଜିତ ୧୩ ରନ କରିଥିଲେ। ବୋଲିଂରେ ବେଙ୍ଗାଲୁରୁର ରୋମାରିଓ ସେଫର୍ଡ ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ।

### ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୩ | ୯ | ୪ | ୦ | ୧୮ | +୦.୬୦୨ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୩ | ୬ | ୬ | ୧ | ୧୩ | -୦.୦୧୯ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| ହାଇଦରାବାଦ୍ | ୧୩ | ୫ | ୭ | ୧ | ୧୧ | -୧.୭୪୦ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |



### ଆଇପିଏଲ୍‌ରେ ଆଜି

**ପଞ୍ଜାବ** ବନାମ **ଦିଲ୍ଲୀ**

ଜୟପୁର / ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

**ପଞ୍ଜାବ କିଙ୍ଗ୍‌ସ ମାଲିକଙ୍କ ମଧ୍ୟରେ ବିବାଦ**


# ନେସ୍ ୱାଡିଆ, ମୋହିତ ବର୍ମନଙ୍କୁ କୋର୍ଟକୁ ଟାଣିଲେ ପ୍ରୀତି



ଚଣ୍ଡିଗଡ଼, ୨୩।୫ (ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଅନ୍ୟତମ ଚର୍ଚ୍ଚିତ ଫ୍ରାଞ୍ଚାଇଜ୍ ପଞ୍ଜାବ କିଙ୍ଗ୍‌ସର ମାଲିକମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଏବେ କୋର୍ଟରେ ପହଞ୍ଚିଛି। ଦଳର ଅନ୍ୟତମ ମାଲିକ ତଥା ବଲିଉଡ ଅଭିନେତ୍ରୀ ପ୍ରୀତି ଜିଣ୍ଟା ନିଜର ସହ ମାଲିକ ତଥା ନିର୍ଦ୍ଦେଶକ ନେସ୍ ୱାଡିଆ ଓ ମୋହିତ ବର୍ମନଙ୍କ ବିରୋଧରେ ଚଣ୍ଡିଗଡ଼ର ଏକ ଅଦାଲତରେ ମାମଲା ରୁଜୁ କରିଛନ୍ତି। ଏହି ବିବାଦ ଏକ୍ସଟ୍ରା ଅର୍ଡିନାରୀ ଜେନେରାଲ (ଇଜିଏମ୍) ବୈଠକରେ ସୃଷ୍ଟି ହୋଇଥିଲା ଓ ବିଭିନ୍ନ ନିଷ୍ପତ୍ତି ନେଇ ମାଲିକମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ସୃଷ୍ଟି ହୋଇଥିଲା।

ପ୍ରୀତି, ୱାଡିଆ ଓ ମୋହିତ କେପିଏଚ୍ ଡ୍ରିମ୍ କ୍ରିକେଟ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ରହିଛନ୍ତି। ଏହି କମ୍ପାନୀ ପଞ୍ଜାବ କିଙ୍ଗସର ମାଲିକାନା ହାସଲ କରିଛି। ୨୦୦୮ରେ ଏହି କମ୍ପାନୀ ସ୍ଥାପିତ ହୋଇଥିଲା। ମୋହିତ ଓ ୱାଡିଆ ପ୍ରୀତି ଜିଣ୍ଟାଙ୍କ ଭଳି ପଞ୍ଜାବ କିଙ୍ଗସ ଦଳର ସହ- ମାଲିକ ରହିଛନ୍ତି। ଗତ ଏପ୍ରିଲ ୨୧ରେ ଇଜିଏମ୍‌ର ବୈଠକ ବସିଥିଲା। କିନ୍ତୁ ପ୍ରୀତି ଏହି ବୈଠକ ବୈଧତାକୁ ନେଇ ଚ୍ୟାଲେଞ୍ଜ୍ କରିଛନ୍ତି। ଏହି ବୈଠକ ବସିବାରେ କମ୍ପାନୀର ୨୦୧୩ ଅଧିନିୟମ ଓ ନିୟମଗୁଡିକ ଅନୁସାରେ ଉଚିତ ପ୍ରକ୍ରିୟାର ପାଳନ କରାଯାଇନାହିଁ ବୋଲି ପ୍ରୀତି ପ୍ରଶ୍ନ ଉଠାଇଛନ୍ତି। ଏପ୍ରିଲ ୧୦ରେ ସେ ଏ ନେଇ ଏକ ଇ-ମେଲ ଜରିଆରେ ଆପତ୍ତି ଉଠାଇଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଇଛି। ମୋହିତ ଓ ୱାଡିଆଙ୍କ ସମର୍ଥନରେ ହିଁ ଏହି ବୈଠକ ବସିଛି। ଏହି ବୈଠକରେ ଭାଗ ନେଇଥିଲେ ମଧ୍ୟ ପ୍ରୀତ୍ ଏହାକୁ ଅବୈଧ ଘୋଷିତ କରିବାକୁ କୋର୍ଟଙ୍କୁ ନିବେଦନ କରିଛନ୍ତି। ମୁନୀଶ ଖାନ୍ନାଙ୍କୁ ନିର୍ଦ୍ଦେଶକ ରୂପେ ନିଯୁକ୍ତି କରିବାର ନିଷ୍ପତ୍ତିକୁ ସେ ବିରୋଧ କରିଛନ୍ତି ଓ ନିଆଯାଇଥିବା ଅନ୍ୟ ନିଷ୍ପତ୍ତିକୁ ରଦ୍ଦ କରିବାକୁ ସେ ଅପିଲ କରିଛନ୍ତି। ଉଲ୍ଲେଖଥାଉ କି, ୨୦୦୮ରେ ପ୍ରୀତି, ୱାଡିଆ, ମୋହିତ ଓ କରଣ ପଲ ପାଖାପାଖି ୩୦୪ କୋଟି ଟଙ୍କାରେ ସେତେବେଳେର କିଙ୍ଗସ ଏକାଦଶ ପଞ୍ଜାବ ଦଳକୁ କ୍ରୟ କରିଥିଲେ। ଚଳିତ ସଂସ୍କରଣରେ ପଞ୍ଜାବ ଦମ୍‌ଦାର ପ୍ରଦର୍ଶନ କରି ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରି ଟାଇଟଲ ହାସଲ କରିବା ଆଶା ସୃଷ୍ଟି କରିଛି।

# ଆଇପିଏଲ୍‌ରେ ଶତକ; ମିଚେଲ ୧୧ତମ ଅଷ୍ଟ୍ରେଲୀୟ



ଅହମ୍ମଦାବାଦ, ୨୩।୫ (ଏଜେନ୍ସି): ଆଇପିଏଲ୍‌ର ୬୪ତମ ମ୍ୟାଚରେ ଗୁରୁବାର ରାତିରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ୩୩ ରନରେ ସନ୍‌ରାଇଜର୍ସ ହାଇଦରାବାଦକୁ ପରାସ୍ତ କରିଛି। ଏହି ମ୍ୟାଚରେ ସୁପର୍ ଜାଏଣ୍ଟସର ଅଷ୍ଟ୍ରେଲୀୟ ବ୍ୟାଟର୍ ମିଚେଲ ମାର୍ଶ ୬୪ ରନରେ ୧୧୭ ରନର ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଆଇପିଏଲ୍‌ର ୧୮ ବର୍ଷର ଇତିହାସରେ ମିଚେଲ ୧୧ତମ ଅଷ୍ଟ୍ରେଲୀୟ ବ୍ୟାଟର୍ ଭାବେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଥିଲେ। ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି ପ୍ରଥମ ଅଷ୍ଟ୍ରେଲୀୟ ଭାବେ ମିଚେଲଙ୍କ ଭାଇ ତଥା ସନ୍ ମାର୍ଶ ପ୍ରଥମ ସଂସ୍କରଣରେ (୨୦୦୮ ମେ ୨୮ରେ) କିଙ୍ଗ୍‌ସ ଇଲେଭେନ ପଞ୍ଜାବ ପକ୍ଷରୁ ଖେଳି ରାଜସ୍ଥାନ ବିପକ୍ଷରେ ଶତକ ମାରିଥିଲେ। ଆଇପିଏଲ୍‌ରେ ଶତକ ହାସଲ କରିଥିବା ଅନ୍ୟ ଅଷ୍ଟ୍ରେଲୀୟ ବ୍ୟାଟର୍‌ମାନେ ହେଲେ ଡେଭିଡ୍ ୱାର୍ନର, ଆଦାମ ଗିଲ୍‌କ୍ରିଷ୍ଟ, ଆଣ୍ଡ୍ରିଉ ସାଇମଣ୍ଡସ, ମାଇକ ହସୀ, ଶେନ ୱାଟସନ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ୍, କାମେରନ ଗ୍ରୀନ ଓ ମାର୍କସ ଷ୍ଟୋଇନିସ।

# ଡି ଭିଲର୍ସଙ୍କ ସମକକ୍ଷ ହେଲେ ଫୋର୍ଡ



ଡବ୍‌ଲିନ୍, ୨୩।୫ (ଏଜେନ୍ସି): ୱେଷ୍ଟଇଣ୍ଡିଜର ଦ୍ରୁତ ବୋଲର ମାଥ୍ୟୁ ଫୋର୍ଡ ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସି ଦିନିକିଆ କ୍ରିକେଟ୍ ଇତିହାସର ସବୁଠୁ ଦ୍ରୁତତମ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଶୁକ୍ରବାର ଏଠାରେ ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଫୋର୍ଡ ଏହି ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ଫୋର୍ଡ ମାତ୍ର ୧୬ ବଲ୍‌ରେ ତାଙ୍କ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହିକ୍ରମରେ ସେ ଦକ୍ଷିଣ ଆଫ୍ରିକାର ପୂର୍ବତନ ବ୍ୟାଟର୍ ଏବି ଡି ଭିଲର୍ସଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ୨୦୧୫ରେ ଡି ଭିଲର୍ସ ୱେଷ୍ଟଇଣ୍ଡିଜ ବିପକ୍ଷରେ ସମାନ ୧୬ ବଲ୍ ଖେଳି ୧୦ ବର୍ଷ ହେଲା ଏହି ବିଶ୍ୱରେକର୍ଡର ଅଧିକାରୀ ରହିଥିଲେ। ଫୋର୍ଡ ଆଜି ତାଙ୍କର ବିଧ୍ୱଂସୀ ପାଳିରେ ୮ ଛକା ଓ ୨ ଚୌକା ସହ ମୋଟ୍ ୧୯ ବଲ୍ ଖେଳି ୫୮ ରନରେ ଆଉଟ୍ ହୋଇଥିଲେ। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୫୦ ଓଭରରେ ୮ ୱିକେଟ୍ ହରାଇ ୩୫୨ ରନର ସମ୍ମାନଜନକ ସ୍କୋର କରିଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ୧୨୪ ରନରେ ଜିତି ଆୟର୍ଲାଣ୍ଡ ୧-୦ରେ ଅଗ୍ରଣୀ ରହିଛି।

**ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ**

# ସେମିରେ ଶ୍ରୀକାନ୍ତ; ଧ୍ରୁବ- ତନିଶା ବିଦା

କ୍ୱାଲାଲମ୍ପୁର,୨୩।୫(ଏଜେନ୍ସି): ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର-୫୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ପୁରୁଷ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ଏକକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ୩୨ ବର୍ଷୀୟ ଶ୍ରୀକାନ୍ତ ୨୪-୨୨, ୧୭-୨୧, ୨୨-୨୦ରେ ଫ୍ରାନ୍ସର ତୋମା ଜୁନିଅର ପୋପୋଭଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ବିଶ୍ୱର ପୂର୍ବତନ ୧ ନଂ ଖେଳାଳି ତଥା ବିଶ୍ୱ ଚାମ୍ପିଅନ, ଏସୀୟ କ୍ରୀଡ଼ା ରୌପ୍ୟ ପଦକ ବିଜେତା ଶ୍ରୀକାନ୍ତ ସେମିରେ ଜାପାନର ୟୁଶି ତାନାକାଙ୍କୁ ଭେଟିବେ। ସେହିପରି ଭାରତୀୟ ମିଶ୍ରିତ ଯୁଗଳ ଯୋଡି ଧ୍ରୁବ କପିଳ ଓ ତନିଶା କ୍ରାଷ୍ଟୋ କ୍ୱାର୍ଟରଫାଇନାଲରେ ୨୨-୨୪, ୧୩-୨୧ରେ ମାତ୍ର ୩୫ ମିନିଟ୍‌ରେ ଟପ୍ ସିଡ୍ ଯୋଡି ଚୀନର ଜିଆଙ୍ଗ ଝେନ୍ ବାଙ୍ଗ ଓ ୱେଇ ୟା ଜିନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳିମାନେ ସେମାନଙ୍କ ଅଭିଯାନ ଶେଷ କରିସାରିଛନ୍ତି।

# ଶାରୀରିକ ଓ କ୍ରୀଡ଼ା ଶିକ୍ଷାରେ ନୂଆ ସ୍ନାତକ ପାଠ୍ୟକ୍ରମ ସାମିଲ କଲା କିଟ୍

ଭୁବନେଶ୍ୱର,୨୩।୫(ଏଜେନ୍ସି): କ୍ରୀଡ଼ା ଓ ଶାରୀରିକ ଶିକ୍ଷାର ଉନ୍ନତି ତଥା ପ୍ରଚାର ଓ ପ୍ରସାର ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ନୂଆ ପାଠ୍ୟକ୍ରମ ସାମିଲ କରିଛି। ଚଳିତ ବର୍ଷଠାରୁ କିଟ୍ ବ୍ୟାଚଲର ଅଫ୍ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ (ବିପିଇଏସ୍) ପ୍ରୋଗ୍ରାମକୁ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ୟୋଗିକ୍ ସାଇନ୍ସରେ ସାମିଲ କରିଛି। ଏଥିପାଇଁ ୨୦୨୦ ଜାତୀୟ ଶିକ୍ଷାନୀତି ଓ ୟୁଜିସି ନିୟମାବଳୀ ଅନୁସାରେ ଏକ ୪ ବର୍ଷୀୟା ଅନର୍ସ ଡିଗ୍ରୀ ପାଠ୍ୟକ୍ରମ ସ୍ଥିରିକୃତ କରାଯାଇଛି। ଏଥିରେ ୧୦୦ଟି ସିଟ୍ ଉପଲବ୍ଧ ହେବ। ଏହି ନୂଆ ପାଠ୍ୟକ୍ରମ ବାବଦରେ ସର୍ଟିଫିକେଟ, ପ୍ରମାଣପତ୍ର, ଡିପ୍ଲୋମା, ବ୍ୟାଚଲର ଓ ରିସର୍ଚ୍ଚ ସହ ଅନର୍ସ ଭଳି ବିକଳ୍ପ ଛାତ୍ରଛାତ୍ରୀ ପାଇଁ ଉପଲବ୍ଧ ରହିବ।

### ସ୍ଥାପନ ହେବ ଲିଆଣ୍ଡର - ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ

ବିଭିନ୍ନ କ୍ରୀଡ଼ାର ଉନ୍ନତୀ ଓ ବିଶ୍ୱସ୍ତରୀୟ ଆଥଲେଟ୍ ସୃଷ୍ଟି କରିବାକୁ କିଟ୍‌ରେ ଲିଆଣ୍ଡର ପେସ୍- ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ ସ୍ଥାପନ ହେବ। ଏଥିପାଇଁ କିଟ୍ ଓ କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍‌ଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ୧୬ଟି କ୍ରୀଡ଼ାରେ ଖେଳାଳିମାନଙ୍କୁ ଏହି ଏକାଡେମୀରେ ପ୍ରଶିକ୍ଷଣ ଦିଆଯିବ ଓ ଏଥିପାଇଁ ବିଶ୍ୱସ୍ତରୀୟ କୋଚିଂ ବ୍ୟବସ୍ଥା ସହ ମେଣ୍ଟରସିପ୍ ପ୍ରଦାନ କରାଯିବ। କିଟ୍‌ରେ ପ୍ରାୟ ସବୁ କ୍ରୀଡ଼ାରେ ଯଥା କ୍ରିକେଟ, ଆର୍ଚେରୀ, ରଗ୍‌ବୀ, ବ୍ୟାଡମିଣ୍ଟନ, ଭଲିବଲ, ଦୌଡ଼କୁଦ, ଭାରୋତ୍ତୋଳନ ଓ ଚେସ୍‌ରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ସ୍ଥାପନ ହୋଇଛି। ଏଠାରେ ମଧ୍ୟ ପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ସଫଳତାର ସହ ଆୟୋଜିତ ହୋଇଛି।

**ଜାନୁସ୍ କୁସୋସିନ୍‌ସ୍କି ସ୍ମାରକୀ ଆଥଲେଟିକ୍ସ ମିଟ୍**

# ନୀରଜଙ୍କୁ ରୌପ୍ୟ; ୱେବରଙ୍କ ବାଜିମାତ୍



ୱାରସା (ପୋଲାଣ୍ଡ), ୨୩।୫(ଏଜେନ୍ସି): ଭାରତୀୟ ଆଥଲେଟିକ ସୁପରଷ୍ଟାର ତଥା ଜାଭେଲିନ୍ ଫିଙ୍ଗାଳୀ ନୀରଜ ଚୋପ୍ରା ପୋଲାଣ୍ଡର ଚୋରଜୋଠାରେ ଶୁକ୍ରବାର ରାତିରେ ଅନୁଷ୍ଠିତ ୭୧ତମ ଜାନୁସ କୁସୋସିନ୍‌ସ୍କି ଆଥଲେଟିକ୍ସ ମିଟ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ନୀରଜ ତାଙ୍କ ଦ୍ୱିତୀୟ ପ୍ରୟାସରେ ୮୪.୧୪ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ। ଜର୍ମାନୀର ଜୁଲିଏନ୍ ୱେବର ୮୬.୧୨ ମିଟର ଫିଙ୍ଗି ସ୍ୱର୍ଣ୍ଣପଦକ ହାତେଇ ନେଇଥିଲେ। ସେହିଭଳି ଗ୍ରେନେଡାର ଆଣ୍ଡରସନ ପିଟର୍ସ ୮୩.୨୪ ମିଟର ସହ କାଂସ୍ୟ ପଦକ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ, ୧୯୫୪ରେ ପୋଲାଣ୍ଡର ଜଣାଶୁଣା ଆଥଲେଟ୍ ଜାନୁସ୍ କୁସୋସିନସ୍କିଙ୍କ ସ୍ମୃତିରେ ଏହି ଇଭେଣ୍ଟ ନିୟମିତ ଭାବେ ଆୟୋଜିତ ହୋଇଆସୁଛି। ଜାନୁସ୍ ୧୯୩୨ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ୧୦,୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଗତ ସପ୍ତାହରେ ଦୋହାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍‌ରେ ୨୭ ବର୍ଷୀୟ ନୀରଜ ପ୍ରଥମଥର ପାଇଁ ୯୦ମିଟରର ଅଧିକ ଦୂରତା ଥ୍ରୋ କରି ନୂଆ ରେକର୍ଡ ସୃଷ୍ଟି କରିଥିଲେ।

# ୩ ଶତକ; ଇଂଲଣ୍ଡ ୫୬୫/୬ ଘୋଷଣା

ନଟିଂହାମ, ୨୩।୫ (ଏଜେନ୍ସି): ଭ୍ରମଣକାରୀ ଜିମ୍ବାୱେ ବିପକ୍ଷରେ ଏଠାରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ଘରୋଇ ଇଂଲଣ୍ଡ ଦମ୍‌ଦାର ପ୍ରଦର୍ଶନ କରି ଶୁକ୍ରବାର ଦ୍ୱିତୀୟ ଦିବସରେ ୯୬.୩ ଓଭରରେ ୬ ୱିକେଟ୍ ହରାଇ ୫୬୫ ରନରେ ପାଳି ଘୋଷଣା କରିଛି। ଜବାବରେ ଜିମ୍ବାୱେ ପ୍ରଥମ ଇନିଂସ ଆରମ୍ଭ କରି ଶେଷ ଖବର ସୁଦ୍ଧା ବ୍ରାଏନ ବେନେଟଙ୍କ ଅପରାଜିତ ୧୩୪ ରନ ବଳରେ ୫ ୱିକେଟ୍ ହରାଇ ୨୪୦ ରନ କରିଛି। ଦଳ ଆହୁରି ୩୨୫ ରନ ପଛରେ ରହିଛି। ପୂର୍ବରୁ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ଇଂଲଣ୍ଡ ଆଗଧାଡ଼ିର ୩ ବ୍ୟାଟର୍‌ଙ୍କ ଶତକ ବଳରେ ୩ ୱିକେଟ୍ ହରାଇ ୪୯୮ ରନ ସଂଗ୍ରହ କରିଛି। ଦୁଇ ଓପନର୍ ଜ୍ୟାକ୍ କ୍ରାଲୀ ୧୨୪ ଓ ବେନ୍ ଡକେଟ୍ଟ ୧୪୦ ରନ କରି ଆଉଟ୍ ହୋଇଛନ୍ତି। ସେହିଭଳି ନଂ-୩ରେ ଆସିଥିବା ଓଲି ପୋପ୍ ୧୭୧ ରନ କରିଥିଲେ। ଇଂଲଣ୍ଡ ଟେଷ୍ଟ କ୍ରିକେଟ୍ ଇତିହାସରେ ୪ର୍ଥଥର ଲାଗି ଗୋଟିଏ ଇନିଂସରେ ବ୍ୟାଟିଂକ୍ରମର ପ୍ରଥମ ୩ଜଣ ବ୍ୟାଟର୍ ଶତକ ହାସଲ କରିଛନ୍ତି। ତେବେ ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି କ୍ରାଲୀ, ଡକେଟ୍ଟ ଓ ପୋପ୍ ଦ୍ୱିତୀୟଥର ଲାଗି ଏହି ସଫଳତା ପାଇଛନ୍ତି। ୨୦୨୨ରେ ରାୱଲପିଣ୍ଡିରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଟେଷ୍ଟରେ ଏହି ୩ଜଣ ବ୍ୟାଟିଂକ୍ରମର ପ୍ରଥମ ୩ଟି ସ୍ଥାନରେ ଆସି ଶତକ ହାସଲ କରିଥିଲେ। ଟେଷ୍ଟ କ୍ରିକେଟ୍‌ରେ ଗୋଟିଏ ଦିବସରେ ସର୍ବାଧିକ ରନ ଇଂଲଣ୍ଡ ନାମରେ ରହିଛି।

# ଟେଷ୍ଟରୁ ଅବସର ନେବେ ଆଞ୍ଜେଲୋ ମାଥ୍ୟୁସ୍



କଲମ୍ବୋ,୨୩।୫(ଏଜେନ୍ସି): ଶ୍ରୀଲଙ୍କା ପୂର୍ବତନ ଅଧିନାୟକ ତଥା ଅଭିଜ୍ଞ ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ୍ ଖୁବଶୀଘ୍ର ଟେଷ୍ଟ କ୍ରିକେଟରେ ଅବସର ନେବେ ବୋଲି ଘୋଷଣା କରିଛନ୍ତି। ଜୁନ୍ ୧୭ରୁ ୨୧ ମଧ୍ୟରେ ଗାଲେରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବା ପରେ ସେ ଟେଷ୍ଟକୁ ଅଲବିଦା କରିବେ। ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେବା ପାଇଁ ଅବସର ନେଉଛି ବୋଲି ୩୭ ବର୍ଷୀୟ ମାଥ୍ୟୁସ୍ କହିଛନ୍ତି। ୨୦୦୯ରେ ଗାଲେରେ ହିଁ ସେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ସେ ମାତ୍ର ୨୫ ବର୍ଷ ବୟସରେ ଇଂଲଣ୍ଡରେ ନେତୃତ୍ୱ ନେଇ ଦେଶର ସର୍ବକନିଷ୍ଠ ଯୁବ ଅଧିନାୟକ ବିବେଚିତ ହୋଇଥିଲେ। ସେ ଟେଷ୍ଟରେ ଜଣେ ବ୍ୟାଟିଂ ଅଲରାଉଣ୍ଡର ଭାବେ ସୁଯୋଗ ପାଇଥିଲେ। ୧୬ ବର୍ଷର ଦୀର୍ଘ ଟେଷ୍ଟ କ୍ୟାରିଅରରେ ସେ ୧୧୮ଟି ଟେଷ୍ଟ ଖେଳି ୪୪.୬୨ ହାରରେ ୮୧୬୭ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୧୬ଟି ଶତକ ଓ ୪୫ଟି ଅର୍ଦ୍ଧଶତକ ସାମିଲ ରହିଛି। ସେ ମଧ୍ୟ ଡାହାଣହାତୀ ମିଡିୟମ ପେସ୍ ବୋଲିଂ କରି ୩୩ଟି ୱିକେଟ ଅକ୍ତିଆର କରିଛନ୍ତି। ସେ ଶ୍ରୀଲଙ୍କା ପାଇଁ ୨୨୬ ଦିନିକିଆ ଓ ୯୦ଟି ଟି-୨୦ ମ୍ୟାଚ୍ ମଧ୍ୟ ଖେଳିଛନ୍ତି।

**● ଡବ୍ଲ୍ୟୁଟିସି ଫାଇନାଲ**

# ପରିଚାଳନା ଦାୟିତ୍ୱରେ ଶ୍ରୀନାଥ, ମେନନ

ଲଣ୍ଡନ, ୨୩।୫ (ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ୍ ଜୁନ ୧୧ରୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଫାଇନାଲରେ ପରସ୍ପର ସାମ୍ନାସାମ୍ନି ହେବେ। ଗତ ଦୁଇଟି ସଂସ୍କରଣରେ ରନର୍ସଅପ୍ ରହିଥିବା ଭାରତୀୟ କ୍ରିକେଟ୍ ଦଳ ଏଥର ଫାଇନାଲରେ ପ୍ରବେଶ କରିପାରିବାରେ ବିଫଳ ହୋଇଛି। ତେବେ ଦୁଇଜଣ ଭାରତୀୟଙ୍କୁ ପ୍ରତ୍ୟେକ୍ଷ ଭାବେ ଫାଇନାଲ ମ୍ୟାଚରେ ଜଡ଼ିତ ଥିବାର ଦେଖିବାକୁ ମିଳିବ। ଜାଭାଗଲ ଶ୍ରୀନାଥ ଓ ନିତିନ ମେନନ ଆଇସିସି ପକ୍ଷରୁ ଶୁକ୍ରବାର ଫାଇନାଲ ମ୍ୟାଚ୍ ପରିଚାଳନା ଲାଗି ଅମ୍ପାୟର ଓ ରେଫରୀଙ୍କ ନାମ ଘୋଷଣା କରାଯାଇଛି।

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

# ଶୁଭାଶିଷଙ୍କ ଶତକ; ଭୁବନେଶ୍ୱର-ବି ବିଜୟୀ

କଟକ,୨୩।୫(ସମିସ)

ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୯ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ରେ ଭୁବନେଶ୍ୱର-ବି ୬୯ ରନରେ ନୟାଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ୭ ୱିକେଟ ବିନିମୟରେ ୨୩୬ ରନ କରିଥିଲା। ଶୁଭାଶିଷ ମଲ୍ଲିକ ୧୨୪ବଲରୁ ୧୦୯ ରନର ଶତକୀୟ ପାଳି ଖେଳିଥିଲେ। ସିଦ୍ଧାର୍ଥ ବେହେରା ୩୯ ବଲରୁ ଦ୍ରୁତ ୫୧ରନ ସଂଗ୍ରହ କରିଥିଲେ। ନୟାଗଡ଼ର ରିକି ମହାନ୍ତିଙ୍କୁ ୨ଟି ୱିକେଟ ମିଳିଥିଲା। ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ୭୨ ରନ ସତ୍ତ୍ୱେ ନୟାଗଡର ପାଳି ୧୬୭ ରନରେ ସୀମିତ ରହିଥିଲା। ବିଜୟୀ ଭୁବନେଶ୍ୱର-ବି ପକ୍ଷରୁ ସୋହମ ପଟ୍ଟନାୟକ ୫ଟି ୱିକେଟ ଅକ୍ତିଆର କରିଥିଲେ। ଶତକ ହାସଲ କରିଥିବା ଶୁଭାଶିଷ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।



ଶୁଭାଶିଷ ମଲ୍ଲିକ




ଦିଲ୍ଲୀପ ବିଶୋୟୀ



ଅମନ ବର୍ମା

ଦିଲ୍ଲୀପ ବିଶୋୟୀଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ନବରଙ୍ଗପୁର ୨୦ ରନରେ କିଟ୍‌କୁ ହରାଇଛି। ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ନବରଙ୍ଗପୁର ସମସ୍ତ ୱିକେଟ ହରାଇ ୧୧୭ ରନ କରିଥିଲା। ସାଇ କୁମାର ସର୍ବାଧିକ ୫୨ରନ କରିଥିବା ବେଳେ ଦିଲ୍ଲୀପ ୧୭ରନର ପାଳି ଖେଳିଥିଲେ। ତେବେ ୧୧୮ ରନର ବିଜୟ ଲକ୍ଷ୍ୟକୁ ପିଛା କରି କିଟ୍ ୯୭ରନରେ ଅଲଆଉଟ ହୋଇଥିଲା। ଦିଲ୍ଲୀପ ୨୬ରନ ବ୍ୟୟ କରି ୪ଟି ୱିକେଟ ଅକ୍ତିଆର କରିବା ସହିତ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସନସାଇନ କ୍ରିକେଟ ଗ୍ରାଉଣ୍ଡରେ ଖୋର୍ଦ୍ଧା ୧୨୩ ରନରେ ବୌଦ୍ଧକୁ ହରାଇଥିଲା। ଖୋର୍ଦ୍ଧା ପକ୍ଷରୁ ଧାର୍ଯ୍ୟ ୨୬୬ ରନର ବିଜୟ ଲକ୍ଷ୍ୟକୁ ପିଛା କରି ବୌଦ୍ଧ ୧୪୨ ରନରେ ଅଲଆଉଟ ହୋଇଥିଲା। ୪ ୱିକେଟ ଦଖଲ କରିଥିବା ରୁଦ୍ର ମଲ୍ଲିକ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ରେଭେନ୍ସାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଯାଜପୁର ୨୦୯ରନରେ ରାୟଗଡାକୁ ହରାଇଥିଲା। ଆଶିଷ ପରିଡାଙ୍କ ୭୨ରନ ଏବଂ ସୌଭାଗ୍ୟ ଧଳଙ୍କ ୬୨ରନ ସହାୟତାରେ ଯାଜପୁର ୭ ୱିକେଟ ବିନିମୟରେ ୨୮୨ରନ ସଂଗ୍ରହ କରିଥିଲା। ରାୟଗଡାର ପାଳି ୭୩ରନରେ ସୀମିତ ରହିବା ସହ ୪ ୱିକେଟ ସଫଳତା ପାଇଥିବା ଯାଜପୁରର ଦୁର୍ଗା ବେହେରା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚ ଗୁଡିକରେ ଭଦ୍ରକ ୧୪ରନରେ ଝାରସୁଗୁଡାକୁ, ସମ୍ବଲପୁର-ବି ୧୨ରନରେ ସୋନପୁରକୁ ହରାଇଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS